
ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୫/୨୦୨୧ (୧୬ ପୃଷ୍ଠା) Balasore, Friday, March 5/2021 ★★★★
୪୭ଶ ଭାଗ ୧୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

DADLS - 79


ଓଡ଼ିଶା ସରକାର



# ପଞ୍ଚାୟତିରାଜ ଓ ଲୋକସେବା ଦିବସ




5T



ମୋ ସରକାର
☎ 14545

ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ମୋ ସରକାର ବିଭିନ୍ନ ପଦକ୍ଷେପ ନେଇଛି । ଗଣତନ୍ତ୍ରରେ ଲୋକ ହିଁ ଶ୍ରେଷ୍ଠ । ବିଜୁବାବୁ ସବୁବେଳେ ସାଧାରଣ ଲୋକର ହକ୍‌କୁ ଗୁରୁତ୍ୱ ଦେଉଥିଲେ । ତେଣୁ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଭାବରେ ପାଳନ କରାଯିବ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା





କରୋନା ସଂକ୍ରମଣ ଭୟାବହତା ସମ୍ପର୍କରେ ସଠିକ୍ ପ୍ରାକ୍ ଆକଳନ, ଏହାକୁ ପ୍ରତିରୋଧ କରିବା ନିମନ୍ତେ ସମୟୋପଯୋଗୀ ପ୍ରତିକାର ବ୍ୟବସ୍ଥା ଏବଂ ଏହାର ସୁପରିଚାଳନା ପାଇଁ ଓଡ଼ିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହେବା ସହ କୋଭିଡ଼ ଟିକାକରଣରେ ମଧ୍ୟ ଅପାର ସଫଳତା ଲାଭ କରିଛି ।

ଲୋକସେବାକୁ ସମୟୋପଯୋଗୀ କରାଇବା ପାଇଁ ୫'ଟି'ର ପ୍ରୟୋଗ । ପୁରୀ ଶ୍ରୀମନ୍ଦିର, ଲିଙ୍ଗରାଜ ଏବଂ କୋଣାର୍କ ପରି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ତୀର୍ଥକ୍ଷେତ୍ରର ରୂପାନ୍ତରଣର ଶୁଭାରମ୍ଭ । ଖୁବ୍‌ଶୀଘ୍ର ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟ ଆରମ୍ଭ ହେବ ।

ଜନମତ ଆଧାରରେ ସରକାରୀ ସେବାରେ ସ୍ୱଚ୍ଛତା ସହିତ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ମୋ ସରକାର' କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସରକାରୀ ବିଭାଗ ସାମିଲ ।

ହିତାଧିକାରୀଙ୍କ ପାଇଁ ପ୍ରୋତ୍ସାହନ, ସ୍ୱଚ୍ଛତା ଏବଂ ବ୍ୟକ୍ତିଗତ ତଦାରଖ ବ୍ୟବସ୍ଥା ଗ୍ରହଣ କରି ଓଡ଼ିଶା ରେକର୍ଡ ସଂଖ୍ୟକ ବାସଗୃହ ନିର୍ମାଣ କରିବାରେ ସଫଳତା ହାସଲ କରିଛି । ୨୦୨୦-୨୧ ବର୍ଷରେ ୨.୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ।

ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟରେ ୪.୭ ଲକ୍ଷ ନଳକୂପ, ପରିମଳ କୂପ ଏବଂ ୧୩,୦୫୦ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ସମସ୍ତ ସହରାଞ୍ଚଳରେ ପାଇପ୍ ଜଳଯୋଗାଣ ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ଦେଶରେ ଅଗ୍ରଣୀ ରାଜ୍ୟ ।

କୋଭିଡ଼ ମହାମାରୀ ସମୟରେ ମଧ୍ୟ ୧.୨୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ସହିତ ଓଡ଼ିଶା ଆଜି ସମଗ୍ର ଦେଶରେ ପୁଞ୍ଜିନିବେଶ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ।

ମିଶନ ଶକ୍ତି କାର୍ଯ୍ୟକ୍ରମରେ ୮୦ ଲକ୍ଷ ମହିଳାଙ୍କୁ ସମ୍ପୃକ୍ତ କରି ସେମାନଙ୍କ ସଶକ୍ତିକରଣ ସହ ବିଭିନ୍ନ ସରକାରୀ ଯୋଜନାରେ ଜୀବିକାର୍ଜନ ଏବଂ ଔଦ୍ୟୋଗିକ ସଫଳତା ହାସଲ ପାଇଁ ତାଲିମ ପ୍ରଦାନ କରାଯାଉଛି ।

ମମତା ଯୋଜନାରେ ରାଜ୍ୟର ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୨୧୩୩ କୋଟି ଟଙ୍କାର ସହାୟତା ରାଶି ସିଧାସଳଖ ହସ୍ତାନ୍ତର ।

ଯୁବ ଉଦ୍ୟୋଗୀମାନଙ୍କ ଔଦ୍ୟୋଗିକ ବିକାଶ ପାଇଁ ଷ୍ଟାର୍ଟଅପ୍ ଓଡ଼ିଶା ନୀତି ଏବଂ ଷ୍ଟାର୍ଟଅପ୍ ଓଡ଼ିଶା ପୋର୍ଟାଲ୍ କାର୍ଯ୍ୟକାରୀ ।

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜକୁ ଏମ୍ସ-ପ୍ଲସ୍ ଅନୁଷ୍ଠାନ ଭାବେ ଗଢ଼ିତୋଳିବା ପାଇଁ ୩୫୦୦ କୋଟି ଟଙ୍କା ବିନିଯୋଗ ।

ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ଓଡ଼ିଶାକୁ କ୍ରୀଡ଼ାର ଏକ ପ୍ରମୁଖ କ୍ଷେତ୍ରରେ ପରିଣତ କରିବା ପାଇଁ ଆମ ସରକାର ପ୍ରତିବଦ୍ଧ । ରାଉରକେଲାଠାରେ ନିର୍ମିତ ହେଉଛି ଦେଶର ସର୍ବବୃହତ୍ ହକି ଷ୍ଟାଡ଼ିୟମ୍ ଏବଂ ଭୁବନେଶ୍ୱର ସହିତ ମିଶି ରାଉରକେଲା ଆୟୋଜନ କରିବ ଆଗାମୀ ୨୦୨୩ ବିଶ୍ୱକପ୍ ହକି ।

ପରିଦୃଶ୍ୟ ପରିବର୍ତ୍ତନ ସହ ଏକ ନୂଆ ଓଡ଼ିଶା ଗଢ଼ିବା ପାଇଁ ଆମେ ପ୍ରତିବଦ୍ଧ ।

OIPR-15001/13/0129/2021

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ସୂଚନା ଓ ଲୋକସମ୍ପର୍କ ବିଭାଗ

DSPL - 236

TRANSPARENCY
TECHNOLOGY
TEAMWORK
TIME
TRANSFORMATION

ଓଡ଼ିଶା ସରକାର

ODISHA ONE
ଓଡ଼ିଶା ଆମ ଗୌରବ



ଲୋକ ସେବାରେ

# ମୋ ସେବା କେନ୍ଦ୍ର

ଏବଂ

# ଓଡ଼ିଶା ୱାନ୍ ପୋର୍ଟାଲ୍

ODISHA ONE
UNIFIED CITIZEN PORTAL

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭ ଉଦ୍‌ଘାଟନ**

୫ ମାର୍ଚ୍ଚ ୨୦୨୧ || ଦିବା ୧୧.୩୦ ଘଟିକା

ocac
Odisha Computer Application Centre

SAHAJ

OIPR-16003/13/0009/2021

# ଧରିତ୍ରୀ
DHARITRI






**ଷ୍ଟଣ୍ଟ୍ ଟ୍ରେନିଂ ନେଉଛନ୍ତି କ୍ୟାଟ୍ରିନା**
ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଦକ୍ଷିଣ କୋରିଆ ଟିମ୍ ସହ ଆକ୍ସନ ସିନ୍ ଶିଖିବା ପାଇଁ ୧୪ ଦିନିଆ ଟ୍ରେନିଂ ନେଉଛନ୍ତି।
୦୨

୦୯
**ବିଶ୍ୱ ରେକର୍ଡ ସମକକ୍ଷ ହେଲେ ପୋଲାର୍ଡ**
ଶ୍ରୀଲଙ୍କା ବିପକ୍ଷ ଟି୨୦ରେ ଗୋଟିଏ ଓଭରରେ ୬ଟି ଛକା ମାରି ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି।



## ଇପିଏଫ୍‌ଓ ସୁଧ ହାର ଅପରିବର୍ତ୍ତିତ




**ନୂଆଦିଲ୍ଲୀ,୪।୩:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ) ଗୁରୁବାର ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସୁଧ ହାରକୁ ଅପରିବର୍ତ୍ତିତ ୮.୫% ରଖିଛି। ଆର୍ଥିକ ବର୍ଷ ୨୦୨୦-୨୧ ଲାଗି ସୁଧହାରରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଇପିଏଫ୍‌ଓର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। କରୋନା ଯୋଗୁ ଲୋକମାନେ ସମସ୍ୟାରେ ରହିଥିବାରୁ ଭବିଷ୍ୟନିଧି ପାଣ୍ଠିରୁ ବୃହତ୍ ପରିମାଣର ଉଠାଣ କରୁଥିଲେ। ଇପିଏଫ୍‌ଓ ସୁଧହାରକୁ କମାଇବା ନେଇ ଆଶଙ୍କା କରାଯାଉଥିଲା। ହେଲେ ସୁଧହାର ଅପରିବର୍ତ୍ତିତ ରହିଛି। ୨୦୧୯-୨୦ ସମୟ ଅବଧି ଲାଗି ମାର୍ଚ୍ଚ ୨୦୨୦ରେ ଇପିଏଫ୍‌ଓ ଏହାର ସୁଧହାର ସାତବର୍ଷର ସର୍ବନିମ୍ନ ସ୍ତର ☞ପୃଷ୍ଠା-୨

# କେନ୍ଦ୍ରାପଡ଼ାରେ ମିତ୍ତଲ କରିବ ଷ୍ଟିଲ୍ ପ୍ଲାଣ୍ଟ

ଭୁବନେଶ୍ୱର,୪।୩(ବ୍ୟୁରୋ)



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଶିଳ୍ପପତି ଲକ୍ଷ୍ମୀନିବାସ ମିତ୍ତଲଙ୍କ ଉପସ୍ଥିତିରେ ଗୁରୁବାର ଏମ୍‌ଓୟୁ ସ୍ୱାକ୍ଷରିତ।

- କ୍ଷମତା ୧୨ ନିୟୁତ ଟନ୍
- ଆର୍ସେଲର ମିତ୍ତଲ-ରାଜ୍ୟ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ
- ୫୦ ହଜାର କୋଟିର ପୁଞ୍ଜି ବିନିଯୋଗ ହେବ
- ଜିଲାରେ ତ୍ୱରାନ୍ୱିତ ହେବ ନିଯୁକ୍ତି: ମୁଖ୍ୟମନ୍ତ୍ରୀ
- ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ: ମିତ୍ତଲ

କେନ୍ଦ୍ରାପଡ଼ା ଜିଲାରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ୧୨ ନିୟୁତ ଟନ୍‌ର ଏକ ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଥିପାଇଁ ୫୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏ ନେଇ ଗୁରୁବାର ଲୋକସେବା ଭବନର ନୂଆ କନ୍‌ଭେନଶନ ସେଣ୍ଟରରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏମ୍‌ଓୟୁ ସ୍ୱାକ୍ଷର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆର୍ସେଲର ମିତ୍ତଲ ଅଧ୍ୟକ୍ଷ ଲକ୍ଷ୍ମୀନିବାସ ମିତ୍ତଲ ଉପସ୍ଥିତ ଥିଲେ। ଏମ୍‌ଓୟୁ ସ୍ୱାକ୍ଷର ପୂର୍ବରୁ ବିଶିଷ୍ଟ ଶିଳ୍ପପତି ମିତ୍ତଲ ଗୁରୁବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଓଡ଼ିଶାରେ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବରରେ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ାଠାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରିବା ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ କ୍ଷେତ୍ର ପରିଦର୍ଶନ କରିଥିଲେ। ଏ ନେଇ ଉଭୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରାପଡ଼ାଠାରେ ଇସ୍ପାତ ଶିଳ୍ପ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ମିତ୍ତଲଙ୍କୁ ଅନୁରୋଧ କରିଥିଲେ। ପରେ ଆର୍ସେଲର ମିତ୍ତଲର ଏକ ବୈଷୟିକ ଟିମ୍ ମହାକାଳପଡ଼ା ଅଞ୍ଚଳ ବୁଲି ଫିଜିବିଲିଟି ଷ୍ଟଡି କରିବା ପରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ରାଜି ହୋଇଥିଲେ। ଏହି ପ୍ଲାଣ୍ଟ ପାଇଁ ଇତିମଧ୍ୟରେ ରାଜ୍ୟ ସରକାର ମିତ୍ତଲକୁ କେନ୍ଦୁଝରଠାରେ ଏକ ବୃହତ୍ ଲୁହାପଥର ଖଣି ପ୍ରଦାନ କରିଛନ୍ତି। ଏହାଛଡ଼ା ପାରାଦୀପଠାରେ ଏସାର୍ ଷ୍ଟିଲ୍‌ର ପେଲେଟ ଶିଳ୍ପକୁ ମଧ୍ୟ ମିତ୍ତଲ ଅଧିଗ୍ରହଣ କରିଛି। ମହାକାଳପଡ଼ାରେ ଇସ୍ପାତ ଶିଳ୍ପ ସ୍ଥାପନ ହେଲେ ପେଲେଟ ତିଆରି କରି ବିଦେଶକୁ ରପ୍ତାନି କରିବାକୁ ମିତ୍ତଲକୁ ସୁବିଧା ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ଅଧିକ ଓଡ଼ିଆ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିପାରିବ। ଜିଲାର ଶିଳ୍ପ ବିକାଶ ହେବା ସହ ଲୋକମାନଙ୍କ ଆର୍ଥିକ ବିକାଶରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆବଶ୍ୟକ ଜମି ଯୋଗାଇ ଦେବେ। ଜମି ଅଧିଗ୍ରହଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ପାତ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଏଲ୍.ଏନ୍. ମିତ୍ତଲ କହିଛନ୍ତି। ଏମ୍‌ଓୟୁ ସ୍ୱାକ୍ଷର ବେଳେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।






## ଆଜି ବିଜୁ ଜୟନ୍ତୀ

### ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ ନବୀନ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀ ବିଜେଡି ପକ୍ଷରୁ ପାଳନ କରାଯିବ। ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀ ସ୍ତରରେ ଏହି କାର୍ଯ୍ୟକ୍ରମ ପାଳନ ଲାଗି ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତି ନବୀନ ପଟ୍ଟନାୟକ ସବୁ ବିଧାୟକ, ଏମ୍‌ପି, ଜିଲା ସଭାପତି, ଛାମୁଆ, ମହିଳା ସଙ୍ଗଠନ ନେତ୍ରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟା ସମୟରେ ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ପାଳନ କରାଯିବ। ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ନେତାଙ୍କୁ ନବୀନ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ୧୦ଟା ୪୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଫରେଷ୍ଟ ପାର୍କସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ ବୋଲି ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ସୂଚନା ଦେଇଛନ୍ତି। ଏଥିସହ ଦଳର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ବିଜୁବାବୁଙ୍କ ଜନ୍ମସ୍ଥାନ ଆନନ୍ଦ ଭବନଠାରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ଶୁକ୍ରବାର ସକାଳ ୬ଟାରୁ ଏକ ବିଶାଳ ସାଇକେଲ ☞ପୃଷ୍ଠା-୨

# ଭୁବନେଶ୍ୱର ଦ୍ୱିତୀୟ ବାସୋପଯୋଗୀ

ନୂଆଦିଲ୍ଲୀ, ୪।୩(ପିଆଇବି)

**ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସ**
- ୧୦ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ଶିମଲା ପ୍ରଥମ
- ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସହର ତାଲିକାରେ ବେଙ୍ଗାଲୁରୁ ସର୍ବୋତ୍କୃଷ୍ଟ

ଭାରତରେ ୧୦ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ବାସପୋଯୋଗୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା ରାଜଧାନୀ ଭୁବନେଶ୍ୱର। ଗୃହ ନିର୍ମାଣ ଏବଂ ସହରାଞ୍ଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଗୁରୁବାର ଜାରି କରିଥିବା ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସ-୨୦୨୦ ତାଲିକାରୁ ଏହା ଜଣାପଡ଼ିଛି। ଜୀବନ ଜୀବିକାର ଗୁଣବତ୍ତା, ସହରର ଆର୍ଥିକ ଦକ୍ଷତା, ସ୍ଥିରତା, ରାଜନୀତି ଆଦି ମାନଦଣ୍ଡ ଆଧାରରେ ମୋଟ୍ ୧୦୦ ନମ୍ବରରୁ ଭୁବନେଶ୍ୱରକୁ ୫୯.୮୫% ମିଳିଛି। ଏଥିରେ ଭାଗ ନେଇଥିବା ୧୧୧ ଗୋଟି ସହର ମଧ୍ୟରୁ ନାଗରିକଙ୍କ ମତାମତ ସ୍ତମ୍ଭରେ ଭୁବନେଶ୍ୱରକୁ ୯୪.୮୦ ମିଳିଛି। ଯାହା ଦେଶରେ ସର୍ବାଧିକ। ଭୁବନେଶ୍ୱର ଦ୍ୱିତୀୟ ସ୍ଥାନ ଅଧିକାର କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। ଏହି ତାଲିକାରେ ଶିମ୍ଲା ପ୍ରଥମରେ ଥିବାବେଳେ ଏହା ତଳକୁ ସିଲ୍‌ଭାସା, କାକିନାଡା, ସାଲେମ, ଭେଲ୍ଲୋର, ଗାନ୍ଧୀନଗର, ଗୁରୁଗ୍ରାମ, ଦେବାନାଗରେ ଏବଂ ତିରୁଚିରାପଲ୍ଲୀ ରହିଛି। ତାଲିକାର ନିମ୍ନରେ ବିହାରର ମୁଜାଫରପୁର ସ୍ଥାନିତ ହୋଇଛି।

ଭାରତର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ସହରଗୁଡ଼ିକ ମଧ୍ୟରୁ ବସବାସ ତଥା ଉତ୍କୃଷ୍ଟମାନର ଜୀବନ ଧାରଣ ପାଇଁ କର୍ଣ୍ଣାଟକର ବେଙ୍ଗାଲୁରୁ ସର୍ବୋତ୍କୃଷ୍ଟ। ☞ପୃଷ୍ଠା-୨

# ଦୁର୍ଘଟଣା ନେଲା ବାପା, ମାଆ, ଝିଅର ଜୀବନ

## ବସ୍-ବାଇକ୍ ଧକ୍କା

ଗୋଲାମୁଣ୍ଡା, ୪।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଡୁଙ୍ଗୁରିଗୁଡ଼ାଠାରେ ଗୁରୁବାର ବସ୍ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରେ ୨ଜଣ ମୃତ୍ୟୁବରଣ କରିଥିବା ବେଳେ ଝିଅକୁ ଡାକ୍ତରଖାନା ନିଆଯାଉଥିବା ସମୟରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ସ୍ଥାନୀୟ ଡୁରେଛଡ଼ା ଗ୍ରାମର ଗୋଟିଏ ପରିବାରର ସ୍ତ୍ରୀ, ସ୍ୱାମୀ ଓ ଝିଅ। ସେମାନେ ହେଲେ କୃଷ୍ଣଚନ୍ଦ୍ର ବାଗ, ସ୍ତ୍ରୀ ସୁକେସି ବାଗ ଓ ତାଙ୍କ ଝିଅ ସୁପ୍ରିଆ ବାଗ।

କେଗାଁରୁ କେସିଙ୍ଗା ଅଭିମୁଖେ ଯାଉଥିବା ଜୟ ଜଗନ୍ନାଥ ବସ୍ ଅପରାହ୍ନରେ ଡୁଙ୍ଗୁରିଗୁଡ଼ା ନିକଟରେ ଏକ ବାଇକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ଓ ତାଙ୍କ ସ୍ତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାଇକ୍‌ରେ ବସିଥିବା ତାଙ୍କ ଛୋଟ ଝିଅ ଗୁରୁତର ଆହତ ହୋଇଥିଲେ । ଆମ୍ବୁଲାନ୍ସ ଯୋଗେ ତାକୁ ଧର୍ମଗଡ଼ ଡାକ୍ତରଖାନା ନିଆଯାଉଥିବା ସମୟରେ ତା'ର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ନାରାୟଣ ନାୟକ ଓ ଗୋଲାମୁଣ୍ଡା ଆଇଆଇସି ଯୁଗଳ ଶବର ଉପସ୍ଥିତ ରହି ତଦନ୍ତ ଜାରି ରଖିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି। ସୂଚନାଯୋଗ୍ୟ ଯେ, ଏକ ବାହାଘର ଭାଜି ଖାଇ ନିଜ ଗାଁକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି।




# ପୁଣି ବଢ଼ିଲା ବସ୍ ଭଡ଼ା

## କିଲୋମିଟର ପିଛା ୫ରୁ ୧୫ ପଇସା

ଭୁବନେଶ୍ୱର, ୪।୩(ବ୍ୟୁରୋ)



- ଧାର୍ଯ୍ୟମୂଲ୍ୟଠାରୁ ଅଧିକ ଆଦାୟ ଅଭିଯୋଗ
- ଦୃଷ୍ଟିଦେଉନି ପରିବହନ ବିଭାଗ, ଯାତ୍ରୀ ହନ୍ତସନ୍ତ

ରାଜ୍ୟରେ ପୁଣି ବଢ଼ିଛି ବସ୍‌ଭଡ଼ା। କିଲୋମିଟର ପିଛା ୫ରୁ ୧୫ ପଇସା ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ସାଧାରଣ ଓ ଏକ୍ସପ୍ରେସ୍ ଲାଗି କିଲୋମିଟର ପିଛା ୫ ପଇସା, ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୧୦ ପଇସା ଏବଂ ସୁପର ପ୍ରିମିୟମ(ଭଲ୍‌ଭୋ/ସ୍କନିଆ ଇତ୍ୟାଦି) ବସ୍ ପାଇଁ ୧୫ ପଇସା ବୃଦ୍ଧି ପାଇଛି। ଏହାପରେ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୮୦ରୁ ୮୫ ପଇସା, ଏକ୍ସପ୍ରେସ୍ ୮୪ରୁ ୮୯ ପଇସା, ଡିଲକ୍ସ ବସ୍ ୧ ଟଙ୍କା ୧୧ରୁ ୧ ଟଙ୍କା ୨୧ ପଇସା, ଏସି ଡିଲକ୍ସ ବସ୍ ୧ଟଙ୍କା ୩୯ରୁ ୧ ଟଙ୍କା ୪୯ ପଇସାକୁ ବୃଦ୍ଧିପାଇଛି। ସେହିପରି ସୁପର ପ୍ରିମିୟମ ବସ୍ କିଲୋମିଟର ପିଛା ୨ଟଙ୍କା ୧୭ରୁ ୨ଟଙ୍କା ୩୨ ପଇସାକୁ ବୃଦ୍ଧି ଘଟଛି। ଏ ନେଇ ଗୁରୁବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏହାକୁ ମିଶାଇ ଗତ ୨ ମାସ ମଧ୍ୟରେ ୩ ଥର ବସ୍ ଭଡ଼ା ବଢ଼ିଲାଣି। ଜାନୁୟାରୀ ୨୦ରେ କିଲୋମିଟର ପିଛା ୧ରୁ ୨ ପଇସା ବୃଦ୍ଧି ପାଇଥିଲା। ଅନୁରୂପ ଭାବେ ଫେବୃୟାରୀ ୮ରେ ସାଧାରଣ ବସ୍ ଓ ☞ପୃଷ୍ଠା-୨

## ଆଜି ଶିକ୍ଷାନୁଷ୍ଠାନ ବନ୍ଦ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଶୁକ୍ରବାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବା ନେଇ ଗୁରୁବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସମସ୍ତ ସରକାରୀ ଓ ଘରୋଇ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ସେହିପରି ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**
ନିର୍ବାଚନୀ ଚାଲ୍

# ୟୁପିରେ ଉତ୍ସାହ, ଓଡ଼ିଶାରେ ନିରାଶା

ମନୋଜ ନନ୍ଦ
ତାଳଚେର,୪।୩


ତାଳଚେର ଥର୍ମାଲ ପାୱାର ଷ୍ଟେଶନ

- ବନ୍ଦ ଦ୍ୱାରଦେଶରେ ତାଳଚେର ଥର୍ମାଲ ପାୱାର ଷ୍ଟେଶନ
- ଏଯାଏ ପଡ଼ିନି ୧୩୨୦ ମେଗାୱାଟ୍ ଷ୍ଟେଜ-୩ର ଭିତ୍ତିପ୍ରସ୍ତର
- ରାଜନୀତି, ଏନ୍‌ଟିପିସିର ଅବହେଳାକୁ କରାଯାଉଛି ଦାୟୀ

ଅନୁଗୋଳ ଜିଲା ତାଳଚେରଠାରେ ଥିବା ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ଅଧିଗ୍ରହଣ କରିବାର ୫ ବର୍ଷ ପରେ ଏନ୍‌ଟିପିସି ଉତ୍ତରପ୍ରଦେଶର ଟାଣ୍ଡା ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ଅଧିଗ୍ରହଣ କରିଥିଲା। ଏହି ଦୁଇ ପୁରୁଣା ପାୱାର ପ୍ଲାଣ୍ଟ ସ୍ଥାନରେ ୧୩୨୦ ମେଗାୱାଟ୍ ବିଶିଷ୍ଟ ୨ଗୋଟି ଲେଖାଏ ନୂତନ ୟୁନିଟ୍(୬୬୦x୨) ସ୍ଥାପନ ପାଇଁ ସ୍ଥିର କରାଯାଇଥିଲା। ଇତିମଧ୍ୟରେ ଏନ୍‌ଟିପିସି ଉତ୍ତରପ୍ରଦେଶର ଟାଣ୍ଡା ଥର୍ମାଲ ପାୱାର ଷ୍ଟେଶନରେ ଷ୍ଟେଜ-୩ ୟୁନିଟ୍ କାର୍ଯ୍ୟକ୍ଷମ ସହ ୨୦୧୮ରୁ ଉତ୍ପାଦନ ଆରମ୍ଭ କରିସାରିଲାଣି। ଏହାକୁ ନେଇ ସେଠାକାର ଶ୍ରମିକ ମହଲରେ ଉତ୍ସାହ ରହିଛି। କିନ୍ତୁ ତାଳଚେରଠାରେ ଏଯାଏ ଏହି ନୂତନ ୟୁନିଟ୍ ସ୍ଥାପନର ଭିତ୍ତିପ୍ରସ୍ତର ପଡ଼ିପାରି ନାହିଁ। ଏଣେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ପାଳନ କରି ନ ଥିବାରୁ ମାର୍ଚ୍ଚ ୩୧ ତାରିଖ ପରେ ପୁରୁଣା ପ୍ଲାଣ୍ଟ ଚଳାଇବାକୁ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ଅନୁମତି ନାହିଁ। ଫଳରେ ତାଳଚେର ଥର୍ମାଲ ପାୱାର ଷ୍ଟେଶନ ଚାଲୁରହିବା ଦିଗରେ ଅନିଶ୍ଚିତତା ଦେଖାଦେଇଛି। ଏଥିଯୋଗୁ ବହୁ ସଂଖ୍ୟକ ଶ୍ରମିକ, କର୍ମଚାରୀଙ୍କ ମଧ୍ୟରେ ନିରାଶା ଖେଳିଯାଇଛି। ନୂତନ ୟୁନିଟ୍ ସ୍ଥାପନକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ମଧ୍ୟ ଛିଡୁନି। ୨୦୧୮ ସେପ୍ଟେମ୍ବର ୨୨ରେ ତାଳଚେର ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଷ୍ଟେଜ-୩ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଏହି ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି (ଏଚ୍‌ଏଲ୍‌ସି)ର ଅନୁମୋଦନ ସେତେବେଳେ ମିଳିପାରି ନ ଥିବାରୁ ଶେଷ ମୁହୂର୍ତ୍ତରେ ତାହା ଅଟକିଯାଇଥିଲା ବୋଲି କୁହାଯାଉଛି। ୨ ବର୍ଷ ପରେ ଏ ଦିଗରେ କାର୍ଯ୍ୟ ଆଗେଇ ନ ଥିବା ଓ ପୁରୁଣା ପ୍ଲାଣ୍ଟ ବନ୍ଦ ଦ୍ୱାରଦେଶରେ ପହଞ୍ଚିବା ପାଇଁ ଏନ୍‌ଟିପିସିର ଅବହେଳା ଦାୟୀ ବୋଲି ଆଲୋଚନା ହେଉଛି।

ପ୍ରକାଶ ଯେ, ୫ ଜାନୁୟାରୀ ୧୯୬୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାଳଚେର ଥର୍ମାଲ ପାୱାର ଷ୍ଟେଶନର ଶୁଭ ଦେଇଥିଲେ। ଷ୍ଟେଜ-୧ର ୪ ୟୁନିଟ୍ (ପ୍ରତ୍ୟେକ ୬୦ ମେଗାୱାଟ୍ ବିଶିଷ୍ଟ) ମଧ୍ୟରୁ ପ୍ରଥମ ୟୁନିଟ୍ ୧୭ ଡିସେମ୍ବର ୧୯୬୭ରେ, ୨ୟ ୟୁନିଟ୍ ୨୮ ମାର୍ଚ୍ଚ ୧୯୬୮ରେ, ୩ୟ ୟୁନିଟ୍ ୧୧ ଜୁଲାଇ ୧୯୬୮ରେ ଓ ୪ର୍ଥ ୟୁନିଟ୍ ୧୧ ଏପ୍ରିଲ ୧୯୬୯ରେ କାର୍ଯ୍ୟକ୍ଷମ ହୋଇଥିଲା। ପରବର୍ତ୍ତୀ ସମୟରେ ଷ୍ଟେଜ-୨ରେ ୧୧୦ ମେଗାୱାଟ୍ ବିଶିଷ୍ଟ ୫ମ ୟୁନିଟ୍ ୨୪ ଏପ୍ରିଲ ୧୯୮୨ ଓ ୬ଷ୍ଠ ୟୁନିଟ୍ ୨୪ ମାର୍ଚ୍ଚ ୧୯୮୩ରେ କାର୍ଯ୍ୟକ୍ଷମ ହୋଇଥିଲା। କିନ୍ତୁ କ୍ରମାଗତ କ୍ଷତିରେ ☞ପୃଷ୍ଠା-୨

# ମେଟ୍ରୋମ୍ୟାନ୍ କେରଳରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

କୋଚି, ୪।୩


ଇ. ଶ୍ରୀଧରନ

ଆଗାମୀ କେରଳ ବିଧାନସଭା ନିର୍ବାଚନ ନିମନ୍ତେ ମେଟ୍ରୋମ୍ୟାନ ଇ. ଶ୍ରୀଧରନଙ୍କୁ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ। ଭାଜପା ରାଜ୍ୟ ସଭାପତି କେ. ସୁରେନ୍ଦ୍ରନ ଗଣମାଧ୍ୟମକୁ ଏହି ସୂଚନା ଦେବା ସହ କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନ ମଧ୍ୟ ଏହାକୁ ସ୍ପଷ୍ଟ କରିଥିଲେ। ତେବେ କିଛି ସମୟ ପରେ କେନ୍ଦ୍ରମନ୍ତ୍ରୀ ୟୁ-ଟର୍ନ କରିଛନ୍ତି। ସେ ତାଙ୍କ କଥା ଫେରାଇ ନେବା ସହ ଟୁଇଟ୍‌କୁ ଡିଲିଟ୍ କରିଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଶ୍ରୀଧରନ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ସେ କହିଥିଲେ। ଦଳ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରିବା ପରେ ସେପରି କୌଣସି ଘୋଷଣା ହୋଇ ନ ଥିବା ଜାଣିପାରିଥିଲେ ବୋଲି ମୁରଲୀଧରନ କହିଛନ୍ତି।

ଦିଲ୍ଲୀ ମେଟ୍ରୋର ସ୍ଥପତି ଶ୍ରୀଧରନ ଫେବୃୟାରୀ ୨୫ରେ ଭାଜପାରେ ଯୋଗଦେଇଥିଲେ। ବିଧାନସଭା ନିର୍ବାଚନ ପାଇଁ ଭାଜପାର ୧୬ ଜଣିଆ ରାଜ୍ୟ ନିର୍ବାଚନ କମିଟିରେ ୮୮ ବର୍ଷୀୟ ଶ୍ରୀଧରନ ରହିଛନ୍ତି। ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭା ନିର୍ବାଚନ ଏପ୍ରିଲ ୬ରେ ଅନୁଷ୍ଠିତ ହେବ।

**ଆଜିର ମନ୍ତବ୍ୟ**

"କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କୃଷକ ସପକ୍ଷବାଦୀମାନଙ୍କ ଘର ଉପରେ ଚଢ଼ାଉ କରାଉଛନ୍ତି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସାଇ ପ୍ରତୀକ୍
ପରିବାରବର୍ଗ



ରିତେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଷ୍ଟଣ୍ଟ ଟ୍ରେନିଂ ନେଉଛନ୍ତି କ୍ୟାଟ୍ରିନା



**ମୁମ୍ବାଇ:** ବଲିଉଡ୍‌ର ମୋଷ୍ଟ ଟ୍ୟାଲେଣ୍ଟେଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ ମାର୍ଚ୍ଚ ୮ରୁ ତାଙ୍କର ମୋଷ୍ଟ ଆୱେଟେଡ ଫିଲ୍ମ 'ଟାଇଗର ୩'ର ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି। ତେବେ ଶୁଟିଂ ପୂର୍ବରୁ ଅଭିନେତ୍ରୀ ଦକ୍ଷିଣ କୋରିଆ ଟିମ ସହ ଆକ୍ସନ ସିନ ଶିଖିବା ପାଇଁ ୧୪ ଦିନିଆ ଟ୍ରେନିଂ ନେଉଛନ୍ତି। ଏକ ନ୍ୟୁଜ୍ ପୋର୍ଟାଲର ସୂଚନା ମୁତାବକ ନିର୍ଦ୍ଦେଶକ ମନିଷ ଶର୍ମା ଆକ୍ସନ ସିନ ପାଇଁ ପ୍ରସ୍ତୁତ ହେବାକୁ କୁଆଡେ କ୍ୟାଟ୍ରିନାଙ୍କୁ କହିଛନ୍ତି। ଅର୍ଥାତ୍ 'ଟାଇଗର ଜିନ୍ଦା ହୈ'ରେ କ୍ୟାଟ୍ରିନାଙ୍କ ଷ୍ଟଣ୍ଟ ଦର୍ଶକଙ୍କୁ ଯେତିକି ପସନ୍ଦ ଆସିଥିଲା ନୂଆ ଫିଲ୍ମରେ ଏହି ଏକ୍ସାଇଟମେଣ୍ଟ ଆହୁରି ଅଧିକ ରହିଛି। ଜଣାପଡିଛି ଯେ 'ଟାଇଗର ୩' ପାଇଁ ଗତ ପ୍ରାୟ ୧୫ ଦିନ ହେବ ବଲିଉଡ ଭାଇଜାନ ସଲମାନ ଖାନ୍ ଓ କ୍ୟାଟ୍ରିନା କୈଫ ଖୁବ ପରିଶ୍ରମ କରୁଛନ୍ତି। କ୍ୟାଟ୍ରିନା ମାର୍ଶାଲ ଆର୍ଟର ଟ୍ରେନିଂ ଖୁବ କରୁଛନ୍ତି। ସଲମାନ ମଧ୍ୟ ଦକ୍ଷିଣ କୋରିଆ ଟିମ ସହ ଖୁବ ପ୍ରାକ୍ଟିସ କରୁଛନ୍ତି। କିଛିଦିନ ତଳେ ଫିଲ୍ମର ଶୁଟିଂ ଆରମ୍ଭ ହେବା ପୂର୍ବରୁ ଯଶ ରାଜ ଫିଲ୍ମର ଅଫିସରେ ପୂଜା କରାଯାଇଥିଲା। 'ଟାଇଗର ୩'ରେ ଇମରାନ ହାସମିଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ।

## ପ୍ରଥମ ପୃଷ୍ଠାରୁ...

### ଆଜି ବିଜୁ...

ରାଲି ହେବା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ସାଇକେଲ ରାଲିରେ ହଜାର ହଜାର ଯୁବ, ଛାତ୍ର ଯୋଗଦେଇ ୧୯୩୨ରେ ବିଜୁବାବୁଙ୍କ କଟକରୁ ପେଶାୱର ପର୍ଯ୍ୟନ୍ତ ୪୫୦୦ ମାଇଲ ଦୁଃସାହସିକ ସାଇକେଲ ଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରିବେ। ସେହିପରି ଶୁକ୍ରବାରଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଆୟୋଜିତ ହେବା କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ପ୍ରକାଶ।

### ଭୁବନେଶ୍ୱର ଦ୍ୱିତୀୟ...

ଏହା ପରେ ପୁଣେ, ଅହମଦାବାଦ, ଚେନ୍ନାଇ, ସୁରଟ, ନଭି ମୁମ୍ବାଇ, କୋଏମ୍ବାଟୁର, ବଡୋଦରା, ଇନ୍ଦୋର ଓ ଗ୍ରେଟର ମୁମ୍ବାଇ ଯଥାକ୍ରମେ ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସ ବା ଜୀବନଧାରଣ ମାନକ ତାଲିକାରେ ସ୍ଥାନିତ ହୋଇଛି। ଅନ୍ୟପକ୍ଷରେ ବରେଲି, ଧାନବାଦ, ଶ୍ରୀନଗର ଆଦି ସହର ଏହି ତାଲିକାର ଶେଷ ଆଡ଼କୁ ରହିଛି। ଏହି ତାଲିକାରେ ଦିଲ୍ଲୀ ୧୩ତମ ସ୍ଥାନରେ ରହିଛି। ୧୦ ଲକ୍ଷରୁ କମ୍ ଲୋକ ରହୁଥିବା 'ମ୍ୟୁନିସିପାଲ ପରଫରମାନ୍ସ ଇଣ୍ଡେକ୍ସ'ରେ ନୂଆଦିଲ୍ଲୀ ଶୀର୍ଷରେ ରହିଛି। ୧୦ ଲକ୍ଷରୁ ଅଧିକ ଲୋକସଂଖ୍ୟା ବିଶିଷ୍ଟ 'ମ୍ୟୁନିସିପାଲ ପରଫରମାନ୍ସ ଇଣ୍ଡେକ୍ସ' ବର୍ଗରେ ଉନ୍ନତ ମାନର ଜୀବନଧାରଣ ପାଇଁ ଇନ୍ଦୋର ପ୍ରଥମ ସ୍ଥାନରେ ରହିଥିବା ତଳେ ଏହା ତଳକୁ ସୁରଟ, ଭୋପାଳ ସହର ରହିଛି।

### ପୁଣି ବଢ଼ିଲା...

ଏକ୍ସପ୍ରେସ ବସ୍ କିଲୋମିଟର ପିଛା ଯଥାକ୍ରମେ ୬ ଏବଂ ୭ ପଇସା ବୃଦ୍ଧି କରାଯାଇଥିଲା। ଏହି ସମୟରେ ଡିଲକ୍ସ ଓ ଏସି ଡିଲକ୍ସ ପିଛା ୨ ଓ ୮ ପଇସା ବୃଦ୍ଧି ହୋଇଥିଲା। କରୋନା ମହାମାରୀ ସମୟରେ ଲୋକମାନେ ଜୀବନଜୀବିକା ପାଇଁ ସଂଘର୍ଷ କରୁଥିବା ବେଳେ ଭଡ଼ା ବୃଦ୍ଧି ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଅନ୍ୟପକ୍ଷରେ ଯାତ୍ରୀଙ୍କଠାରୁ ଧାର୍ଯ୍ୟମୂଲ୍ୟଠାରୁ ଅଧିକ ଭଡ଼ା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ୨୦୨୧ ଜାନୁୟାରୀ ୮ ସୁଦ୍ଧା ସାଧାରଣ ବସ୍ କିଲୋମିଟର ପିଛା ୮୦ ପଇସା ଓ ଏକ୍ସପ୍ରେସ୍ ବସ୍ କିଲୋମିଟର ପିଛା ୮୪ ପଇସା ଧାର୍ଯ୍ୟ କରାଯାଇଥିଲା। ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ କଟକ ପ୍ରାୟ ୩୦ କିଲୋମିଟର ହୋଇଥିବାବେଳେ ଯାତ୍ରୀମାନଙ୍କୁ ୨୪ରୁ ୨୫ ଟଙ୍କା ୨୦ ପଇସା ମଧ୍ୟରେ ଦେବାକୁ ହେବ। ତେବେ ବରମୁଣ୍ଡାରୁ ପଳାଶୁଣି ମଧ୍ୟରେ ଯେ କୌଣସି ସ୍ଥାନରୁ ବସ୍‌ରେ ବସିଲେ କଣ୍ଡକ୍ଟର ଜବରଦସ୍ତି ୪୦ ଟଙ୍କା ଭଡ଼ା ଆଦାୟ କରୁଥିବା ବସ୍‌ଯାତ୍ରୀ ବ୍ରଜମୋହନ ପ୍ରଧାନ ଅଭିଯୋଗ କରିଛନ୍ତି। 'ମୋ ବସ୍' କିଲୋମିଟର ଆଧାରରେ ଭଡ଼ା ନେଉଥିବା ବେଳେ ଘରୋଇ ବସ୍‌ଗୁଡ଼ିକ ଏହାକୁ ଅବମାନନା କରୁଛନ୍ତି। ପରିବହନ ବିଭାଗ ଭଡ଼ା ବୃଦ୍ଧିରେ ବ୍ୟସ୍ତ ରହିଥିବା ବେଳେ ବାସ୍ତବରେ ଯାତ୍ରୀମାନେ କେତେ ଟଙ୍କା ଦେଉଛନ୍ତି, ତାହା କେହି ଯାଞ୍ଚ କରୁନାହାନ୍ତି। ଯାତ୍ରୀମାନେ ଶୋଷଣର ଶିକାର ହେଉଥିବା ବ୍ରଜମୋହନ କହିଛନ୍ତି। ଅଭିଯୋଗ ସମ୍ପର୍କରେ ଘରୋଇ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି, ଯାତ୍ରୀମାନଙ୍କ ସୁବିଧା ପାଇଁ ବସ୍‌ରେ ସଂଘର ଯୋଗାଯୋଗ ନମ୍ବର ଦିଆଯାଇଛି। ଧାର୍ଯ୍ୟମୂଲ୍ୟରୁ ଅଧିକ ଭଡ଼ା ଆଦାୟ କରାଯାଉଥିଲେ ଉକ୍ତ ବସ୍‌ର ଟିକେଟ ନେଇ ଯାତ୍ରୀ ସଂଘ ନିକଟରେ ଅଭିଯୋଗ କରିପାରିବେ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଇପିଏଫ୍‌ଓ ସୁଧ...

୮.୫%କୁ ହ୍ରାସ କରିଥିଲା। ୨୦୧୨-୧୩ ପରଠାରୁ ଏହା ସବୁଠୁ ସର୍ବନିମ୍ନ ସ୍ତର। ୨୦୧୬-୧୭ରେ ଇପିଏଫ୍‌ଓ ସୁଧହାର ୮.୬୫% ରହିଥିଲା; ଯାହା ୨୦୧୭-୧୮ରେ ୮.୫୫% ଥିଲା। ୨୦୧୫-୧୬ରେ ସୁଧହାର ୮.୮% ରହିଥିଲା। ସେହିଭଳି ୨୦୧୩-୧୪ରେ ୮.୭୫%,୨୦୧୨-୧୩ରେ ୮.୫%, ୨୦୧୧-୧୨ରେ ୮.୨୫% ସୁଧହାର ଇପିଏଫ୍‌ଓ ପ୍ରଦାନ କରିଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନ ଇପିଏଫ୍‌ଓରେ ୮ କୋଟି ଉପଭୋକ୍ତା ଅଛନ୍ତି।

### ୟୁପିରେ ଉତ୍ସାହ,...

ଚାଲିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହାକୁ ୧୯୯୫ ଜୁନ୍ ୩ରେ ଏନ୍‌ଟିପିସିକୁ ହସ୍ତାନ୍ତର କରିଥିଲେ। ଏହି ପୁରୁଣା ପ୍ଲାଣ୍ଟକୁ ନବୀକରଣ କରି ଏନ୍‌ଟିପିସି ଶତପ୍ରତିଶତ ବିଜୁଳି ଉତ୍ପାଦନ ସହ ଅନେକ ପୁରସ୍କାର ପାଇଛି। ଏଠାରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ରାଜ୍ୟ ସରକାରଙ୍କୁ ଯୋଗାଇ ଦିଆଯାଇଥାଏ। ହେଲେ ଏହି ପୁରୁଣା ୟୁନିଟ୍‌ଗୁଡ଼ିକ ସ୍ଥାନରେ ୭୭୩୨ କୋଟି ଟଙ୍କା ବ୍ୟୟରେ ୧୩୨୦ ମେଗାୱାଟ ବିଶିଷ୍ଟ ଷ୍ଟେଜ-୩ର ୨ଗୋଟି ନୂତନ ୟୁନିଟ୍ ସ୍ଥାପନ ପାଇଁ ଏନ୍‌ଟିପିସି ପକ୍ଷରୁ ଦୀର୍ଘବର୍ଷ ତଳେ ଲକ୍ଷ୍ୟ ରଖାଯାଇଥିଲା। ୨୦୧୧ରେ ଏଥିପାଇଁ ପ୍ରଥମ ଓ ଜୁଲାଇ ୨୦୧୭ରେ ଦ୍ୱିତୀୟ ଜନଶୁଣାଣି ହୋଇଥିଲା। ପ୍ଲାଣ୍ଟ ପରିସରରେ ଥିବା ବହୁ ଗଛ କଟାଯିବା ସହ ଘରଗୁଡ଼ିକୁ ଭଙ୍ଗାଯାଇଥିଲା। ପୁରୁଣା ୟୁନିଟ୍ ସ୍ଥାନରେ ନୂଆ ୟୁନିଟ୍ ସ୍ଥାପନ କରାଯିବାକୁ ଥିବାରୁ ଏଥିପାଇଁ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ। ତେଣୁ ତାହାକୁ ବିଳମ୍ବର କାରଣ ଭାବେ ଏନ୍‌ଟିପିସି କର୍ତ୍ତୃପକ୍ଷ ଦର୍ଶାଇପାରିବେ ନାହିଁ। ଏ ପରିସ୍ଥିତିରେ ଆସନ୍ତା ୩୧ ତାରିଖ ପରେ ପ୍ଲାଣ୍ଟ ଚଳାଇବାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଅନୁମତି ନ ଥିବା ଟିଟିପିଏସ୍‌କୁ ଆଶଙ୍କା ମଧ୍ୟକୁ ଠେଲିଦେଇଛି। ପ୍ଲାଣ୍ଟ ବନ୍ଦ ହେଲେ ବହୁ ସଂଖ୍ୟକ ଶ୍ରମିକ, କର୍ମଚାରୀଙ୍କ ରୋଜଗାର ବନ୍ଦ ହୋଇଯିବା ସମ୍ଭାବନା ରହିଛି। ଅପରପକ୍ଷରେ ଉତ୍ତରପ୍ରଦେଶର ଟାଣ୍ଡା ଥର୍ମାଲ ପାୱାର ଷ୍ଟେଶନରେ ଷ୍ଟେଜ-୩ ୟୁନିଟ୍ ସ୍ଥାପନ ଦିଗରେ ଏନ୍‌ଟିପିସି କର୍ତ୍ତୃପକ୍ଷ ପ୍ରବଳ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ପାୱାର ପ୍ଲାଣ୍ଟକୁ ୟୁପିଏସ୍‌ଇବିଠାରୁ ୨୦୦୦ ମସିହା ଜାନୁୟାରୀ ୧୫ରେ ଏନ୍‌ଟିପିସିକୁ ହସ୍ତାନ୍ତର କରାଯାଇଥିଲା। ଏଠାରେ ନୂତନ ଷ୍ଟେଜ-୩ ୟୁନିଟ୍ ସ୍ଥାପନ ସହ ୬୬୦ ମେଗାୱାଟ୍‌ର ପ୍ରଥମ ୟୁନିଟ୍ ମାର୍ଚ୍ଚ ୨୦୧୮ ଏବଂ ୬୬୦ ମେଗାୱାଟ୍ ବିଶିଷ୍ଟ ୨ୟ ୟୁନିଟ୍ ନଭେମ୍ବର ୨୦୧୮ରେ କାର୍ଯ୍ୟକ୍ଷମ ହୋଇଛି। ଫଳରେ ତାଳଚେର ପ୍ରତି ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ଅବହେଳା ପଦାରେ ପଡ଼ିଯାଇଥିବା ଚର୍ଚ୍ଚା ହେଉଛି।

**ବଡ଼ ଧରଣର ଆନ୍ଦୋଳନ ହେବ**

ଲାଭରେ ଚାଲୁଥିବା ତାଳଚେର ଥର୍ମାଲ ପାୱାର ଷ୍ଟେଶନକୁ ବନ୍ଦ କରିବା ପାଇଁ ଏନ୍‌ଟିପିସି କର୍ତ୍ତୃପକ୍ଷ ଅଗ୍ରସର ହେଲେ ଏଥିପାଇଁ ଅନେକ ସଂସ୍ଥାରେ ତାଲା ପଡ଼ିଯିବ। ତାଳଚେରରେ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବା ସହ ଅର୍ଥନୈତିକ ଅବରୋଧ ଆରମ୍ଭ ହେବ।

**- ମହେଶ ସାହୁ, ଏମ୍‌ପି, ଢେଙ୍କାନାଳ**

**ମନ୍ତ୍ରୀଙ୍କ ସହ ଆଲୋଚନା କରିଛି**

ଟିଟିପିଏସ୍ ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରିବା ସହ ବିଶଦ ଭାବେ ଆଲୋଚନା କରିଛି। ପ୍ଲାଣ୍ଟ ବନ୍ଦ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସୂଚନା ଆସି ନ ଥିବା ମନ୍ତ୍ରୀ କହିଛନ୍ତି। ତେଣୁ ସମସ୍ୟା ସମାଧାନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଛି।

-ବ୍ରଜକିଶୋର ପ୍ରଧାନ, ବିଧାୟକ, ତାଳଚେର

**ନିଷ୍ଠାର ସହ ଚେଷ୍ଟା କରିବୁ**

ଟିଟିପିଏସ୍ ସମ୍ପର୍କରେ ସଚେତନ ଅଛୁ। ଶ୍ରମିକମାନଙ୍କୁ ନେଇ କେନ୍ଦ୍ରମନ୍ତ୍ରୀ, ବିରୋଧୀ ଦଳ ନେତା, ଦଳର ସଭାପତିଙ୍କ ସହ ଆଲୋଚନା କରିଛୁ। ଏହି ପାୱାର ଷ୍ଟେଶନ କିପରି କାର୍ଯ୍ୟକ୍ଷମ ହୋଇପାରିବ ସେ ଦିଗରେ ନିଷ୍ଠାର ସହ ଚେଷ୍ଟା କରିବୁ।

**-କାଳନ୍ଦୀ ସାମଲ, ଭାଜପା ନେତା**

**ନିନ୍ଦନୀୟ ଘଟଣା**

ତାଳଚେରରେ ଗୋଟିଏ ପରେ ଗୋଟିଏ ପ୍ଲାଣ୍ଟ ବନ୍ଦ ହେଉଛି। ଏଠାରୁ ଆମର କେନ୍ଦ୍ରମନ୍ତ୍ରୀ, ବିଧାୟକ, ଏମ୍‌ପିଙ୍କ ପରି ୩ଜଣ ଟାଣୁଆ ନେତା ଥାଇ ମଧ୍ୟ ଟିଟିପିଏସ୍ ବନ୍ଦ ଦ୍ୱାରଦେଶରେ ପହଞ୍ଚିବା ନିନ୍ଦନୀୟ।

**-ସୁରେଶ ବେହେରା, ବରିଷ୍ଠ କଂଗ୍ରେସ ନେତା**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମସ୍ଥ ତିନୋଟି ଗ୍ରହ ପ୍ରଭାବରେ ଉପରିସ୍ଥଙ୍କ ତାଗିଦା କାରଣରୁ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଅନ୍ୟାନ୍ୟ କ୍ଷେତ୍ରରେ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ଆନୁଷ୍ଠାନିକ କାମ, ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତ ହେବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ରାହୁ ଓ ମଙ୍ଗଳଙ୍କ ପ୍ରଭାବରୁ ବିବାଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। କେତେକ କ୍ଷେତ୍ରରେ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ମିଥୁନ** ସକାଳୁ ସକାଳୁ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସକାଶେ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ପୁନର୍ବସୁ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସଙ୍ଗକୁ ଦୂରଯାତ୍ରାର ସୁଯୋଗ ପାଇବେ।

**କର୍କଟ** ଦୀର୍ଘଦିନରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ନୀଚସ୍ଥ ଚନ୍ଦ୍ର ଯୋଗୁଁ ସ୍ୱାସ୍ଥ୍ୟରେ ଅବନତି ଓ ବିବାଦୀୟ ଘଟଣାର ଅପଦସ୍ଥ ହେବେ। ପୁନର୍ବସୁ ନକ୍ଷତ୍ର କୃତି ଓ କୃତିତ୍ୱଲାଭ ସକାଶେ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ।

**ସିଂହ** ଉଚ୍ଚରୋହୀ ରବିଙ୍କ ପ୍ରଭାବରେ ମାନସିକ ସ୍ଥିରତା ନ ରହିଲେ ମଧ୍ୟ ପ୍ରତ୍ୟେକ କାମ କରିବାକୁ ବାଧ୍ୟ ହେବେ। ସାଧାରଣ କଥାରେ ବନ୍ଧୁଙ୍କ ସହ ମାନମନାନ୍ତର ଦେଖା ଦେଇପାରେ। କୌତୁହଳବଶତଃ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ସଭାସମିତିରେ ଯୋଗଦେଲେ ସଫଳତା ହାସଲ କରିବେ।

**କନ୍ୟା** ସ୍ଥଗିତ କାମକୁ ପୂରାଦମ୍‌ରେ କରି ସଫଳତା ହାସଲ କରିବେ। ବନ୍ଧୁବର୍ଗଙ୍କ ଚର୍ଚ୍ଚାକୁ ନେଇ ପ୍ରଶଂସା ମୁଖର ହେବେ। ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ନିଜ ପରିସରରେ ପ୍ରତିଷ୍ଠିତ ହେବା ସହିତ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ତୁଳା** ପରିବାରର ବ୍ୟୟ ଭାର କ୍ରମଶଃ କମି ଆସିବାରୁ ଅସ୍ୱସ୍ତି ଲାଭ କରିବେ। କାର୍ଯ୍ୟ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘର ସାଜସଜ୍ଜାରେ ମଜି ରହିପାରନ୍ତି ଏବଂ ସ୍ୱାସ୍ଥ୍ୟ ଓ କାର୍ଯ୍ୟହାନି ଘଟିବ।

**ବିଛା** ନୂତନ ଭାବରେ ହାତକୁ ନେଇଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ବାଣିଜ୍ୟ, ବ୍ୟବସାୟ ଦିଗଟି ମନ୍ଦ ହେବନି। ପରିବାରର ବରାଦ ମୁତାବକ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ। ଆବଶ୍ୟକତା ପୂରଣ ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଆନୁଷ୍ଠାନିକ କାମ, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। କର୍ମକ୍ଷେତ୍ରରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** ବନ୍ଧୁମାନଙ୍କ ସାହାଯ୍ୟ ନେଇ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଦୀର୍ଘ ଦିନ ଉପରାନ୍ତେ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ପ୍ରକାଶନ, କ୍ରୀଡା, ଚଳଚ୍ଚିତ୍ର ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** ପାରିବାରିକ ସ୍ତରରେ ଅତୀତକୁ ସ୍ମରଣ କରି ଅନୁତାପ କରିବାକୁ ପଡ଼ିପାରେ। ଆଜି ଅଫିସ୍‌ର ଅସଫଳ କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହେଲେ ବହୁତ ଭୁଲ୍ କରିବେ। କଳା, ସାହିତ୍ୟରେ ଉନ୍ନତି କରି ପ୍ରଶଂସିତ ହେବାର ସୁଯୋଗ ପାଇବେ ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରୁ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ସୂଚନା ରହିଛି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

ଆଜି ଫାଲଗୁନ କୃଷ୍ଣ ସପ୍ତମୀ ଶୁକ୍ରବାର, ମାର୍ଚ୍ଚ-୫ ତାରିଖ। ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂମିପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ପଞ୍ଚାୟତିରାଜ ଦିବସ। ରାଶି ନକ୍ଷତ୍ର-ଅନୁରାଧା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳଘ.୦୬.୦୬ମି.ଗତେଘ.୦୬.୫୩ମି.ମଧ୍ୟେ,ଘ.୦୭.୪୦ମି. ଗତେ ଘ.୧୦.୦୧ମି. ମଧ୍ୟେ, ଘ.୧୨.୨୧ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୪.୧୫ମି. ଗତେ ଘ.୫.୪୯ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୬ମି. ଗତେ ଘ.୦୯.୫୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୩୦ମି. ଗତେ ଘ.୧୧.୫୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## SALE

Readymade 3BHK flat 67,50,000/-, Sum Hospital readymade 3BHK duplex 47,50,000/-, Gudiapokhari. 6371090682. D-68274

Developed demarcated gharabari plot ବାଲିଅନ୍ତା ଏବଂ ଉତ୍ତରା ନିକଟରେ କିଣନ୍ତୁ, 7008492511. D-69379

ତମାଣ୍ଡୋ ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା ପ୍ଲଟ୍ ମିଳୁଅଛି। 9439864322. D-70200

14LAKHS onwards purchase a flat at Puri with facilities. For details Contact: 9583879744, 9078711724. D-20104

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

Proposed premium duplex available for booking at Sastri Nagar, Unit-4, Bhubaneswar cost-1.60 crore (Payment with easy installments). Ready to stay 3storeyed building (900squarefeet land, 2100sqft. construction) available at Jaydev Vihar, Cost: 98lakhs. Contact: 8895225775, 7978068526. D-70803

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

3BR flat at Hi-Tech Plaza, Sundarpada, Bhubaneswar. Mobile: 8895431303, 7205820250. D-69489

3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658. D-19996

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383. D-20026

Sum Hospitalରୁ ୪କି.ମି. ଘଂଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70431

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

Gita College ଦେଉଳିଆପାଟଣା ନିକଟରେ developed gharabari plot 5,50,000/- କିଣନ୍ତୁ। 8457092465. D-20069

40 Acres Plotting Township Near Sumhospital now Phase-2 open. We provide facilities are 30 feet concrete road Park,Temple,Electricity with streetlight in every road children's play area. For more details SHREE KRISHNA DEVELOPER 8337900880/ 8337900881. D-69697

Duplex sale ଘଙ୍ଗାପାଟଣା 1500sqft. land 2000sqft. construction 55,00,000/-, 4K.M. from Sum Hospital. 9437306208. D-69378

## GENERAL

## SALE

Vietnam koi, Singhi, Rupchanda, Pangasius fish seeds available for biofloc fish farming. Contact: 6370797535. D-20108




2BHK flat available near Krupajala College Uttara Square. Contact- 7978097047. D-67120

4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658. D-19997

2BHK (Newly Constructed, Ground Floor) at Bajaranga nagar, Jharapada, Bhubaneswar Contact : 8984646108, 7008553190 (9AM to 9PM). D-20134

1670 sqft. 1st & 2nd floor each available near Uttara on NH. Contact: 7978097047. D- 67119




New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Swarna SPA newly open positively health benefits with expert therapist. 9556978408. D-70545

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70546

## AFFIDAVIT

By virtue of my marriage with Shree Amiya Ranjan Mohanty, S/o- Bansidhar Mohanty, Swadhin Colony, Nimapada, Dist.- Puri on 25.01.2006, my name and surname have been changed from Basanti Pradhan to Anandita Mohanty as per hindu custom and rituals. I have also sworn affidavit on 06.02.06 before Notary Public, Bhadrak. D-53659

### ଅର୍ଥଶାସ୍ତ୍ରରେ ଡକ୍ଟରେଟ୍ ଲାଭ



ଛତିଶଗଡ ରାଜ୍ୟରେ UNICEF ଉପଦେଷ୍ଟା ଭାବେ କାର୍ଯ୍ୟରତ ସୁଶ୍ରୀ ଭାରତୀ ସାହୁ "Efficacy of Wage Employment Programmes in Reducing Poverty in India- A Case Study of Ganjam District in Odisha" ଉପରେ ଗବେଷଣାତ୍ମକ ସନ୍ଦର୍ଭ ଲେଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ପିଏଚ୍.ଡି. ଡିଗ୍ରୀଲାଭ କରିଛନ୍ତି। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଭାଗବତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭଟି ବି.ଆର. ଆମ୍ବେଦକର ବିଶ୍ୱବିଦ୍ୟାଳୟ, ଶ୍ରୀକାକୁଲମର ଅର୍ଥନୀତି ପ୍ରଫେସର ବି.ଅଡାଇଂକ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି ସୁଶ୍ରୀ ଭାରତୀ ସାହୁ ଆସିକା ନିବାସୀ ସ୍ୱର୍ଗୀୟ ବାସନ୍ତୀ ସାହୁ ଓ ଆଦିକନ୍ଦ ସାହୁଙ୍କର କନିଷ୍ଠା କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କର ସ୍ୱର୍ଗୀୟ ମାତା, ପିତା, ସହଯୋଗୀ ବାନ୍ଧବୀ, ପରିବାର ସଦସ୍ୟ, ସମସ୍ତ ଅଧ୍ୟାପକ, ବିଭାଗୀୟ ଅଧିକାରୀ ଓ ସର୍ବୋପରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୨୦୧୩୭

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଅର୍ଥଶାସ୍ତ୍ରରେ ଡକ୍ଟରେଟ୍ ଲାଭ



ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ନବରଙ୍ଗପୁରରେ କାର୍ଯ୍ୟରତ ଜିଲ୍ଲା ଯୋଜନା ସଂଯୋଜକ, ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ଷଡଙ୍ଗୀ, "Socio Economic Perspectives of Short Term Migration in Tribal Areas: Case Study of a Tribal Sub plan District" ଉପରେ ଗବେଷଣାତ୍ମକ ସନ୍ଦର୍ଭ ଲେଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ସେ କୋଟସ କୋରାପୁଟର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଓ ଆର.ଆଇ.ଇ (ଏନ୍.ସି.ଇ.ଆର.ଟି) ଭୋପାଳର ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭଟି ଆଇ.ଆଇ.ଟି. ଖଡଗପୁରର ଅର୍ଥନୀତିପ୍ରଫେସର ନାରାୟଣ ଚନ୍ଦ୍ର ନାୟକ ଓ ପୁନେ ସ୍ଥିତ ଗୋଖେଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସ ପ୍ରାକ୍ତନ ପ୍ରଫେସର ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ଷଡଙ୍ଗୀ, ଜଗତସିଂହପୁର ନିବାସୀ ଶ୍ରୀମତୀ ନିଶାମଣୀ ଷଡଙ୍ଗୀ ଓ ସ୍ୱର୍ଗତ ବୃନ୍ଦାବନ ଷଡଙ୍ଗୀଙ୍କର ଜ୍ୟେଷ୍ଠ ପୁତ୍ର ଓ କୋରାପୁଟ ନିବାସୀ ଶ୍ରୀଯୁକ୍ତ ହୃଷୀକେଶ ମିଶ୍ର ଓ ଦମୟନ୍ତୀ ମିଶ୍ରଙ୍କର କନିଷ୍ଠ ଜାମାତା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ସମସ୍ତ ଶିକ୍ଷକ, ବିଭାଗୀୟ ଅଧିକାରୀ, ପରିବାର ସଦସ୍ୟ ଓ ସର୍ବୋପରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୨୦୧୩୬

### 3rd Happy Birthday



**RITESH**

**Many many happy returns of the day. Wish you an auspicious Happy Birth Day**

**Ritesh.**

-:Best Wishes:-

Mama, Baba, Jeje, Bou, Aja, Aie, Mamu, Apa, Piusa, Gugu Didi, Shreya Didi.

D-67408

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୫୯,୭୫,୨୩୨ | ୨୫,୭୫,୧୪୩ | ୯,୧୬,୯୯,୩୩୨ |
| ଭାରତ | ୧,୧୧,୭୨,୯୨୫ | ୧,୫୭,୫୮୨ | ୧,୦୮,୩୭,୬୮୯ |
| ଓଡ଼ିଶା | ୩,୩୭,୫୨୯ | ୧୯୧୭(+୫୩) | ୩,୩୪,୮୩୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶିଳ୍ପପତିଙ୍କ ଝିଅ ବିବାହରେ ଫୁଟିଲା ଗୁଳି

**ବଅଁରପାଳ,୪।୩(ଡି.ଏନ.ଏ.)**

ଢେଙ୍କାନାଳ-ଅନୁଗୋଳ ଜିଲାର ବିଶିଷ୍ଟ ଶିଳ୍ପପତି ଗଙ୍ଗାଧର ସାମଲଙ୍କ ବୁଧବାର ଝିଅ ବାହାଘରରେ ୨ ଅଣଓଡ଼ିଆ ଯୁବକ ଗୁଳି ଚଳାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସାମଲ ବିଲଡର ପକ୍ଷରୁ ପ୍ରଫୁଲ୍ଲ ସାମଲ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଏକ କାର୍, ବନ୍ଧୁକ, ୪ ଗୁଳି ଓ ୩ ମୋବାଇଲ ଫୋନ ଜବତ କରାଯାଇଛି।

ଶିଳ୍ପପତିଙ୍କ ଘରେ ଝିଅ ବାହାଘର ଚାଲିଥିବାରୁ ଏଥିରେ ମନ୍ତ୍ରୀ, ରାଜନେତାଙ୍କ ସମେତ ବହୁ ବ୍ୟବସାୟୀ ଯୋଗ ଦେଇଥିଲେ। ରାତି ପ୍ରାୟ ୧୧ଟା ୩୦ରେ ହଠାତ୍ ବିହାର ରାଜ୍ୟର କୈଳାସ ସିଂ (୪୫) ଓ ଉତ୍ତରପ୍ରଦେଶର ଅରୁଣ କୁମାର (୪୧) ବିବାହ ଉତ୍ସବସ୍ଥଳରେ ପହଞ୍ଚି ଗଣ୍ଡଗୋଳ ସୃଷ୍ଟି କରିଥିଲେ। ଦୁହେଁ ସୁରକ୍ଷା କର୍ମଚାରୀଙ୍କ ସହ ଧସ୍ତାଧସ୍ତି କରି ଜବରଦସ୍ତ ଧସେଇ ପଶିଥିଲେ। ଏପରି କି ସୁରକ୍ଷା କର୍ମଚାରୀଙ୍କ ଉପରକୁ ୩ ରାଉଣ୍ଡ ଗୁଳି ଚାଳନା କରିଥିଲେ। ତେବେ ଏଥିରୁ ସୁରକ୍ଷା କର୍ମୀମାନେ ବର୍ତ୍ତି ଯାଇଥିଲେ। ପରେ ଦୁଇ ଯୁବକ ଘଟଣାସ୍ଥଳରୁ ପଳାଇଯାଇ ଢେଙ୍କାନାଳ ଜିଲାର ଏକ ଫାର୍ମହାଉସରେ ଲୁଚି ରହିଥିଲେ। ଖବରପାଇ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଛି।

# ଖୁବ୍‌ଶୀଘ୍ର ହେବ ପୌର ନିର୍ବାଚନ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ସ୍ଥାନ ସଂରକ୍ଷଣ ସମସ୍ୟା ଯୋଗୁ ଦୀର୍ଘଦିନ ହେବ ରାଜ୍ୟରେ ପୌର ନିର୍ବାଚନ ହୋଇପାରୁ ନାହିଁ। ତେବେ ପୌର ନିର୍ବାଚନ ହେବା ନେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସବୁଜ ସଙ୍କେତ ଦେଇଛନ୍ତି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ପୌର ନିର୍ବାଚନ କରିବାକୁ ଯାଉଛନ୍ତି। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଏସ୍‌ସି, ଏସ୍‌ଟି ଓ ପଛୁଆବର୍ଗ(ଓବିସି) ପାଇଁ ୫୦ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହି ଆଧାରରେ ଆସନ୍ତା ନିର୍ବାଚନ ହେବ ।

ରାଜ୍ୟ ସରକାର ପୌର ନିର୍ବାଚନ ପାଇଁ ସଜବାଜ ହେଉଥିବା ବେଳେ ସ୍ଥାନ ସଂରକ୍ଷଣକୁ ନେଇ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ଫଳରେ ସ୍ଥାନ ସଂରକ୍ଷଣକୁ ୫୦ ପ୍ରତିଶତରେ ସୀମିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ଆଇନରେ ସଂଶୋଧନ ଆଣିବାକୁ ପରାମର୍ଶ ଦେଇଥିଲେ। ଫଳରେ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ୭୦ରୁ ଊର୍ଦ୍ଧ୍ୱ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି), ମ୍ୟୁନିସିପାଲିଟି ଓ ମହାନଗର ନିଗମରେ ନିର୍ବାଚନ ହୋଇପାରି ନ ଥିଲା। ପୌର ଆଇନରେ ସଂଶୋଧନ ନ ହେବା କାରଣରୁ ନିର୍ବାଚନ ଅନୁଷ୍ଠିତ ହୋଇପାରି ନ ଥିଲା। ନିର୍ବାଚନ ହେବା ପର୍ଯ୍ୟନ୍ତ ପୌର ସଂସ୍ଥା ଓ ମହାନଗର ନିଗମଗୁଡ଼ିକର ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି।

# ଭିଜିଲାନ୍ସ ଜାଲରେ ଜିଲା ମଙ୍ଗଳ ଅଧିକାରୀ

**ଅନୁଗୋଳ ଅଫିସ,୪।୩**

ନିଜ ସହାୟିକା ତଥା ରୋଷେୟାଙ୍କଠାରୁ ୪୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଅନୁଗୋଳ ଜିଲା ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକ। ତାଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନରେ ଯାଞ୍ଚ କରାଯାଇଛି। ଛେଣ୍ଡିପଦା ଅଞ୍ଚଳର ଚତୁର୍ଭୁଜ ପୋଢ଼ ୨୦୦୬ରେ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେଇଥିଲେ। ସେତେବେଳେ ଚାରୁଲତା ସମାଜ ମଙ୍ଗଳ ଅଧିକାରୀ ଥିଲେ। ଚତୁର୍ଭୁଜଙ୍କୁ ଚାକିରି ଦେଇଥିବା କହି ଚାରୁଲତା ଟଙ୍କା ମାଗିଥିଲେ। ହେଲେ ଏହି ସମୟରେ ଚାରୁଲତାଙ୍କ ବଦଳି ହୋଇଯାଇଥିଲା। କିଛିବର୍ଷ ପରେ ଚାରୁଲତା ପୁଣି ଅନୁଗୋଳ ଜିଲାକୁ ବଦଳି ହୋଇ ଆସିଥିଲେ। ତେଣୁ ଚତୁର୍ଭୁଜଙ୍କୁ ପୁନର୍ବାର ଟଙ୍କା ମାଗିଥିଲେ। ଏପରି କି ଟଙ୍କା ନ ପାଇବାରୁ ୩ ମାସ ହେଲା ତାଙ୍କ ଦରମା ବନ୍ଦ କରିଦେଇଥିଲେ। ଦରମା ପାସ୍ କରିବା ଏବଂ ଚାକିରି ବାବଦରେ ଜିଲା ମଙ୍ଗଳ ଅଧିକାରୀ ୫୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଚତୁର୍ଭୁଜ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ଚାରୁଲତା ୪୯ ହଜାର ଟଙ୍କା ନେବା ବେଳେ ଭିଜିଲାନ୍ସ ମାଡ଼ିବସିଥିଲା।









❝ ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। -ଶ୍ରୀମା



# ନିର୍ବାଚନୀ ଚାଲ୍

ବିଗତ କିଛି ମାସ ହେବ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଲଗାତର ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ଭଳି କେତେକ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ଆମ ରାଜ୍ୟର ମାଲକାନଗିରିରେ ବି ପେଟ୍ରୋଲ ଦର ପ୍ରତି ଲିଟର ୧୦୦ ଟଙ୍କା ଛୁଇଁଥିଲା। ବିରୋଧୀ ଦଳ ଏବଂ ସାଧାରଣ ଜନତା ତେଲ ଦର ବୃଦ୍ଧିକୁ ବିରୋଧ କରିବା ସହ ଏହା କମାଇବା ଲାଗି ଜୋର୍‌ଦାର ଦାବି କରିଆସୁଛନ୍ତି। ଏଭଳି ବେପରୁଆ ତେଲ ଦର ବୃଦ୍ଧି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବଢ଼ାଇଦେବ ଏବଂ ଜୀବନ ଦୁଃଖମୟ ହୋଇଯିବ ବୋଲି ଭୟ କରି ସାଧାରଣ ଲୋକମାନେ ଏଭଳି ଦାବି କରୁଛନ୍ତି। କୋଭିଡ୍ ମହାମାରୀରେ ସୃଷ୍ଟି ହୋଇଥିବା ଅର୍ଥନୈତିକ ମାନ୍ଦାବସ୍ଥାରେ ଲୋକମାନେ ଚାକିରି ହରାଇଛନ୍ତି ଏବଂ ଅତ୍ୟଧିକ ଦୁଃଖରେ ଘାଣ୍ଟି ହେଉଛନ୍ତି। ଅର୍ଥ ବ୍ୟବସ୍ଥା ଏବେ ସୁଦ୍ଧା ଟ୍ରାକ୍‌କୁ ଫେରି ନ ଥିବାବେଳେ ଏଭଳି ତେଲ ଦର ବୃଦ୍ଧି ସମସ୍ତଙ୍କୁ ଆଘାତ ପହଞ୍ଚାଇଛି। ତେଲ ଦର ବୃଦ୍ଧିକୁ କେନ୍ଦ୍ର କରି ସବୁ ପ୍ରକାର ପ୍ରତିବାଦ ଓ ଦାବି ମଧ୍ୟରେ ସରକାର ଏବେ କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଗତ ସପ୍ତାହରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ , ଶୀତ ଗଲା ମାତ୍ରେ ତେଲ ଦର କମିବ। ଏହା ମନକୁ ବୁଝାଇବା ଭଳି କଥା। କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ସବୁ ମାସରେ ତେଲ ଦର ବିରୋଧରେ ହେଉଥିବା ପ୍ରତିବାଦକୁ ନିର୍ଲଜ୍ଜ ଭାବେ କର୍ଣ୍ଣପାତ କରୁଛନ୍ତି। ତେବେ ଏହି ସମୟରେ ସରକାର ତେଲ ଉପରୁ ଉତ୍ପାଦ ଶୁଳ୍କ ବା ଟିକସ କମାଇବା ଲାଗି ଯୋଜନା କରୁଥିବା ଜଣାପଡ଼ିଛି। ଅତିବେଶୀରେ ପେଟ୍ରୋଲ ଲିଟର ପ୍ରତି ଏହା ୮.୫୦ ଟଙ୍କା କମ୍ କରାଯାଇପାରିବ। କେବଳ ପେଟ୍ରୋଲ ଓ ଡିଜେଲ ନୁହେଁ, ଏଲ୍‌ପିଜି ଦର ମଧ୍ୟ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। କେବଳ ଗତ ଏକ ମାସ ମଧ୍ୟରେ ଗ୍ୟାସ୍ ଦର ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ବୃଦ୍ଧି ହୋଇଛି। ଏଭଳି ବୃଦ୍ଧି କେବେ ବି ଦେଖାଯାଇନାହିଁ। ମାର୍ଚ୍ଚ ୨୦୨୦ରୁ ମେ ୨୦୨୦ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଲିଟର ପ୍ରତି ଉତ୍ପାଦ ଶୁଳ୍କ ୧୩ ଟଙ୍କାରୁ ୧୬ ଟଙ୍କା ବଢ଼ିଲା। ଏହା ଏବେ ପ୍ରତି ଲିଟର ଡିଜେଲ ଉପରେ ୩୧.୮ ଟଙ୍କା ରହିଛି।

## ଆଜିର ଅର୍ଥନୀତି

କିନ୍ତୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିଥିଲାବେଳେ ବି ସରକାର ତେଲ ଉପରେ ଲାଗୁ କରିଥିବା ଟିକସଗୁଡ଼ିକର ମୂଳସ୍ତରକୁ ଫେରି ନ ଥିଲେ। କେନ୍ଦ୍ର ଓ ରାଜ୍ୟ ଟିକସଗୁଡ଼ିକ ଏବେ ପ୍ରତି ପେଟ୍ରୋଲ ମୂଲ୍ୟର ୬୦% ଏବଂ ପ୍ରତି ଡିଜେଲ ମୂଲ୍ୟର ୫୪% ରହିଛି। ମୋଦି ସରକାର ନଭେମ୍ବର ୨୦୧୪ରୁ ଜାନୁୟାରୀ ୨୦୧୬ ମଧ୍ୟରେ ଉତ୍ପାଦ ଶୁଳ୍କ ୯ ଥର ବୃଦ୍ଧି କରିଥିଲେ। ସେଥିପାଇଁ ତେଲଦର ତିନି ଅଙ୍କ ଛୁଇଁଥିବାବେଳେ ଏହି ସରକାର ଟିକସ କମାଇ ନ ପାରିବାର କୌଣସି କାରଣ ନାହିଁ। ଏବେ ଆକସ୍ମିକ ଭାବେ ମୂଲ୍ୟ କମାଇବା ନିଷ୍ପତ୍ତି କେବଳ ଏକ ଚାଲ୍ , ଯାହା ନିର୍ବାଚନ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ।

ତେଲ ଦର ବଢ଼ିଆସୁଥିବା ସମୟରୁ ସରକାର ନୀରବ ହୋଇ ବସିଥିବାବେଳେ ଏବେ ବିକଳ୍ପ ଭାବେ ଉତ୍ପାଦ ଶୁଳ୍କ କମାଇବାକୁ କାହିଁକି ପ୍ରକାଶ କରୁଛନ୍ତି ତାହା କାହାକୁ ଅଛପା ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଶ୍ଚିମବଙ୍ଗ ସମେତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ମାର୍ଚ୍ଚ ଶେଷରୁ ନିର୍ବାଚନ ହେବାକୁ ଯାଉଛି। ସେଥିପାଇଁ ଏବେ ପାଞ୍ଚଦିନ ହେବ ତେଲ ଦର ବଢ଼ିନାହିଁ। ନିର୍ବାଚନ ପାଇଁ ନିର୍ବାଚନ କମିଶନ( ଇସି) ତାରିଖ ଘୋଷଣା କରିବା ପରଠାରୁ ତେଲ ଦର ବୃଦ୍ଧି ଅଟକି ଯାଇଛି। ଗତବର୍ଷ ମଧ୍ୟ ବିହାର ସମେତ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ସମାନ ଢଙ୍ଗରେ ତେଲ ଦର ବୃଦ୍ଧି ଅଟକି ଯାଇଥିଲା। ତେବେ ଯେମିତି ନିର୍ବାଚନ ଶେଷ ହୋଇଯାଇଥିଲା, ତେଲ କମ୍ପାନୀଗୁଡ଼ିକ ତେଲ ଦର ବୃଦ୍ଧି କରିଥିଲେ। ସେହିପରି ଏହି ସମୟରେ ତେଲ ଉପରେ ଲାଗୁ କରାଯାଇଥିବା ଉତ୍ପାଦ ମୂଲ୍ୟ ହ୍ରାସ କରିବାର ବିକଳ୍ପ ସମ୍ପର୍କରେ ସରକାର ଜଣାଉଛନ୍ତି। ଯଦି ବାସ୍ତବରେ ଏହା ହ୍ରାସ କରାଯାଏ, ତେବେ ଏଥିରୁ ବୁଝାପଡ଼ିବ ଯେ ତେଲ ଉପରେ ଲାଗୁ ଟିକସରୁ ରାଜସ୍ୱ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟକୁ ପ୍ରଭାବିତ ନ କରି ସରକାରଙ୍କ ପାଖରେ ଉତ୍ପାଦ ମୂଲ୍ୟ କମାଇବାର ଏକ ବଡ଼ ସୁଯୋଗ ରହିଥିଲା। ଯଦି ଏଭଳି ସୁଯୋଗ ଥିଲା, ତେବେ ବିଗତ ମାସଗୁଡ଼ିକରେ ଉତ୍ପାଦ ଶୁଳ୍କ କମାଇବାକୁ ସରକାରଙ୍କୁ କିଏ ମନା କରିଥିଲା। ଏନ୍‌ଡିଏ ସରକାର ତେଲ ଦର ବୃଦ୍ଧି ରୋକିବା କିମ୍ବା କମ୍ କରିବା ପୂର୍ବରୁ ନିଶ୍ଚିତ ଭାବେ ନିର୍ବାଚନ କମିଶନଙ୍କ ତାରିଖ ଘୋଷଣା ଅପେକ୍ଷାରେ ରହିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୫ ମାର୍ଚ୍ଚ ୧୯୯୬

- ତେଲ୍‌ଆଭିଭ୍‌ର ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ହମାସ ଉଗ୍ରପନ୍ଥୀ ସଙ୍ଗଠନର ଜଣେ ଆତ୍ମଘାତୀ ବୋମାଧାରକ ବିସ୍ଫୋରଣ ଘଟାଇବାରୁ ୨୦ ଜଣଙ୍କର ମୃତ୍ୟୁ।
- ଚାଇନାର ୧୬୦ ସଦସ୍ୟ ବିଶିଷ୍ଟ ପ୍ରେସିଡିୟମକୁ ୯୧ ବର୍ଷ ବୟସ୍କ ଡେଙ୍ଗ ଜିଆଓପିଙ୍ଗ୍ ନିର୍ବାଚିତ।
- ସିମଳାରେ ଏକ ବେସରକାରୀ ଯାତ୍ରୀବାହୀ ବସ୍ ରାମପୁରରୁ ନରକନ୍ଦା ଯାଉଥିବା ସମୟରେ ଗଭୀର ଖାତକୁ ଖସିପଡ଼ିବା ଫଳରେ ୫୦ ଯାତ୍ରୀ ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | 5 | 0 | E | | B | | | | | | | 6 |
| | 2 | | | | | D | | 6 | | | 9 | | 0 | |
| | | 7 | A | 6 | | 0 | 5 | 4 | 1 | | | | D | C |
| | | | 8 | | | | | | | 7 | | | B | |
| 5 | | | 3 | | B | | | A | | | | | | |
| | 0 | C | B | | | A | | | E | 3 | | D | | |
| | | D | | | | | 7 | | | | 8 | | | |
| | 1 | 5 | | | | | | 8 | C | B | 0 | 9 | A | |
| | | | | | | 9 | 4 | | 6 | | | | | E |
| 7 | | 3 | | | | 5 | D | C | | | | | 1 | |
| | 7 | | 2 | 1 | 0 | B | 9 | | | | | | | |
| | | | E | 4 | | | | D | 8 | | | | | A |
| | 6 | | | | | | | 3 | | C | | | | |
| 8 | B | 0 | | 9 | 6 | | C | 5 | | | | | | 7 |
| D | | | | 5 | A | | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 3 | 8 | C | 2 | D | B | 6 | 4 | 5 | 1 | 7 | A | E | 0 |
| 7 | C | A | 5 | 1 | 3 | E | 2 | 0 | 6 | 4 | 9 | 8 | B | D |
| D | 2 | 0 | 4 | E | 9 | 5 | A | 1 | 8 | B | 3 | 7 | C | 6 |
| 4 | E | 1 | 6 | B | A | 7 | 3 | 8 | C | D | 0 | 9 | 2 | 5 |
| 5 | 6 | B | 7 | 0 | 8 | C | D | 9 | A | E | 2 | 4 | 3 | 1 |
| 0 | 8 | 7 | D | A | C | 6 | E | B | 1 | 2 | 5 | 3 | 9 | 4 |
| E | 5 | 3 | 2 | 4 | 6 | A | 9 | 7 | D | C | 8 | 0 | 1 | B |
| 2 | 9 | D | 1 | 8 | B | 3 | 4 | C | 0 | 6 | E | 5 | 7 | A |
| A | 4 | C | 0 | 3 | E | D | 1 | 5 | 9 | 7 | B | 6 | 8 | 2 |
| 1 | B | 6 | 9 | 7 | 5 | 8 | 0 | 2 | 3 | A | 4 | E | D | C |
| 3 | 1 | 9 | B | D | 4 | 2 | 5 | E | 7 | 0 | 6 | C | A | 8 |
| 8 | A | 4 | 3 | C | 2 | 1 | 7 | 6 | E | 5 | D | B | 0 | 9 |
| 6 | 0 | E | A | 5 | 7 | 9 | C | D | B | 8 | 1 | 2 | 4 | 3 |
| C | 7 | 2 | 8 | 6 | 1 | 0 | B | 3 | 4 | 9 | A | D | 5 | E |
| B | D | 5 | E | 9 | 0 | 4 | 8 | A | 2 | 3 | C | 1 | 6 | 7 |

ଗତକାଲିର ଉତ୍ତର

# ବିଜୁ ଆଦର୍ଶ ଏକ ଆହ୍ୱାନ



ଡ. ଚନ୍ଦ୍ରକଳା ନାୟକ

କେବଳ ଭାରତର ମୁକ୍ତି ସଂଗ୍ରାମ କାହିଁକି, ଇଣ୍ଡୋନେସିଆ ରାଷ୍ଟ୍ର ପାଇଁ ବିଜୁବାବୁଙ୍କର ଅବଦାନ ବି ଅତୁଳନୀୟ। ସେଠାରେ ଏହାର ପ୍ରତି ବଦଳରେ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣୋ ତାଙ୍କୁ ୫୦୦ କୋଟି ଟଙ୍କାର ଅଚଳାଚଳ ସମ୍ପତ୍ତି ଦାନ କରିଥିଲେ। ନିଜକୁ କଳିଙ୍ଗର ସମ୍ରାଟ ବୋଲି କୁହାଯାଉଥିବା ଏହି ମହାନ୍ ରାଷ୍ଟ୍ରନାୟକ ଏହି ଦାନକୁ ଗ୍ରହଣ କରି ନ ଥିଲେ। ତାଙ୍କର ଯୁକ୍ତି ଥିଲା କୌଣସି ସାହାଯ୍ୟ ପାଇଁ କଳିଙ୍ଗବାସୀ କିମ୍ବା କଳିଙ୍ଗର ସମ୍ରାଟ କାହାଠାରୁ ଦାନ ଗ୍ରହଣ କରି ନ ଥାନ୍ତି। ନିଜ ରାଜ୍ୟର ଲୋକଚରିତ୍ର ନେଇ ଏତେବଡ଼ ଗରିମା ରକ୍ଷା କରୁଥିଲେ ବିଜୁବାବୁ। ଦେଶର ବହୁ ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜର ଜୀବନକୁ ବାଜି ଲଗାଇ ବିଜୁବାବୁ ଯୁଦ୍ଧକ୍ଷେତ୍ରରେ ବି ଅବତୀର୍ଣ୍ଣ ହୋଇଛନ୍ତି। ଦୁର୍ଭିକ୍ଷ, ରାଷ୍ଟ୍ର ବିପ୍ଳବ, ରାଜଦ୍ୱାର ଏବଂ ଶ୍ମଶାନରେ ଠିଆ ହେଉଥିବା ଲୋକ ପ୍ରକୃତରେ ବନ୍ଧୁ। ବିଜୁବାବୁ ଆମ ଦେଶର ସେହିଭଳି ଜଣେ ବନ୍ଧୁ ଥିଲେ, ଯେ କି ଦେଶ ଏବଂ ଦେଶବାସୀଙ୍କ ପ୍ରତିଟି ସମୟରେ ନିଜର ସାଧ୍ୟମତେ ଠିଆ ହେବାର ଜୀବନବ୍ୟାପୀ ଚେଷ୍ଟା କରିଥିଲେ।

ଭାରତର ମୁକ୍ତି ସଂଗ୍ରାମ ଜୋରଦାର ହେବା ବେଳକୁ ନୂଆଦିଲ୍ଲୀରେ ଥିବା ବିଜୁବାବୁଙ୍କ ଘରକୁ ସ୍ୱାଧୀନତା ସଂଗ୍ରାମୀମାନେ 'ଆବଷ୍କଣ୍ଡର୍ସ ପାରାଡାଇଜ' ବା 'ଫେରାରମାନଙ୍କ ଅମରାବତୀ' ବୋଲି କହୁଥିଲେ। ଏହି ସମୟରେ ବିଜୁବାବୁଙ୍କ କନ୍ୟା ଗୀତା ଜନ୍ମ ହେବାର ମାତ୍ର ତିନି ସପ୍ତାହ ପରେ ଛଅ ଜଣ ସଶସ୍ତ୍ର କନଷ୍ଟେବଳ ଏହି 'ଫେରାରମାନଙ୍କ ଅମରାବତୀ' ଘରେ ପହଞ୍ଚି ବିଜୁବାବୁଙ୍କୁ ଗିରଫ କରି ଜେଲ ନେଇଗଲେ। ଏହି ଗିରଫଦାରିର କାରଣ ଥିଲା ପିସ୍ତଲ। ଗୋଟିଏ ଦଶନ୍ଧି ଧରି ଚାଲିଥିବା ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ବ୍ରିଟିଶମାନଙ୍କୁ ଭାରତରୁ ହଟେଇ ପାରି ନ ଥିଲା। ସେଥିପାଇଁ ଉଗ୍ର ଜାତୀୟତାବାଦୀମାନେ ବ୍ରିଟିଶ ସୈନିକଙ୍କ ହାତରେ ମରିବା ଅପେକ୍ଷା ଏହାର ସାହାରା ନେଉଥିଲେ। ଏହାର କିଛିବର୍ଷ ପୂର୍ବରୁ ବିଜୁବାବୁଙ୍କ ଜଣେ ସମ୍ପର୍କୀୟ ଭାଇ, ଉଣେଇଶ ବର୍ଷର ତରୁଣ କବି ଚିଟାଗଙ୍ଗରେ ବ୍ରିଟିଶ ଅସ୍ତ୍ରାଗାର ଉପରେ ଚଢ଼ଉ କରିଥିଲେ। ମାତ୍ର ବ୍ରିଟିଶ ପୋଲିସ ହାତରେ ଧରାପଡ଼ିବା ଅପେକ୍ଷା ମୃତ୍ୟୁ ହିଁ ଶ୍ରେୟସ୍କର ଭାବି ସେ ଗୁଳି ବର୍ଷାରେ ଜୀବନ ହାରିଥିଲେ। ଏହି ସମ୍ପର୍କୀୟ ଭାଇଙ୍କ ଆଉ ଜଣେ ଭାଇ ପୂର୍ବରୁ ଧରାପଡ଼ି କଳାପାଣି ଦଣ୍ଡ ଭୋଗ କରିଥିଲେ।

ସେଦିନ ବିଜୁବାବୁଙ୍କ ହାତରେ ହାତକଡ଼ା ପଡ଼ିଲା ପୂର୍ବରୁ ସେ ତାଙ୍କର ପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ନିକଟକୁ ବିଦାୟ ନେବା ଭଙ୍ଗୀରେ ଯାଇ ଘରେ ଥିବା ପିସ୍ତଲଗୁଡ଼ିକୁ କୌଣସି ପ୍ରକାରେ ବାହାରେ ଫିଙ୍ଗି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନ ହେଲେ ବିଜୁବାବୁଙ୍କୁ କଳାପାଣି ଦଣ୍ଡ ଭୋଗିବାକୁ ପଡ଼ିଥାନ୍ତା। କଳାପାଣି- ଆଣ୍ଡାମାନ ଦ୍ୱୀପପୁଞ୍ଜର ସେହି ଭୟଙ୍କର କାରାଗାରରେ ନିର୍ଯାତନା ଅବର୍ଣ୍ଣନୀୟ।

ଉତ୍ତର ଭାରତର ସଂସ୍କୃତିରେ ବଢ଼ିଥିବା ଜ୍ଞାନଦେବୀ ନାରୀମାନଙ୍କ ଗ୍ରହଣରେ ଓ ମହିଳା ଶିକ୍ଷକଙ୍କଠାରୁ ତାଲିମ ନେଇ ନିଜ ରାଜ୍ୟ କଶ୍ମୀର ହ୍ରଦର ଚିତ୍ର ଆଙ୍କିବା, ସିତାରରେ କିଛି ରାଗରାଗିଣୀ ବଜେଇବା, ଶାସ୍ତ୍ରୀୟ ସଂସ୍କୃତି ଓ ପାର୍ସି କହିବା କାମ ଶିଖିଥିଲେ। ମାତ୍ର ଆଧୁନିକ କାଇଦା କାନୁନ୍ ବିଷୟରେ ଓସ୍ତାଦି ନ ଥିବା ଜ୍ଞାନଦେବୀ ପୋଲିସ ଆଖିରେ ଧୂଳି ଦେଇ ସେ ସମୟରେ ଚୋରା ପିସ୍ତଲକୁ ନେଇ ଫିଙ୍ଗିବା କାଠିକର ପାଠ ଥିଲା। ତେବେ ବିଜୁବାବୁ ଜେଲ ଯିବାପରେ ଦେଶ ଓ ଜାତି ପାଇଁ ସମର୍ପିତ, ବିଜୁବାବୁଙ୍କ ପତ୍ନୀ ଭାବେ ଜ୍ଞାନଦେବୀ ସେଦିନ ଘରେ ଥିବା ପିସ୍ତଲଗୁଡ଼ିକୁ ଏକାଠି କରି ସନବିମ୍ ଟାଇବଟ ଗାଡ଼ିରେ ବସିଲେ। ବୁଲିଯିବା ବାହାନାରେ ଅନେକ ଦୂରକୁ ଯାଇ ଗୋଟିଏ ତକିଆ ଖୋଳ ଭିତରେ ଭର୍ତ୍ତି କରିଥିବା ପିସ୍ତଲଗୁଡ଼ାକୁ ପକେଇ ଦେଇ ପୁଣି ଫେରିଆସିଲେ। ପରଦିନ ଜ୍ଞାନଦେବୀ ଜାଣିବାକୁ ପାଇଲେ ଯେ, ସେ ଅନ୍ଧାରରେ ଯୋଉଟିକୁ ନିଭୃତ ସ୍ଥାନ ଭାବି ପିସ୍ତଲଗୁଡ଼ିକୁ ପକାଇ ଦେଇ ଆସିଥିଲେ, ତାହା ଥିଲା ପ୍ରକୃତରେ ଚିଫ୍ ଇନ୍ସପେକ୍ଟର ଅଫ ପୋଲିସ ଦପ୍ତର ପାଚେରି କଡ଼। ତେବେ ଜ୍ଞାନଦେବୀ ଏହି କାମ କରିବାକୁ ଯାଇଥିବା ବେଳେ ଘରେ ଥିଲେ କେବଳ ତାଙ୍କର ନବଜାତ ଶିଶୁକନ୍ୟା ଗୀତା ଏବଂ ଦୁଇବର୍ଷର ବଡ଼ପୁଅ ପ୍ରେମ। ବିଜୁବାବୁଙ୍କ ଝିଅ ସୁଖ୍ୟାତି ଅର୍ଜନ କରିଥିବା ଲେଖିକା ଗୀତା ମେହେଟ୍ଟା ନିଜର ବହୁ ଚର୍ଚ୍ଚିତ ଇଂଲିଶ ପୁସ୍ତକ 'ସ୍ନେକ ଆଣ୍ଡ ଲାର୍ଡସ' (ସାପ ଏବଂ ଶିଢ଼ି) ପୁସ୍ତକରେ ଏହା ଅତ୍ୟନ୍ତ ଚମତ୍କାର ଶୈଳୀରେ ଉଲ୍ଲେଖ କରିଛନ୍ତି। ଏହି ପୁସ୍ତକରେ ସେ ଠାଏ ଠାଏ ନିଜର ମହାନ୍ ବାପା ଏବଂ ପରିବାରକୁ ନେଇ ଅନୁଭୂତି ପ୍ରକାଶ କରିଛନ୍ତି। ଛାତ୍ର ଅବସ୍ଥାରୁ ଦେଶ ଓ ଜାତି ପାଇଁ ସମର୍ପିତ ବିଜୁ ପଟ୍ଟନାୟକଙ୍କ ଦେଶର ମୁକ୍ତି ସଂଗ୍ରାମ ଲାଗି ଥିବା ଅବଦାନର ଏହା ଏକ ଝଲକ ମାତ୍ର।

ବିଜୁବାବୁ ଓଡ଼ିଶା ପାଇଁ କ'ଣ କରିଛନ୍ତି, ଏଥିନେଇ ବାରମ୍ବାର ଆଲୋଚନା ହୋଇଥିବାରୁ ମୁଁ ଆଦୌ ସେ ଦିଗକୁ ଯାଉନାହିଁ। କେବଳ ଏତିକି କହିବି ଯେ, ଓଡ଼ିଶାର ସେ ଥିଲେ ମୁକୁଟବିହୀନ ସମ୍ରାଟ। ତାଙ୍କର ଛବି ଏବଂ ରୂପରୁ ଲୋକେ ଓଡ଼ିଶାକୁ ଆଜି ବି ଅନୁଭବ କରନ୍ତି ଏବଂ ଓଡ଼ିଶା ଥିଲା ତାଙ୍କର ଆତ୍ମା। ପ୍ରତିଟି ଓଡ଼ିଆର ମନ ଓ ଆବେଗ ଉପରେ ତାଙ୍କର ଅସମ୍ଭବ ରାଜୁତି ଥିଲା ; ଯାହା କି ଅଦ୍ୟାବଧି କୌଣସି ରାଜନେତାଙ୍କ ପକ୍ଷରେ ସମ୍ଭବ ହୋଇନାହିଁ ଏବଂ ଭବିଷ୍ୟତରେ ହେବା ନେଇ ସନ୍ଦେହ ରହିଛି। କିଏ କେତେଦିନ କ୍ଷମତାରେ ରହିଲା, ଏହାସହ ବିଜୁବାବୁଙ୍କ ବ୍ୟକ୍ତିତ୍ୱକୁ ଯୋଡ଼ାଯାଇ ନ ପାରେ। କ୍ଷମତା ରାଜନୀତିରୁ ବହୁ ଊର୍ଦ୍ଧ୍ୱକୁ ଯାଇ ବିଜୁବାବୁଙ୍କୁ ଆକଳନ କରାଯାଏ।

ଏମିତି ବି ଦେଖିଲେ, ୧୯୭୭ରେ ବିଜୁବାବୁଙ୍କ କବ୍‌ଜାରେ ମୁଖ୍ୟମନ୍ତ୍ରୀ ପଦ ଥିଲେ ବି ସେ ଜାଣିଶୁଣି ଓଡ଼ିଶାର ବିକାଶ ପାଇଁ ତାଙ୍କର କେନ୍ଦ୍ରରେ ନେତୃତ୍ୱ ଅତ୍ୟାବଶ୍ୟକ ବୋଲି ମନେକରି ସେ ସମୟରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ଅନେକ ଥର ଦଇବର ଦାଉ ବି ବିଜୁବାବୁଙ୍କୁ କ୍ଷମତାରୁ ଦୂରେଇ ରଖିଥିଲା। ଜବାହରଲାଲ ନେହେରୁଙ୍କ ଅତ୍ୟନ୍ତ ପ୍ରିୟଥିଲେ ବିଜୁବାବୁ। ନେହେରୁ ବିଜୁବାବୁଙ୍କ ଭିତରେ ଦେଶର ନେତୃତ୍ୱ ନେବାର ଦକ୍ଷତା ଥିଲା ବୋଲି ନେହେରୁ ଅନୁଭବ କରୁଥିଲେ। ଏପରି କି ତାଙ୍କ ପରେ ବିଜୁବାବୁ ପ୍ରଧାନମନ୍ତ୍ରୀ ହୁଅନ୍ତୁ ନେହେରୁଙ୍କ ଇଚ୍ଛା ଥିଲା ବୋଲି ଖୋଦ୍ ବିଜୁବାବୁ ନିଜର ସାକ୍ଷାତ୍କାରରେ କହିଛନ୍ତି। ବିଜୁବାବୁ ଏଥିନେଇ କହିଛନ୍ତି ଯେ, ଟଙ୍କାର ଅଭାବ ପାଇଁ ପ୍ରଧାନମନ୍ତ୍ରୀ ପଦ ମୋ ପାଇଁ ସ୍ୱପ୍ନ ହୋଇଗଲା ; ଯେଉଁଥିପାଇଁ ପ୍ରଧାନମନ୍ତ୍ରୀ ଦୌଡ଼ରେ ମୁଁ ରହିବାକୁ ଚାହିଁଲି ନାହିଁ। ତେବେ ପ୍ରଧାନମନ୍ତ୍ରୀ ନ ହୋଇ ମୁଁ କେବେ ଅନୁତପ୍ତ ହୋଇନାହିଁ। ବିଶ୍ୱନାଥ ପ୍ରତାପ ସିଂ ଏବଂ ଦେବେଗୌଡ଼ାଙ୍କୁ ପ୍ରଧାନମନ୍ତ୍ରୀ ଚୌକିରେ ବସାଇବାରେ ମୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେଥିପାଇଁ ସାରା ଭାରତବର୍ଷରେ ମୋତେ କୁହାଯାଏ 'କିଙ୍ଗ୍ ମେକର'। ରାଜନୀତିର ବହୁ ଉତ୍‌ଥାନ ଓ ପତନ ଦେଇ ମୁଁ ଗତି କରିଛି। ଏହି ଉତ୍‌ଥାନ ପତନ ଅଭିଜ୍ଞତାରୁ ଯାହା ମୁଁ ଜାଣି ପାରିଲି ତାହା ହେଲା- ରାଜନୀତିରେ ଆଜି ଯେ ଶତ୍ରୁ କାଲି ସେ ମିତ୍ର। ଆଉ କାଲି ଯେ ମିତ୍ର ଆଜି ସେ ଶତ୍ରୁ ; ଯେଉଁଥିପାଇଁ ଦିନେ ହରେକୃଷ୍ଣ ମହତାବ ମୋର ମିତ୍ର ଥିବାବେଳେ ସମୟ ଆସିଲା ସେ ମୋର ପରମ ଶତ୍ରୁ ପାଲଟି ଗଲେ। ତାଙ୍କୁ ହଟାଇ ମୁଖ୍ୟମନ୍ତ୍ରୀ ପଦରେ ମୁଁ ବସିଲି। ସମୟଚକ୍ରରେ ରାଜନୀତି କେଉଁ ଆଡ଼କୁ ଯିବ ତାହା କେହି କହିପାରିବେ ନାହିଁ।

ଦେଶ ତଥା ରାଜ୍ୟ ପାଇଁ ଅସରନ୍ତି ତ୍ୟାଗ କରିଥିବା ଏହି ମହାନାୟକ କିନ୍ତୁ ରାଜନୀତିରେ କେବେ ବି ନିଜ ପରିବାରରୁ କାହାକୁ ରାଜନୀତିକୁ ଆଣିବାକୁ ଚେଷ୍ଟା କରି ନ ଥିଲେ। ଏହାର କାରଣ ଥିଲା ସେ ଗଣତନ୍ତ୍ର ଉପରେ ବିଶ୍ୱାସ ରଖୁଥିଲେ। ସମଗ୍ର ଓଡ଼ିଶା ଥିଲା ତାଙ୍କର ପରିବାର। ଅନ୍ୟ ଦୃଷ୍ଟିରୁ ଦେଖିବାକୁ ଗଲେ, ସେ ରାଜନୀତିକୁ ନିଜର ଲାଭ ପାଇଁ ଆସି ନ ଥିଲେ। ରାଜନୀତିର ବ୍ୟବସାୟୀକରଣ କରି ନିଜର ସମ୍ପତ୍ତି ବଢାଇବା ତାଙ୍କର ଲକ୍ଷ୍ୟ ନ ଥିଲା। ବରଂ ଓଡ଼ିଶା ପାଇଁ ସ୍ୱପ୍ନ ଦେଖୁ ଦେଖୁ ଏବଂ ଏହି ସ୍ୱପ୍ନକୁ ସାକାର କରିବାକୁ ଯାଇ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ଏହି ନିଶାରେ ସେ ନିଜର ସମ୍ପତ୍ତି ବରଂ ହରାଇ ହରାଇ ଚାଲିଥିଲେ। ଏହି ନିଶାରେ ଥିବା ଲୋକ କେତେ କଷ୍ଟ ପାଏ, ତାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ସେଥିପାଇଁ ତ ସମସ୍ତଙ୍କୁ ହାତ ଖୋଲି ସାହାଯ୍ୟ ଏବଂ ଦାନ ଦେଉଥିବା ବିଜୁବାବୁ ଦିନେ ଦିନେ ରାତିରେ ରୁଟି ଗୁଡ଼ ଖାଇ ଶୋଇଥିବାର ନିଜର ଅନୁଭୂତିକୁ ବାଣ୍ଟିଛନ୍ତି। ଏ ସମ୍ପର୍କରେ ବିଜୁବାବୁ କହିଛନ୍ତି- ମୁଁ କେବେ ମୋ ପୁଅ ଝିଅଙ୍କୁ ରାଜନୀତି କରିବାକୁ ପରାମର୍ଶ ଦେଇନାହିଁ। ଏମିତି ରାଜନୀତି କଲେ କିପରି ନିଃସ୍ୱ ହେବାକୁ ପଡ଼େ ତାହାକୁ ମୁଁ ଭଲ ରୂପେ ଜାଣିଛି। ରାଜନୀତି ଏମିତି ଏକ ନିଶା, ଯିଏ ଥରେ ସେଥିରେ ପାଦ ଦେଲା ଆଉ ମୁକୁଳିବା ସମ୍ଭବ ନୁହେଁ। ଲୋକେ ତା' ପାଖକୁ ଚାଲିଆସିଲେ ସେ ସବୁ ଦୁଃଖ ଭୁଲିଯାଏ। ପରିବାର କ'ଣ ବୋଲି ସେ ଜାଣେନାହିଁ। ମୋ ମତରେ ରାଜନୈତିକ ବ୍ୟକ୍ତିମାନଙ୍କର ପରିବାର ବୋଲି କିଛି ନ ଥାଏ। ପତ୍ନୀ ଯଦି ଦାୟିତ୍ୱ ଠିକ୍ ଭାବେ ନ ତୁଲାଇବ ତେବେ ପିଲାମାନେ ଅମଣିଷ ହୋଇଯିବେ। ତେବେ ପରବର୍ତ୍ତୀ ଅବସ୍ଥାରେ ବିଜୁ ପୁତ୍ର ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ବିଜୁବାବୁ ନିଜ ଜୀବନରେ ନିଜ ପୁଅଙ୍କୁ ନିଜ ବଳରେ ନେତା କରିବାର ଉଦ୍ୟମ କରି ନାହାନ୍ତି। ବିଜୁବାବୁଙ୍କ ଦେଶପ୍ରେମ, ତ୍ୟାଗ, ନିଷ୍ଠା, ଓଡ଼ିଶା ପ୍ରତି ନିଜର ଆନ୍ତରିକତା, ଦୁଃସାହସିକତା ଆଜି ତାଙ୍କୁ ଏକ ଆଦର୍ଶରେ ପରିଣତ କରିଛି। ଏହି ବିଜୁ ଆଦର୍ଶକୁ ବାସ୍ତବରେ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ହୋଇଛି।

ଚାରବାଟିଆ, ଚଣ୍ଡିଖୋଲ, ଯାଜପୁର
ମୋ-୯୪୩୭୯୫୭୬୧୭

# ମହାମାରୀରେ ଧନକୁବେର



ରୁଦ୍ର ପ୍ରସନ୍ନ ରଥ

କରୋନା ମହାମାରୀ ଆମ ସମସ୍ତଙ୍କ ଉପରେ ଗତ ଗୋଟିଏ ବର୍ଷରେ କି ପ୍ରକାର ପ୍ରଭାବ ବିସ୍ତାର କରିଛି ତାହା କହିବାର ବା ଲେଖିବାର ଆବଶ୍ୟକତା ନାହିଁ। ଅନେକେ ନିଜେ ସଂକ୍ରମିତ ହୋଇଛନ୍ତି। ଆହୁରି ଅନେକ ନିଜର ପ୍ରିୟଜନଙ୍କୁ ଏହି ସଂକ୍ରମଣରେ ହରାଇଛନ୍ତି। ଲୋକେ ନିଜେ ଏହି ମହାମାରୀର ଶିକାର ହୋଇ ଦିନ ଦିନ ଡାକ୍ତରଖାନାରେ କାଟିଛନ୍ତି। ଯନ୍ତ୍ରଣାରେ ଜର୍ଜରିତ ହୋଇ ଜୀବନମରଣର ଅଙ୍କ କଷିଛନ୍ତି। ଅନେକଙ୍କ ଜୀବନଜୀବିକା ଉଜୁଡ଼ି ଯାଇଛି। ସହରରୁ ଚାକିରି ହରାଇ ଲୋକେ ଗାଁ ଅଭିମୁଖେ ଛୁଟିଛନ୍ତି। କିଏ ଫିଲ୍ମ ଛାଡ଼ି ପରିବା ବିକିଛି ତ ଆଉ କିଏ ଆଇଟି ଚାକିରି ଛାଡ଼ି ରାସ୍ତା ଉପରେ ଜଳଖିଆ ଦୋକାନ ଖୋଲିଛି। ପୂରା ଭାରତ ସମୟର ପରୀକ୍ଷାଗାରରେ ନିଜର ଭାଗ୍ୟ ଆଉ ଭବିଷ୍ୟତକୁ ପରୀକ୍ଷା କରିବାକୁ ବାଧ୍ୟ ହୋଇଛି।

ଅଥଚ ଏହି ମହାମାରୀକୁ କିଛି ଲୋକ ସୁଯୋଗ ବୋଲି ଭାବିଛନ୍ତି। କେବଳ ଭାବିନାହାନ୍ତି ସୁଯୋଗର ସଦୁପଯୋଗ ବି କରିଛନ୍ତି। ନିକଟରେ ଅନ୍ତର୍ଜାତୀୟ ବେସରକାରୀ ଅନୁଷ୍ଠାନ ଏକ ରିପୋର୍ଟ ପ୍ରକାଶ କରିଛି। ଏହାର ନାମ ହେଉଛି ଦ ଇନ୍‌କ୍ୱାଲିଟି ଭାଇରସ୍। ସାରା ବିଶ୍ୱରେ କୋଭିଡ୍ ଭାଇରସର ପ୍ରଭାବ କ'ଣ ଏହା ଏହି ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟ ଅନୁଯାୟୀ ସାରା ବିଶ୍ୱରେ ପ୍ରାୟ ୨୦ ରୁ ୫୦ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ହୋଇଯାଇଛନ୍ତି। କେବଳ ଆମ ଦେଶରେ ୮୪% ପରିବାରର ଆର୍ଥିକ ଆୟ ହ୍ରାସ ପାଇଛି। ୨୦୨୦ ଏପ୍ରିଲରେ ହିଁ ଦେଶରେ ପ୍ରତି ଘଣ୍ଟାରେ ୧ ଲକ୍ଷ ୭୦ ହଜାର ଲୋକ ଚାକିରି ହରାଇଛନ୍ତି। ଆମ ଦେଶରେ ମୁକେଶ ଅମ୍ବାନୀଙ୍କ ପରି ଧନକୁବେର ଏବଂ ଅତିଧନୀଙ୍କ ସମ୍ପତ୍ତି ମୂଲ୍ୟରେ ୩୫% ଯାଏ ବୃଦ୍ଧି ଘଟିଛି। ଏମାନଙ୍କର ଆୟ ଏତେ ବଢ଼ିଯାଇଛି ଯେ ମୁକେଶ ଅମ୍ବାନୀ ଗୋଟିଏ ଘଣ୍ଟାରେ ଯେତିକି ଆୟ କରନ୍ତି ତାହା ଜଣେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ସେତିକି ଆୟ କରିବାକୁ ଦଶ ହଜାର ବର୍ଷ ଲାଗିଯିବ। ଦେଶରେ ଅତିଧନୀମାନେ ଏହି ସମୟ ମଧ୍ୟରେ ଆୟ କରିଥିବା ଟଙ୍କାକୁ ଯଦି ୧୩.୮ କୋଟି ଲୋକଙ୍କ ମଧ୍ୟରେ ବଣ୍ଟାଯାଏ ତେବେ ଜଣେ ମୁଣ୍ଡ ପିଛା ୯୪,୦୪୫ ଟଙ୍କାପାଇପାରିବ। ଏତିକି ପଇସାରେ ଜଣେ ନିଜ ପାଇଁ ଗୋଟିଏ ବଖରା ଘର ସହ ଶୌଚାଳୟ କରିପାରିବ। କିଛି ନ ହେଲେ ଏତିକି ପଇସାରେ ଜଣେ ନିଜ ପାଇଁ ବିକଳ୍ପ ଜୀବନଜୀବିକା ଅର୍ଜନ କରିପାରିବ। ଧନକୁବେରମାନଙ୍କ ପାଖରେ ଥିବା ଏହି ଅର୍ଥ ଯଦି ସରକାରଙ୍କ ପାଖକୁ କୌଣସି ମତେ ଆସି ଯାଆନ୍ତା ତେବେ ସରକାର ନିଜର ଜନଔଷଧି କାର୍ଯ୍ୟକ୍ରମର ବଜେଟକୁ ୧୪୦ ଗୁଣା ବଢ଼ାଇପାରନ୍ତେ କିମ୍ବା ଏମ୍‌ଜିଏନ୍‌ଆରଇଜିଏସ୍ ପରି କାର୍ଯ୍ୟକ୍ରମ ନିମନ୍ତେ ଆଗାମୀ ୧୦ ବର୍ଷଯାଏ ଅର୍ଥ ବ୍ୟବସ୍ଥା କରିବାକୁ ସରକାର ଚିନ୍ତା କରନ୍ତେ ନାହିଁ। କିନ୍ତୁ ବାସ୍ତବିକତାର କଥା ହେଉଛି ଏ ପଇସାର କାଣିଚାଏ ବି ସରକାରଙ୍କ ପାଖକୁ ଫେରିବାର ବାଟ ନାହିଁ। ବରଂ ଧନକୁବେରଙ୍କ ପାଖରେ ଏହି ପଇସା ସେମିତି ପଡିରହିବ, ଯେପରି ଆଗରୁ ଆହୁରି ହଜାର ହଜାର କୋଟି ଟଙ୍କା ପଡ଼ିକରି ଅଛି। ଆଉ ଏ ପଇସାର ସିଂହଭାଗ ଖର୍ଚ୍ଚ ହୁଏ ବିଦେଶରେ ଦ୍ୱୀପ କିଣିବାରେ, ଦାମୀ କାର୍ କିମ୍ବା ଜଳଜାହାଜ କିଣିବାରେ, ବିଦେଶରେ ବିବାହ କରି ଚାନ୍ଦିରେ ନିମନ୍ତ୍ରଣ ପତ୍ର ଛାପିବାରେ। ଯେତେବେଳେ ସାରା ଭାରତ ମହାମାରୀରେ ପଡ଼ିଥାଏ ଏହି ଧନକୁବେର ଇଣ୍ଡିଆନମାନଙ୍କର ଏହି ଅଶାଳୀନ ଖର୍ଚ୍ଚକୁ ବି ଆମ ଗଣମାଧ୍ୟମ ଦୀର୍ଘ ସମୟଧରି ଦେଖାଉଥାଏ। ଏ ସବୁ ଦୃଶ୍ୟ ଆଗରେ ଭାରତୀୟଙ୍କ ଯନ୍ତ୍ରଣା ଆଉ ଅସହାୟତା ବିବଶ ମନେହୁଏ।

ଇତିହାସ ସାକ୍ଷୀ ଅଛି ଯେ, ସବୁ ବିପର୍ଯ୍ୟୟ ଏବଂ ମହାମାରୀ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିପାରିଥାଏ। ତେବେ ଏହି ମହାମାରୀକୁ ଆପଣ କିପରି ସଦୁପଯୋଗ କରୁଛନ୍ତି ତାହା ଉପରେ ଆପଣଙ୍କ ଭାଗ୍ୟ ଆଉ ଭବିଷ୍ୟତ ନିର୍ଭର କରେ। ଯିଏ ଏ ସୁଯୋଗ ଉଠାଇପାରେ ସେ ହିଁ ମହାମାରୀକୁ ଜିତିବାର ଆସ୍ପର୍ଦ୍ଧା ଦେଖାଇପାରେ। ଆମ ଧନକୁବେରମାନେ ଏଥିରେ ସଫଳ ହୋଇଛନ୍ତି ବୋଲି ଅନ୍ତତଃ ଅକ୍ସଫାମ ପ୍ରକାଶିତ ଏହି ରିପୋର୍ଟରୁ ପ୍ରମାଣିତ ହୋଇଛି।

ଅବଶ୍ୟ ଏହି ଧନକୁବେରମାନଙ୍କର ମହାମାରୀ ସମୟରେ ମାଲ୍ କମାଇବାର ଏହି ଉପାୟ କିଛି ନୂଆ ନୁହେଁ। ଅତୀତରେ ମଧ୍ୟ ଏପରି କରାଯାଇଥିବାର ନଜୀର ଅଛି। ତେବେ ଏବେ ସମସ୍ୟା ହେଉଛି ଯେ ଦିନକୁଦିନ ପୃଥିବୀର ପ୍ରାକୃତିକ ସମ୍ବଳ ସରି ସରି ଆସୁଥିବାବେଳେ ଏହି ଧନକୁବେରମାନେ ନିଜର ଆଗାମୀ ତିନିଶହ ପିଢ଼ି ପାଇଁ ସମ୍ବଳ ଏକାଠି କରି ସାରିଲେଣି। ଧନୀ ଏବଂ ଗରିବ ମଧ୍ୟରେ ପାର୍ଥକ୍ୟ ଆମ ଭାରତବର୍ଷରେ ଏତେ ଅଧିକ ଯେ ଏଥିରେ ସହଜରେ ଶହେ ହାତୀ ଗଳିଯାଇପାରିବେ।

ଏ ପରିସ୍ଥିତିରୁ ଉଦ୍ଧାର ପାଇବାକୁ ହେଲେ ଉଭୟ ଧନକୁବେର ଏବଂ ସରକାରଙ୍କୁ ଏ ଦିଗରେ କଡ଼ା ପଦକ୍ଷେପ ନେବା ଦରକାର। ମହାମାରୀ ସମୟରେ ଧନକୁବେରମାନେ କରିଥିବା ଲାଭ ଉପରେ ସରକାର ଟିକସ ବସାଇବା ସହ ସେମାନଙ୍କୁ ସମାଜିକ ନ୍ୟାୟ, ସଶକ୍ତୀକରଣ ଏବଂ ଦାରିଦ୍ର୍ୟ ହଟାଅ କାର୍ଯ୍ୟକ୍ରମରେ ସାମିଲ କରାଯିବା ଦରକାର। ଅତି ଅନୁନ୍ନତ ପଛୁଆ ଜିଲାଗୁଡ଼ିକର ସର୍ବାଙ୍ଗୀନ ବିକାଶର ଦାୟିତ୍ୱ ଏହି ଧନକୁବେରମାନଙ୍କ ଉପରେ ନ୍ୟସ୍ତ କରାଯିବା ଦରକାର। ମହାମାରୀରେ ପ୍ରପୀଡ଼ିତ ଅଞ୍ଚଳର ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତିର ବିକାଶ ପାଇଁ ଏହି ଧନକୁବେର ଏବଂ ସେମାନଙ୍କ କମ୍ପାନୀଗୁଡ଼ିକ ବ୍ୟାପକଭାବେ ନିଜର ଲାଭାଂଶ ଖର୍ଚ୍ଚ କରିବା ପାଇଁ ଆଗେଇ ଆସିବା ଦରକାର। ଯେଉଁ ଦେଶର ଦୁର୍ଦ୍ଦଶା ସମୟରେ ଏହି ଧନକୁବେରମାନେ ନିଜ ପାଇଁ ଧନର ପାହାଡ଼ ତିଆରି କରିଚାଲିଲେ ସାଧାରଣ ସମୟରେ ସେ ଦେଶର ସେ ଅଞ୍ଚଳରେ ବିକାଶ ଧନକୁବେରମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ହେବା ଉଚିତ। ଦୀର୍ଘସ୍ଥାୟୀ ଭିତ୍ତିରେ ଏ ନେଇ ଯୋଜନା ନ କଲେ ଏହି ମହାମାରୀର ଭୂତାଣୁ ଆମ ଭିତରେ ଥିବା ଧନୀ-ଗରିବ ଦୂରତାକୁ ଯୋଜନ ଯୋଜନ ଯାଏ ବିସ୍ତାରୀ ଚାଲିଥିବା।

ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ବିପର୍ଯ୍ୟୟକୁ ସାମ୍ନା କରି ପୁଣି ଅଣ୍ଟାସଳଖି ସ୍ୱାବଲମ୍ବୀ ହେବାରେ ଆନ୍ଧ୍ରପ୍ରଦେଶର ପାଲଗୁଟାପଲ୍ଲି ଗାଁର ମହିଳାମାନେ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ପରିବେଶ ଉପଯୋଗୀ କପଡ଼ା ବ୍ୟାଗ୍ ତିଆରି କରି ତାହାକୁ ବିଦେଶରେ ପହଞ୍ଚାଉଛନ୍ତି। ଚିତ୍ତୋର ଜିଲାର ମରୁଡ଼ି ପ୍ରପୀଡ଼ିତ ଗାଁ ପାଲଗୁଟାପଲ୍ଲିରେ ରହନ୍ତି ୬୦ଟି ପରିବାର। ୨୦୧୦ରୁ ୨୦୧୫ ଯାଏ ୫ ବର୍ଷ ମରୁଡ଼ି ଲାଗି ରହିବା ପରେ ଚାଷରେ କ୍ଷତି ହେଲା। ପୁରୁଷମାନେ କିଛି କାମ ପାଇଲେ ନାହିଁ। ଅନେକ ଗାଈଗୋରୁ ବିକ୍ରିକରି ବାହାରକୁ ପଳାଇଗଲେ। କିନ୍ତୁ ସେହି ଗାଁର ସଫ୍ଟୱେର ଇଞ୍ଜିନିୟର ଅପର୍ଣ୍ଣା କ୍ରିଷ୍ଣ ଏହାକୁ ନିରୀକ୍ଷଣ କରିବା ପରେ ଯେଉଁମାନେ ଗାଁରେ ରହିଥିଲେ, ସେମାନଙ୍କ ସହ ଆଲୋଚନା କରି କପଡ଼ା ବ୍ୟାଗ୍ ତିଆରି କରିବାକୁ ପ୍ରୋତ୍ସାହିତ କରିଥିଲେ। ନିଜେ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ। ଅପର୍ଣ୍ଣା ପ୍ରଥମେ ୪ ଜଣ ମହିଳାଙ୍କୁ ନେଇ ବ୍ୟାଗ୍ ତିଆରି କରିଥିଲେ। ବର୍ତ୍ତମାନ ଏହି କାର୍ଯ୍ୟରେ ଅନେକ ମହିଳା ଯୋଗଦେଇ ରୋଜଗାର କରୁଛନ୍ତି। ସେମାନେ ୫୦ ପ୍ରକାର ବ୍ୟାଗ ତିଆରି କରି ଦେଶ ବିଦେଶରେ ୫୦,୦୦୦ ବ୍ୟାଗ୍ ବିକ୍ରି କରିସାରିଲେଣି। ସେମାନଙ୍କ ହାତ ତିଆରି ବ୍ୟାଗ୍ ଇଂଲଣ୍ଡ, ଆମେରିକା ଏବଂ କାନାଡ଼ାରେ ପହଞ୍ଚିପାରିଛି। ମହିଳାମାନେ ଏବେ ମାସକୁ ୫,୦୦୦ ଟଙ୍କା ରୋଜଗାର କରୁଛନ୍ତି।

## ଚିରନ୍ତନୀ

କାଷ୍ଠ ପାଷାଣ ଗଠିତ ହେ ନିର୍ଜୀବ
ଦେବତା-ମୂରତି!
ଏ ଦେଶ-ଶୋଣିତେ ଆଜି ଜାଗ୍ରତ ଯେ
ବିଶ୍ୱର କୀରତି,
ମାନବର ଶିଳ୍ପ କଳା କଳ୍ପନା ଘଟିତ
ଯୁଗ ଯୁଗ ଧରି ଯାହା ହୋଇଛି ଗଠିତ,
ମାନବର ହସ୍ତେ ବହି ରୂପ
ଭାଗ୍ୟେ ତା'ର କରୁଛ-ବିଦ୍ରୂପ,
ଅନ୍ତର ଗୁହାରି
ଶୁଣ କି ତାହାରି ?
ଶୂନ୍ୟ ପ୍ରାଣ
ହେ ପାଷାଣ ! -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବେଧଡ଼କ ନିଶା କାରବାର

ମହାଶୟ,

ପୁରୀ ସହର ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଉପାନ୍ତ ଅଞ୍ଚଳର ନିଶାମାଫିଆମାନେ ଜିଲାର ଅଧିକାଂଶ ବ୍ଲକ୍‌ରେ ନେଟ୍‌ୱର୍କ ବିଛାଇଛନ୍ତି। ଗତବର୍ଷ ବିଭିନ୍ନ ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଥିଲା। ଜିଲାର ସତ୍ୟବାଦୀ, ଚନ୍ଦନପୁର, କାକଟପୁର, ନିମାପଡ଼ା ଇତ୍ୟାଦି ଅଞ୍ଚଳରେ କେବଳ ଚାଲାଣକାରୀ ଧରାପଡୁଥିଲାବେଳେ ମୁଖ୍ୟ ବେପାରୀଙ୍କ ପାଖରେ ପୋଲିସ କିମ୍ବା ଅବକାରୀ ବିଭାଗ ପହଞ୍ଚିପାରୁ ନାହିଁ। ବର୍ଷ ଆରମ୍ଭରୁ କିଛି ଆଗଧାଡ଼ିର ମାଫିଆ ପୁରୀ ସହର ଭିତରେ ପୂରା ନିଶା ବେପାରକୁ ନିୟନ୍ତ୍ରଣ କରୁଛନ୍ତି। ଅନ୍ୟପଟେ ଖୁବ୍ ସହଜରେ ଅର୍ଥ ରୋଜଗାରର ପ୍ରଲୋଭନ ଦେଖାଇ ଶିକ୍ଷିତ ଯୁବତୀ ଯୁବକଙ୍କୁ ଏହି କାରବାରରେ ନିୟୋଜିତ କରାଯାଉଛି। ଏହାକୁ ରୋକିବାରେ ପୋଲିସ କିଛି ମାତ୍ରାରେ ସଫଳ ହୋଇଥିଲେ ହେଁ ମୁଖ୍ୟ କାର୍ପଟଦାରଙ୍କ ପାଖରେ ପହଞ୍ଚିପାରି ନାହିଁ। ବାଲେଶ୍ୱର, ଭଦ୍ରକ ଅଞ୍ଚଳରୁ ବ୍ରାଉନସୁଗାର ଅଣାଯାଇ ପୁରୀ ସହରରେ ବିକ୍ରି କରାଯାଉଛି। ବସ୍, ଟ୍ରେନ୍ ଓ ଭଡ଼ାକାର୍ ଯୋଗେ ଏହି ନିଶା ସାମଗ୍ରୀ ପୁରୀ ସହରକୁ ଆସୁଛି। ସେହିପରି କିଛି ଖୁଚୁରା ବେପାରୀ ଚତୁରତାର ସହ ମୋଟା ଆକାରରେ ଗଞ୍ଜେଇ ନ ଆଣି ବ୍ୟାଗ୍‌ରେ ଅଳ୍ପ ପରିମାଣରେ ଆଣୁଛନ୍ତି। ଏହାଛଡ଼ା ବ୍ରାଉନ୍‌ସୁଗାର ଏଜେଣ୍ଟମାନେ ସାପ୍ତାହିକ ବାରିରେ ପୁରୀ ଆସି ନିଶା ସାମଗ୍ରୀ ପହଞ୍ଚାଉଛନ୍ତି। ଖାସ୍‌କରି ଯୁବପିଢ଼ିଙ୍କୁ ଏହି ନିଶା ଘାରିଥିବାରୁ ସହର ଓ ବ୍ଲକର ଗଳିକନ୍ଦିରେ ଥିବା ପାନଦୋକାନରେ ମଧ୍ୟ କୋଡୱାର୍ଡ ବ୍ୟବହାର କରି ଏହି ବେପାର ବେଧଡ଼କ ଚାଲିଛି। ଦିନକୁ ହଜାର ହଜାର ଟଙ୍କାର ଆୟ କରିବା ଲୋଭ ଦେଖାଇ ମାଫିଆମାନେ ସେମାନଙ୍କୁ କାର୍ଯ୍ୟରେ ଲଗାଉଛନ୍ତି।

-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଛାତ୍ରୀଙ୍କୁ ଅଧାପକଙ୍କ ଯୌନ ନିର୍ଯାତନା ଅଭିଯୋଗ**

ପାତ୍ରପୁର,(ଡି.ଏନ୍.ଏ.)- ଗଞ୍ଜାମ ଜିଲା ଜରଡ଼ା ଥାନା ଅଞ୍ଚଳର ଏକ କଲେଜରେ ପଛୁଆ ବର୍ଗର ଜଣେ ଛାତ୍ରୀଙ୍କୁ କଲେଜର ୩ ଅଧାପକ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ଛାତ୍ରୀଜଣକ ପ୍ରଧାନମନ୍ତ୍ରୀ ଓ ଗୃହ ବିଭାଗକୁ ପଠାଇଥିବା ଏକ ଅଭିଯୋଗପତ୍ର ସୋସିଆଲ ମିଡ଼ିଆରେ ଘୂରିବୁଲୁଛି। ଏ ନେଇ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁଙ୍କୁ ପଚାରିବାରୁ ବର୍ତ୍ତମାନ ଏହାର ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ପଦ୍ମପୁର ବ୍ଳକ ଅଧକ୍ଷ ଗିରଫ

ପଦ୍ମପୁର, ୪।୩ (ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ବ୍ଳକ ଅଫିସ ପରିସରରେ ବୁଧବାର ବ୍ଳକ ଅଧକ୍ଷ କୁମରମଣି ନାୟକ ଓ ସହକାରୀ ଯନ୍ତ୍ରୀ ଟେକାଚାନ କାଲୋଙ୍କ ମଧରେ ସୃଷ୍ଟି ହୋଇଥିବା ବିବାଦ ଶେଷରେ ଥାନାକୁ ଯାଇଛି। ସହକାରୀ ଯନ୍ତ୍ରୀ କାଲୋଙ୍କ ଅଭିଯୋଗକୁ ଭିତ୍ତି କରି ପଦ୍ମପୁର ପୋଲିସ ଏକ ମାମଲା (ନଂ.୪୮/୨୧) ରୁଜୁ କରିବା ସହ ବ୍ଳକ ଅଧକ୍ଷ ନାୟକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅନୁରୂପ ଭାବେ ବ୍ଳକ ଅଧକ୍ଷ ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ସହକାରୀ ଯନ୍ତ୍ରୀ କାଲୋଙ୍କ ସମେତ ୫ଜଣଙ୍କ ନାଁରେ ଅନ୍ୟ ଏକ ମାମଲା (ନଂ.୪୯/୨୧) ରୁଜୁ ହୋଇଛି। ସେହିପରି ବୁଡେନ ଥାନା ଅନ୍ତର୍ଗତ ବରଦାବାହାଲ ଗ୍ରାମର ଦୟାନନ୍ଦ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ୫ଜଣଙ୍କ ବିରୋଧରେ ଏକ ମାମଲା (ନଂ.୫୦/୨୧) ରୁଜୁ କରିଛି। ଏ ସମସ୍ତ ଘଟଣାର ତଦନ୍ତ ଚାଲିଥିବା ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବ୍ଳକ ଅଧକ୍ଷ ନାୟକଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି କର୍ମଚାରୀମାନେ ଗୁରୁବାର କଲମ ଛାଡ ଆନ୍ଦୋଳନ ସହ ଧାରଣା ଦେଇଥିଲେ। ଏହାକୁ ସମର୍ଥନ କରି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଧାରଣାରେ ସାମିଲ ହୋଇଥିଲେ।

### ଏନ୍‌ଫୋର୍ସମେଣ୍ଟ ଟିମ୍ ଉପରେ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର, ୪।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ନଦୀର ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ବାଲିଚାଲାଣ ଜାରି ରହିଛି। ଗୁରୁବାର ବାଲି ଚାଲାଣ ହେଉଥିବା ଖବରପାଇ ଜଳେଶ୍ୱର ତହସିଲ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରିଥିଲା। ଟିମ୍ ଚୋରାଚାଲାଣକାରୀଙ୍କୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ଡମ୍ପର ଡ୍ରାଇଭର ଗାଡି ମଡାଇଦେବାକୁ ଉଦ୍ୟମ କରିଥିଲେ। ଫଳରେ ଆର୍‌ଆଇ ଦିଲୀପ ଚାନ୍ଦଙ୍କ ଗୋଡ ଉପରେ ଗାଡି ଚଢିଯାଇଥିଲା। ଏନ୍‌ଫୋର୍ସମେଣ୍ଟ ଟିମ୍ ଡମ୍ପରକୁ ଅଟକାଇଥିବା ବେଳେ ଡ୍ରାଇଭର ସେଠାରୁ କୌଶଳକ୍ରମେ ଖସିଯାଇଥିଲେ। ଆର୍‌ଆଇ ଚାନ୍ଦଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ବିବନଙ୍କୁ ମାରାଥନ ଜେରା, ଆଜି ସିନ୍ ରିକ୍ରିଏଶନ

**ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲା**

- ଦୁଇଦିନିଆ ରିମାଣ୍ଡରେ ଆଣିଲା ସିବିଆଇ
- ଘଟଣା, ଆତ୍ମଗୋପନ ନେଇ ମୁହଁଖୋଲିଲେ ଅଭିଯୁକ୍ତ
- ଷଡ଼ଯନ୍ତ୍ରକାରୀଙ୍କ ବିଷୟରେ ଖୋଳତାଡ଼


କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିବନଙ୍କୁ ସିବିଆଇ କାର୍ଯ୍ୟାଳୟକୁ ନିଆଯାଉଛି ।

ଭୁବନେଶ୍ୱର,୪।୩(ବ୍ୟୁରୋ)

ବହୁ ଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଗୁରୁବାରଠାରୁ ୨ ଦିନିଆ ରିମାଣ୍ଡରେ ନେଇଛି ସିବିଆଇ। ମଙ୍ଗଳବାର କୋଲକାତାର ଏକ ସିବିଆଇ ଟିମ୍ ସ୍ୱତନ୍ତ୍ର ସିଜେଏମ୍ କୋର୍ଟରେ ଏଥିପାଇଁ ଆବେଦନ କରିଥିଲା। ୪ ଓ ୫ ତାରିଖ ଦୁଇଦିନ ପାଇଁ ବୁଧବାର କୋର୍ଟ ଅନୁମତି ଦେଇଥିଲେ। ତେବେ ଗୁରୁବାର ବିବନଙ୍କୁ ରିମାଣ୍ଡରେ ଆଣିବା ପରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲା। ପରେ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟର ଏକ ବନ୍ଦ କୋଠରିରେ ଦିନ ତମାମ ମାରାଥନ ଜେରା ଚାଲିଛି। ଗିରଫ କରିବାରେ ଫେଲ୍ ମାରିଥିବା ସିବିଆଇ ରିମାଣ୍ଡ ସମୟରେ ତାଙ୍କ ମୁହଁରୁ ପୂରା ଘଟଣାର ସତ୍ୟାସତ୍ୟ ଓଲିବାକୁ ଚେଷ୍ଟା କରୁଛି। ୧୯୯୯ ଜାନୁୟାରୀ ୯ କାଳ ରାତିର ସେହି କଳା ଘଟଣାଠାରୁ ଆରମ୍ଭ କରି ୨୨ ବର୍ଷ ଧରି ଫେରାର ହେବାର ଚିକିନିଖି ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି ସିବିଆଇ ଟିମ୍। ଘଟଣା ପଛରେ ଷଡ଼ଯନ୍ତ୍ର ଥିଲା କି, ବିବନ କାହା ସାହାଯ୍ୟରେ ରାଜ୍ୟ ବାହାରକୁ ଖସିଯିବାକୁ ସକ୍ଷମ ହେଲେ, ସିବିଆଇ ଆଖିରେ ଧୂଳି ଦେଇ କେମିତି ଦୀର୍ଘ ୨୨ବର୍ଷ ଧରି ଆତ୍ମଗୋପନ କରିଥିଲେ, ୨୦୦୭ରେ ମହାରାଷ୍ଟ୍ର ଆମ୍ବି ଭ୍ୟାଲି ଯିବା ସହ ସେଠାରେ କିପରି ନିଜ ନାମ, ପରିଚୟ ଓ ଠିକଣା ବଦଳାଇଥିଲେ, ଏହା ପୂର୍ବରୁ ବିବନ କେଉଁଠି ଲୁଚି ରହିଥିଲେ, ଏସବୁ ସମ୍ପର୍କରେ ତାଙ୍କୁ ଜେରା କରାଯାଇଥିବା ସୂଚନା ମିଳିଛି। ତେବେ ବିବନ ଗଣବଳାତ୍କାର ନେଇ ସ୍ୱୀକାର କରିଥିବାବେଳେ ଅନ୍ୟାନ୍ୟ ପ୍ରସଙ୍ଗରେ ଦେଇଥିବା ତଥ୍ୟ ଠିକ୍ ନା ନାହିଁ ତାହାର ଯାଞ୍ଚ କରୁଛି ସିବିଆଇ। ଘଟଣା ପଛରେ ଷଡଯନ୍ତ୍ର ରହିଥିବା ଅଞ୍ଜନା ବାରମ୍ବାର ଅଭିଯୋଗ କରୁଛନ୍ତି। ତେଣୁ ଏ ସଂକ୍ରାନ୍ତରେ ବିବନଙ୍କ ମୁହଁରୁ ସତ ବାହାର କରିବାକୁ ସିବିଆଇ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷେ ସିବିଆଇ ହାତରେ ମାତ୍ର ଗୋଟିଏ ଦିନ ସମୟ ଥିବାରୁ ସିନ୍ ରିକ୍ରିଏଶନ ପାଇଁ ଶୁକ୍ରବାର ବିବନଙ୍କୁ ଘଟଣା ସ୍ଥଳକୁ ନିଆଯାଇପାରେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୨୧ ତାରିଖରେ କମିଶନରେଟ୍ ପୋଲିସ ବିବନଙ୍କୁ ମହାରାଷ୍ଟ୍ର ଆମ୍ବି ଭ୍ୟାଲିରୁ ଗିରଫ କରିଥିଲା। ବୁଧବାର ଝାରପଡ଼ା ଜେଲ ପରିସରରେ ଜେଏମ୍ଏଫସି ଶୃଜାଳିନ ମହାନ୍ତିଙ୍କ ସାମ୍ନାରେ ବିବନଙ୍କ ଟିଆଇ ପରେଡ୍ କରାଯାଇଥିଲା।

# ବିଧାନସଭାରେ ପର୍ଯ୍ୟଟନ ନିଗମ ଶାଖା ଖୋଲିବାକୁ ପ୍ରସ୍ତାବ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ଓଡ଼ିଶା ବିଧାନସଭା ସଚିବାଳୟ ପରିସରରେ ରାଜ୍ୟ ପର୍ଯ୍ୟଟନ ନିଗମର ଏକ ଶାଖା ଖୋଲିବା ସମ୍ପର୍କିତ ଏକ ବୈଠକ ଗୁରୁବାର ବାଚସ୍ପତିଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ବିଧାନସଭା ସଭ୍ୟ, ବିଧାନସଭା ସଚିବାଳୟ କର୍ମଚାରୀ, ସଚିବାଳୟ ବ୍ୟାଙ୍କ ଏବଂ ଟ୍ରେଜେରି କର୍ମଚାରୀ ଓ ବିଧାନସଭାକୁ ଆସୁଥିବା ଲୋକଙ୍କୁ ଉନ୍ନତମାନର ଖାଦ୍ୟ ଯୋଗାଣ ପାଇଁ ଓଡ଼ିଶା ପର୍ଯ୍ୟଟନ ନିଗମ ତରଫରୁ ଏକ କ୍ୟାଣ୍ଟିନ ଖୋଲିବା ପ୍ରସ୍ତାବରେ ନିଗମ କର୍ତ୍ତୃପକ୍ଷ ସକାରାତ୍ମକ ଦୃଷ୍ଟିଭଙ୍ଗି ରଖିଥିବା ପ୍ରକାଶ କରିଛନ୍ତି। ଏଥିଲାଗି ଉପଯୁକ୍ତ ଭିତ୍ତିଭୂମି, କର୍ମଚାରୀଙ୍କ ଦରମା ଇତ୍ୟାଦି ବିଧାନସଭା ସଚିବାଳୟ ତରଫରୁ ଯୋଗାଇଦେଲେ ନିଗମ ତରଫରୁ କ୍ୟାଣ୍ଟିନ ପ୍ରତିଷ୍ଠାରେ କୌଣସି ବାଧା ରହିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଯାଦବ, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଛନ୍ତି।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
(ଏକାଦଶାହ ଉପଲକ୍ଷେ)



**✓ ବିମଳ ଲୋଚନ ଦାସ**
ପୂର୍ବତନ ବିଧାୟକ, ବାରିପଦା, ବିଶିଷ୍ଟ ସମବାୟବିତ୍ ଓ ଜନନେତା
ଲାଲବଜାର, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ : ୧୧ ଅକ୍ଟୋବର୧୯୩୬ ତିରୋଧାନ : ୨୩ ଫେବୃୟାରୀ ୨୦୨୧

ନିଜର କର୍ମମୟ ଜୀବନର ଅବସାନ କରି ଆମକୁ ଶୋକସାଗରରେ ଭସାଇ ଚାଲିଗଲ ଆରପାରିକୁ । ଛାଡ଼ିଗଲ ତୁମର ଅମ୍ଳାନ ସ୍ମୃତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଏକାନ୍ତ ପ୍ରାର୍ଥନା, ତୁମର ଅମର ଅବିନାଶୀ ଆତ୍ମା ଶାନ୍ତିରେ ରହୁ । ପରମଧାମରେ ରହି ଆମକୁ ଚିରକାଳ ଶୁଭାଶୀର୍ବାଦ ପ୍ରଦାନ କରୁଥାଅ ।

**ଶୋକସନ୍ତପ୍ତ :**
ପୁତ୍ର : ମନୋରଞ୍ଜନ ଓ ଚିତ୍ତରଞ୍ଜନ, ପୁତ୍ରବଧୂ : ଲୋରା ଓ ଅନୁଭା
କନ୍ୟା : ସଂଯୁକ୍ତା, ସୁସ୍ମିତା ଓ ସୁମିତା
ଜାମାତା : ବିଶ୍ୱମୋହନ, ବିଭୁଦତ୍ତ ଓ ଲକ୍ଷ୍ମୀକାନ୍ତ
ନାତି-ନାତୁଣୀ : ଅନ୍ୱେଷ, ନବନୀତା, ତନ୍‌ଭୀ, ସାଇନୀତା, ଜାନ୍‌ଭୀ, ଋଷିତା ଓ ପ୍ରୀତ୍
ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ଶୁଭାକାଂକ୍ଷୀ ।

# ପ୍ରକଳ୍ପ ତଦାରଖକୁ ଜୋର୍‌ଦାର କରିବ 'ମୋ ସ୍କୁଲ'

ଭୁବନେଶ୍ୱର, ୪।୩(ବ୍ୟୁରୋ)

- ୫୦ ଦିନରେ ୨୦୦ ସ୍କୁଲ୍‌ର କାର୍ଯ୍ୟ ସମୀକ୍ଷା ଓ ଡକ୍ୟୁମେଣ୍ଟେଶନ

ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଉନ୍ନତି ପାଇଁ କାର୍ଯ୍ୟ କରୁଥିବା 'ମୋ ସ୍କୁଲ୍' ଅଭିଯାନକୁ ବ୍ୟାପକ କରାଯାଇଛି। ଏହା ମାଧ୍ୟମରେ ୨୫,୫୨୦ ବିଦ୍ୟାଳୟ ଯୋଡ଼ି ହୋଇଛି। ବର୍ତ୍ତମାନ ସୁଦ୍ଧା ପୁରାତନ ଛାତ୍ରୀଛାତ୍ର ମୋଟ ୮୦କୋଟି ୩୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କ ସହାୟତା ରାଶିକୁ ମିଶାଇ ମୋଟ ୨୪୦ କୋଟି ଟଙ୍କାର ପ୍ରକଳ୍ପ ଏବେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଛି। ଶନିବାରଠାରୁ ବିଦ୍ୟାଳୟସ୍ତରରେ ପ୍ରକଳ୍ପ ତଦାରଖ ଓ ଡକ୍ୟୁମେଣ୍ଟେଶନ କାର୍ଯ୍ୟକୁ ଜୋରଦାର କରିବାକୁ ଅଭିଯାନ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଗୁରୁବାର 'ମୋ ସ୍କୁଲ୍' ପରିଚାଳନା ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୫୦ଦିନ ମଧ୍ୟରେ ୨୦୦ଟି ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରାଯିବ। ଏସବୁ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଧନ୍ୟବାଦ ପତ୍ର ପ୍ରଦାନ କରାଯିବ। ପ୍ରଥମ ଦିନ ଶନିବାର ଅଭିଯାନ ଅଧ୍ୟକ୍ଷା ବାଗ୍‌ଚୀ ଖୋର୍ଦ୍ଧା ଜିଲାର ୨ଟି ସ୍କୁଲ୍‌କୁ ଗସ୍ତ କରି ପ୍ରକଳ୍ପର ତଦାରଖ କରି ଭଲ ପ୍ରଦର୍ଶନ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ଅନ୍ୟ ବିଦ୍ୟାଳୟଗୁଡ଼ିକରେ ପ୍ରକଳ୍ପ ତଦାରଖ ଓ ଡକ୍ୟୁମେଣ୍ଟେଶନ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ମୋ ସ୍କୁଲ୍‌ର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଅନ୍ୟ ୩ ଟିମ୍ ନିୟମିତ ଭାବେ ବିଭିନ୍ନ ଜିଲା ଗସ୍ତ କରି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବେ। ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ପବ୍ଲିକ୍ ଡିସ୍‌କ୍ଲୋଜର୍ ଓ ସୋସିଆଲ ଅଡିଟ୍ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ କାର୍ଯ୍ୟକ୍ରମକୁ ଅଧିକ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏହି ମନିଟରିଂ ଡ୍ରାଇଭ୍ ଆରମ୍ଭ କରାଯିବାକୁ ବାଗ୍‌ଚୀ ଗୁରୁତ୍ୱ ଦେଇଛନ୍ତି।

# ଲ୍ୟାଣ୍ଡମାଇନ ବିସ୍ଫୋରଣ: ଯବାନ ଶହୀଦ

ମାଲକାନଗିରି,୪।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଗିଦମ ଜିଲାରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ତାଙ୍କ ନାମ ଲକ୍ଷ୍ମୀକାନ୍ତ ଦ୍ୱିବେଦୀ। ସେ ୨୨ ବାଟାଲିୟନର ହେଡ୍ କନଷ୍ଟେବଲ ବୋଲି ଜଣାପଡିଛି। ଏଥିରେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି। ଖବରରୁ ପ୍ରକାଶ, ଫାରୁମାର ଘାଟ୍ ଥାନା ଅନ୍ତର୍ଗତ ମୁଖ୍ୟ ରାସ୍ତାରେ ଏକ ପୋଲ ନିର୍ମାଣ ସ୍ଥଳରେ ଯବାନମାନେ ନିୟୋଜିତ ଥିବାବେଳେ ପୂର୍ବରୁ ମାଓବାଦୀମାନେ ସେଠାରେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ତେବେ ଯବାନମାନେ ମଧ୍ୟାହ୍ନଭୋଜନ ପାଇଁ ଚାଲିଚାଲି ଫେରୁଥିବା ବେଳେ ଲକ୍ଷ୍ମୀକାନ୍ତ ଲ୍ୟାଣ୍ଡମାଇନକୁ କୁଦି ଦେଇଥିଲେ। ଫଳରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ପୋଲିସ ପକ୍ଷରୁ ସେଠାରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।

# ୪ ଦିନିଆ ଓଡ଼ିଶା ଗସ୍ତରେ ଫ୍ରାନ୍ସ ରାଷ୍ଟ୍ରଦୂତ

ଭୁବନେଶ୍ୱର, ୪।୩(ବ୍ୟୁରୋ)

**ଫ୍ରାନ୍ସ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମି ଭଳି ଏଠି ବିକାଶ କରାଯାଉ:ମନ୍ତ୍ରୀ**

ଭାରତରେ ଅବସ୍ଥାପିତ ଫ୍ରାନ୍ସର ରାଷ୍ଟ୍ରଦୂତ ମି. ଇମାନୁଏଲ୍ ଲେନାଇନ୍‌ଙ୍କ ସହ ଏକ ପ୍ରତିନିଧି ଦଳ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଗସ୍ତର ପ୍ରଥମ ଦିନ ଲୋକସେବା ଭବନସ୍ଥିତ ନୂତନ କନ୍‌ଭେନଶନ୍ ହଲ୍‌ଠାରେ ଏମ୍‌ଏସ୍‌ଏମ୍‌ଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ପଦସ୍ଥ ଅଧିକାରୀଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗ, ଶିଳ୍ପ ଅଭିବୃଦ୍ଧି ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ସୂଚନା ପ୍ରଦାନ କରି ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଫ୍ରାନ୍ସ ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ ସମସ୍ତଙ୍କ ସହିତ ପରିଚିତ କରାଇଛନ୍ତି। ଓଡ଼ିଶାରେ ରହିଥିବା ନୀଳ ଅର୍ଥନୀତି (ସାମୁଦ୍ରିକ ଏବଂ ଉପକୂଳ ଉତ୍ପାଦ), ଅକ୍ଷୟ ଶକ୍ତି, ସ୍ମାର୍ଟ ସିଟି ପରିଚାଳନା ଉପରେ ଆଲୋକ ଚିତ୍ର ମାଧ୍ୟମରେ ତଥ୍ୟ ପ୍ରଦାନ କରାଯାଇଛି। ମନ୍ତ୍ରୀ ମିଶ୍ର ଓଡ଼ିଶାର ସୁଦୀର୍ଘ ଉପକୂଳରେ ଅନେକ ପର୍ଯ୍ୟଟନ ସମ୍ଭାବନା ରହିଥିବା ଦର୍ଶାଇ ଫ୍ରାନ୍ସରେ କରାଯାଇଥିବା ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମି ଭଳି ଏଠାରେ ବିକାଶ କରାଇବାକୁ ପ୍ରସ୍ତାବ ରଖିଛନ୍ତି। ଏହାଛଡ଼ା ରାଜ୍ୟର ବଳକା ବିଦ୍ୟୁତ୍ ଶକ୍ତି, ଗମନାଗମନର ସୁବିଧା, ରାଜ୍ୟରେ ଆନ୍ତର୍ଜାତିକ ବିମାନବନ୍ଦର, ଭରପୂର ଖଣିଜ ସମ୍ପଦ ଏବଂ କୁଶଳୀ ମାନବ ସମ୍ବଳ ପ୍ରଭୃତି ରାଜ୍ୟକୁ ବହୁ କ୍ଷେତ୍ରରେ ଅଗ୍ରଣୀ କରିପାରିଛି ବୋଲି ସେ ଦର୍ଶାଇଛନ୍ତି। ସେହିପରି ଆମେ ଆମର ଉନ୍ନତ ଭିତ୍ତିଭୂମି ବିକାଶ କରି କ୍ରୀଡ଼ା ମାନଚିତ୍ରରେ ବିଶ୍ୱରେ ଆମର ଉପସ୍ଥିତି ଜାହିର କରିପାରିଥିବା ଦୃଷ୍ଟିରୁ ଏହିସବୁ କ୍ଷେତ୍ରରେ ଆମେ ଫ୍ରାନ୍ସ ସହ ସହଯୋଗ କରି ଆଗକୁ ବଢ଼ିପାରିବୁ । ଆମେ ବିଶ୍ୱର ସବୁ ଦେଶ ସହ ବାଣିଜ୍ୟିକ କାରବାର ପାଇଁ ଦ୍ୱାର ଉନ୍ମୁକ୍ତ ରଖିଛୁ ବୋଲି ସେ କହିଛନ୍ତି। ଏହି ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଓଡ଼ିଶା ସରକାରଙ୍କ ତରଫରୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ କୁମାର ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସଚିବ ଆର୍. ରଘୁପ୍ରସାଦ, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ନୀତିନ ଭାନୁଦାସ ଜାୱଲେ ପ୍ରମୁଖ ଯୋଗ ଦେଇଛନ୍ତି। ଫ୍ରାନ୍ସ ପ୍ରତିନିଧି ଦଳ ତାଙ୍କର ଓଡ଼ିଶା ରହଣି କାଳରେ ପୁରୀ, କୋଣାର୍କ, ଭୁବନେଶ୍ୱରର ସି-ଫୁଡ୍ ପାର୍କ, ଇନ୍‌ଫୋଭ୍ୟାଲି, ଜାଭିୟର ୟୁନିଭର୍ସିଟି, ଧଉଳିଗିରି, ଉଦୟଗିରି ପ୍ରଭୃତି ସ୍ଥାନ ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି ।

# ୩୦ ସଂରକ୍ଷିତ ଜଙ୍ଗଲ ଜଳୁଛି


ବାରିପଦା ବନଖଣ୍ଡ ପିଠାବଟା ଜଙ୍ଗଲରେ ନିଆଁ ଲାଗିବାର ପରବର୍ତ୍ତୀ ଦୃଶ୍ୟ ।

ବାରିପଦା ଅଫିସ,୪।୩

**ଶିମିଳିପାଳରେ ମରିନାହାନ୍ତି ଜୀବଜନ୍ତୁ: ପିସିସିଏଫ୍**

ପ୍ରକୃତିର ରାଣୀ ସୁବଜ ସୁନ୍ଦର ଅଭୟାରଣ୍ୟ ଶିମିଳିପାଳ ଏବେ ସର୍ବଗ୍ରାସୀ ନିଆଁରେ କ୍ଷତବିକ୍ଷତ। ମନୁଷ୍ୟକୃତ ଅଗ୍ନିକାଣ୍ଡ ପାଇଁ ଶୁଷ୍କ ଜୈବମଣ୍ଡଳ ଉତ୍ତପ୍ତ ହୋଇଉଠିଛି। ତାରି କୋଳରେ ବଢୁଥିବା ଜୀବଜନ୍ତୁ, ସରୀସୃପ, ବୃକ୍ଷଲତା, ଗୁଳ୍ମ, ଔଷଧୀୟ ଫଳମୂଳ ପୋଡ଼ି ଅଙ୍ଗାର ପାଲଟିଛି। ଚାରିଆଡ଼େ ସବୁଜ ଦିଶୁଥିବା ପ୍ରକୃତିର ଲକ୍ଷ୍ମୀଭଣ୍ଡାର ଉଜୁଡ଼ିବାକୁ ବସିଛି। ପ୍ରାଣ ବିକଳରେ ପଶୁପକ୍ଷୀ ଏଣେତେଣେ ଦୌଡୁଥିବା ବେଳେ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରିବା ପାଇଁ ଅକ୍ଲାନ୍ତ ପ୍ରୟାସ ଜାରି ରହିଛି। ମାତ୍ର ଅଦ୍ୟାବଧି ନିଆଁ ଆୟତ୍ତ ହୋଇ ପାରି ନ ଥିବା ବେଳେ ପରିସ୍ଥିତି ଅଣାୟତ୍ତ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ରିପୋର୍ଟ ପ୍ରକାଶିତ ହୋଇଛି। ମିଳିଥିବା ସାଟେଲାଇଟ ତଥ୍ୟ ଅନୁଯାୟୀ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ରେଞ୍ଜରେ ଥିବା ୩୦ଟି ସଂରକ୍ଷିତ ଜଙ୍ଗଲରେ ନିଆଁ ଜଳୁଛି । ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ଶଶୀ ପଲ୍, ଶିମିଳିପାଳ ଅଭୟାରଣ୍ୟର କ୍ଷେତ୍ର ନିର୍ଦ୍ଦେଶକ ଜଗ ଜୟାନନ୍ଦ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ପ୍ରମୁଖ ଶିମିଳିପାଳ ଆଭ୍ୟନ୍ତରୀଣ ଇଲାକାରେ ରହି ନିଆଁଲିଭା କାର୍ଯ୍ୟକୁ ତଦାରଖ କରୁଛନ୍ତି। ବନବିଭାଗ କର୍ମଚାରୀ, ଦମକଳବାହିନୀ, ବନସୁରକ୍ଷା ସମିତି ଓ ଅଞ୍ଚଳବାସୀ ନିଆଁ ଲିଭାଇବାରେ ଲାଗି ପଡ଼ିଛନ୍ତି ।

ସୂଚନା ଅନୁଯାୟୀ, ଶିମିଳିପାଳ ଜୈବ ମଣ୍ଡଳର ଥିବା ବରେହିପାଣି ଉତ୍ତର, ତୁଳସୀବଣି, ଚଢ଼େଇପାହାଡ଼, ଗୁଡୁଗୁଡ଼ିଆ, ନଅଣା ରେଞ୍ଜ ଏବଂ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡର ୩୦ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ଏହି ସ୍ଥାନରେ ନିଆଁଲିଭା କାର୍ଯ୍ୟ ଚାଲୁରହିଛି। ପୋଡ଼ି ଯାଇଥିବା ଜଙ୍ଗଲରେ ପାଉଁଶ ହୋଇଯାଇଛନ୍ତି ଅନେକ ସରୀସୃପ, କୀଟପତଙ୍ଗ ଓ ପକ୍ଷୀଶାବକ। ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ନିଆଁର ଉତ୍ତାପ ସାଙ୍ଗକୁ ତାତିର ପ୍ରଭାବ ବାୟୁମଣ୍ଡଳରେ ପରିଲକ୍ଷିତ ହୋଇଛି । ଗୋଟିଏ ପାହାଡ଼ରୁ ଅନ୍ୟ ଏକ ପାହାଡ଼କୁ ଚଢ଼ି କର୍ମଚାରୀମାନେ ବ୍ଲୋୟର ମେସିନ ମାଧ୍ୟମରେ ନିଆଁକୁ ଆୟତ୍ତ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ ଜାରି ରଖିଛନ୍ତି। ବାରିପଦା ରେଞ୍ଜର ଲକ୍ଷ୍ମୀଧର ବେହେରା କୁହନ୍ତି, ନିଆଁଲିଭା କାର୍ଯ୍ୟରେ ୧୧ଶହ କର୍ମଚାରୀ ନିୟୋଜିତ ଅଛନ୍ତି। ସେହିପରି ପିସିସିଏଫ ପଲ କହିଛନ୍ତି, ନିଆଁ ଲିଭା କାର୍ଯ୍ୟ ଜୋରଦାର ଚାଲୁ ରହିଛି। ଅନ୍ୟ କିଛି ଅଞ୍ଚଳରେ ନିଆଁ ଲାଗିଥିବା ଖବର ମିଳିଛି । ନିଆଁ ଲାଗିଥିବା ସ୍ଥାନର ସଂଖ୍ୟା ବଢୁଛି । ନିଆଁକୁ ଆୟତ୍ତ କରିବା ପାଇଁ ଅଧିକ ଏକ ଶହ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଆବଶ୍ୟକ ପଡ଼ିଲେ ଆହୁରି ଅଧିକ ସଂଖ୍ୟକ ଲୋକଙ୍କୁ ନିୟୋଜିତ କରାଯିବ। ତେବେ ନିଆଁ ଯୋଗୁ କୌଣସୀ ଜୀବଜନ୍ତୁଙ୍କ ପ୍ରାଣହାନୀ ଘଟି ନ ଥିବା ସେ ପ୍ରକାଶ କରିଛନ୍ତି।



## ଗୋରୁ ବୋଝେଇ ଗାଡ଼ି ଜବତ, ୧୩ ଗୋରୁ ଉଦ୍ଧାର

ବାହାନଗା,(ଡି.ଏନ.ଏ.): ବାହାନଗା ବ୍ଲକ ଖନ୍ତାପଡା ଥାନାସ୍ଥିତ ୧୬ନମ୍ବର ଜାତୀୟ ରାଜପଥରେ ଗୋରକ୍ଷକ ବାହିନୀ ପକ୍ଷରୁ ଗତ ବୁଧବାର ବିଳମ୍ବିତ ରାତିରେ ଗୋରୁ ବୋଝେଇ ଗାଡିକୁ ଜବତ କରାଯାଇ ପୋଲିସ୍‌କୁ ହସ୍ତାନ୍ତର କରାଯାଇଛି। ଜବତ ଗାଡିରୁ ୧୩ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଗୋରୁଗୁଡିକୁ ପଶ୍ଚିମବଙ୍ଗକୁ ବେଆଇନ ଚାଲାଣ କରାଯାଉଥିଲା।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ-୨୦୨୧। ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ। ସମୟ: ପୂର୍ବାହ୍ନ ୧୦ଟା।
- ବିଜୁବାବୁଙ୍କ ୧୦୫ତମ ଜୟନ୍ତୀ ପାଳନ। ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ। ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି ପକ୍ଷରୁ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ। ସ୍ଥାନ : ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ବିଜୁପଟ୍ଟନାୟକ ଗୋଲେଇ। ସମୟ: ପୂର୍ବାହ୍ନ ୮ଟା।
- ସାଧାରଣ ସଭା। ସ୍ଥାନ: ଭୋଗରାଇ ଥାନା ଛକ। ସମୟ: ଅପରାହ୍ନ ୩ଟା।
- ପଞ୍ଚାୟତିରାଜ ଦିବସ ପାଳନ। ସ୍ଥାନ: ଭୋଗରାଇ ବ୍ଲକ ଅଫିସ। ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ପାଇଁ ପ୍ରସ୍ତୁତି ବୈଠକ। ସ୍ଥାନ: ଭୋଗରାଇ ତହସିଲ ଅଫିସ। ସମୟ: ପୂର୍ବାହ୍ନ ୧୧ଟା।
- ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର। ସ୍ଥାନ: ମିଟୁଆଣି। ସମୟ: ସକାଳ ୯ଟା।
- ମେଗା ପାଣି ପ୍ରକଳ୍ପ ଉଦ୍‌ଘାଟନ। ସ୍ଥାନ: ମିଟୁଆଣି, ସମୟ: ପୂର୍ବାହ୍ନ ୯ଟା୩୦।
- ମେଗା ପାଣି ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ମାଖନପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁ ଜୟନ୍ତୀ ଓ ପଞ୍ଚାୟତି ଦିବସ ସମାରୋହ। ସ୍ଥାନ: ମାଖନପୁର, ସମୟ: ୧୦ଟା ୪୫ମିନିଟ୍।
- ଭାଗବତ ପ୍ରଜ୍ଞାପୀଠ ପୁରତ୍ତମ କ୍ଷେତ୍ରର ବାର୍ଷିକ ଉତ୍ସବ। ସ୍ଥାନ: ଚଡ଼ୋଳ, ଅନନ୍ତପୁର, ସୋର।

**ଭଦ୍ରକ**

- ମୋ ସେବାକେନ୍ଦ୍ର ଭିଡିଓ କନଫରେନ୍ସ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ। ସ୍ଥାନ: ରାନ୍ଧିଆ। ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଞ୍ଚାୟତିରାଜ ଦିବସ ସମାରୋହ। ସ୍ଥାନ: ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲ୍ ପରିସର। ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ। ସ୍ଥାନ: ନୀଳମଣି ଟାଉନହଲ୍ ବ୍ଲକ ପରିସର, ବାସୁଦେବପୁର। ସମୟ: ଅପରାହ୍ନ ୩ଟା।
- ମା' ଆଙ୍ଖୁଡ଼େଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ। ସ୍ଥାନ: ଛୁଟିବଣ ପଡ଼ିଆ, ବିନାୟକପୁର, ବାସୁଦେବପୁର। ସମୟ: ଅପରାହ୍ନ ୩ଟା।

**ମୟୂରଭଞ୍ଜ**

- ବିଜୁ ବାବୁଙ୍କ ୧୦୫ତମ ଜନ୍ମ ବାର୍ଷିକୀ ପାଳନ। ସ୍ଥାନ-ଉଦଳା ଏନ୍‌ଏସି କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦.୩୦।
- ମୟୂରଭଞ୍ଜ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍। ସ୍ଥାନ: ବାରିପଦା ଷ୍ଟାଡିୟମ। ସମୟ: ସନ୍ଧ୍ୟା ୭ଟା।

# ବ୍ଲକ ଅଫିସ ଆଗରେ ପାଠପଢ଼ା

■ଏକାଠି ହେଲେ ବନ୍ଦ ବିଦ୍ୟାଳୟର ଛାତ୍ରୀଛାତ୍ର

■ଅଭିନବ ଉପାୟରେ ଜଣାଇଲେ ପ୍ରତିବାଦ

ଜଳେଶ୍ୱର, ୪।୩(ଡି.ଏନ.ଏ.)

ଶିକ୍ଷା ବିଭାଗର ନୂତନ ନୀତି ଅନୁଯାୟୀ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି । ସମଗ୍ର ରାଜ୍ୟର ୫ହଜାର ବିଦ୍ୟାଳୟ ମଧ୍ୟରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୧୦ଟି ବିଦ୍ୟାଳୟ ବନ୍ଦ ହେବ ବୋଲି ଜଳେଶ୍ୱର ବିଇଓଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏହି ନିଷ୍ପତ୍ତିକୁ ବିରୋଧ କରି ଗୁରୁବାର ଜଳେଶ୍ୱର କଂଗ୍ରେସ ଆବାହକତ୍ୱରେ ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ୪ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜଳେଶ୍ୱର ବ୍ଲକ ପରିସରରେ ଶିକ୍ଷାଦାନ କରାଯାଇଛି। ଏପରିକି ମଧ୍ୟାହ୍ନଭୋଜନ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଦିଆଯାଇଛି। ଜଳେଶ୍ୱର ବ୍ଲକର ଭାଦା-ଚକବିଷ୍ଣୁ, ଚକ୍ରଡା, ପ୍ରିୟବାଗ, ବାଉଁଶବଣି ସ୍କୁଲର ଛାତ୍ରଛାତ୍ରୀମାନେ ବ୍ଲକ ସମ୍ମୁଖରେ ବସି ପାଠ ପଢ଼ିଥିଲେ। ପୂର୍ବତନ ହାଇସ୍କୁଲର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ ଛାତ୍ରୀଛାତ୍ରମାନଙ୍କୁ ପ୍ରାର୍ଥନା ପରେ ଉପସ୍ଥାନ କରାଇଥିଲେ। ରାଜ୍ୟ ଅଭିଭାବକ ସଂଘର ଉପଦେଷ୍ଟା ତଥା ରାଜ୍ୟ କଂଗ୍ରେସ ପ୍ରଭାରୀ ସୁଦର୍ଶନ ଦାସ ଛାତ୍ରୀଛାତ୍ରଙ୍କୁ ପରିବେଶ ସମ୍ପର୍କରେ ଶିକ୍ଷାଦାନ ଦେଇଥିଲେ। ପୂର୍ବତନ କଲେଜ ଅଧକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଛାତ୍ରୀଛାତ୍ରଙ୍କୁ ରାଇବଣିଆ ଦୁର୍ଗର ଐତିହ୍ୟ, ଇତିହାସ ସମ୍ପର୍କରେ ଶିକ୍ଷାଦାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ସୁନୀଲ କୁମାର ନାୟକ, କମଳ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଥିଲେ। ଜଳେଶ୍ୱର ବିଡିଓ ଦୀପ୍ତିରଞ୍ଜନ ସେଠୀଙ୍କ ସହ ରାଜ୍ୟ ଅଭିଭାବକ ସଂଘର ଉପରୋକ୍ତ ବ୍ୟକ୍ତିଙ୍କ ସହିତ ଆଲୋଚନା ହୋଇଥିଲା। ଆଲୋଚନାରେ ଜଳେଶ୍ୱର ବିଇଓ ବିରଞ୍ଚିନ ଦାସ ମହାପାତ୍ର ପହଞ୍ଚି ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ବିଦ୍ୟାଳୟଗୁଡିକୁ କାରଣଦର୍ଶାଅ ନୋଟିସ୍ ଦେବା ସହିତ ଅନ୍ୟ କେତେକ ତଦନ୍ତ ଚାଲିଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷ, ସୁଦାମ ଚରଣ ପାତ୍ର, ଜଗଦୀଶ ନନ୍ଦି, ଗିରିଜା ଶଙ୍କର ଦାସ, ରାଜୀବ ପରିଡା ଓ ହେମନ୍ତ ଗିରି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଅଳ୍ପ ଦୂରରେ ବସିଥିବା ଅଭିଭାବକ ପ୍ରଶାନ୍ତ ପ୍ରଧାନ, ଦିଗାମ୍ବର ପ୍ରଧାନ, ଅନିମା ଜେନା, ମଧୁମିତା ଜେନା, ସୀତାଲି ଜେନା, ସବିତାରାଣୀ ଜେନା, କାମିନି ହୁଇ, ଜୟନ୍ତୀ ହୁଇ, ସନ୍ଧ୍ୟାରାଣୀ ନନ୍ଦି, ସୀତାରାଣୀ ଜେନା ପ୍ରମୁଖ ଧାରଣାରେ ବସିଥିଲେ ।



ବ୍ଲକ ଅଫିସ୍ ଆଗରେ ଧାରଣା ଦେଇଥିବା ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଯାଉଛି।

## 'ସେବା ଥିଲା ତାଙ୍କ ଜୀବନର ବ୍ରତ'

ବିମଳ ଲୋଚନ ଦାସ। ବାଲ୍ୟକାଳରୁ ସଂଗ୍ରାମ କରି ଗଢ଼ିଥିଲେ ନିଜକୁ । ଜଣେ ରାଜନେତା, ପ୍ରବୀଣ ସାମ୍ବାଦିକ, ସମବାୟ ଆନ୍ଦୋଳନର ଅନ୍ୟତମ ପୁରୋଧା, ଶିଳ୍ପୋଦ୍ୟୋଗୀ ଭାବେ ନିଜର ନିଆରା ପରିଚୟ ସୃଷ୍ଟି କରିପାରିଥିଲେ। ସମାଜର ଅବହେଳିତ, ଦୁର୍ବଳ ଶ୍ରେଣୀର ଲୋକଙ୍କ ଥଇଥାନ ତଥା ସାଧାରଣ ଜନତାଙ୍କ ସେବାକୁ ସେ ଅଧିକ ଗୁରୁତ୍ୱ ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ବିଭିନ୍ନ ଦଳର ବରିଷ୍ଠ ରାଜନେତାଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ୧୯୩୬ ଅକ୍ଟୋବର ୧୧ତାରିଖରେ ଜନ୍ମିତ ବିମଳ ମାଟ୍ରିକ୍ ସ୍ତରରୁ ପାଠପଢ଼ା ଛାଡ଼ି ୧୯୫୬ରେ ମାତ୍ର ୨୦ବର୍ଷ ବୟସରେ କଂଗ୍ରେସ ସେବା ଦଳରେ ଯୋଗଦେଇଥିଲେ। ୧୯୬୧ରେ ସେ ନିଜ ଜନ୍ମ ମାଟି ଶୁଳିଆପଦାର ବାଘଡ଼ା ଗ୍ରାମରୁ ପଞ୍ଚାୟତ ସମିତି ସଦସ୍ୟ ଭାବେ ନିର୍ବାଚିତ ହେବା ସହ ବ୍ଲକ ଉପାଧ୍ୟକ୍ଷ ହୋଇଥିଲେ। ଏହା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ସଂସ୍ପର୍ଶରେ ଆସି ୧୯୬୪ରୁ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଦୈନିକ 'ପ୍ରଜାତନ୍ତ୍ର'ର ମୟୂରଭଞ୍ଜ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ପରବର୍ତ୍ତୀ ସମୟରେ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ, ପ୍ରଗତୀ ଦଳର ଜିଲା ସମ୍ପାଦକ, ଲୋକ ଦଳର ରାଜ୍ୟ ଉପସଭାପତି, ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ନିର୍ଦ୍ଦେଶକ, ବାରିପଦା ଅର୍ବାନ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ହୋଇ ୫ ଥର ବ୍ୟାଙ୍କର ସଭାପତି ଭାବେ କାର୍ଯ୍ୟ ତୁଲାଇଛନ୍ତି। ୧୯୮୧ରେ ଜଣେ ଶିଳ୍ପୋଦ୍ୟୋଗୀ ଭାବେ ମୟୂରଭଞ୍ଜ ଜିଲାରେ ପ୍ରଥମ କ୍ରସର ୟୁନିଟ ସ୍ଥାପନ କରିଥିଲେ। ସେହିପରି ଅମ୍ବିକା ହୋଟେଲ ଆଣ୍ଡ ଇଷ୍ଟେଟ ପ୍ରା.ଲି. ପ୍ରତିଷ୍ଠା କରି ଜିଲାରେ ହୋଟେଲ ଶିଳ୍ପ ବିକାଶର ମୂଳଦୁଆ ସ୍ଥାପନ କରିଥିଲେ । ୨୦୦୪ରେ ସେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳରୁ ଟିକଟ ପାଇ ବାରିପଦା ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ନବଗଠିତ ମୋରଡ଼ା ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ପରାଜିତ ହେବା ପରେ ସେ ରାଜନୀତିରୁ ଦୂରେଇ ଯାଇଥିଲେ। ତେବେ ତାଙ୍କର ଜନହିତକର କାର୍ଯ୍ୟ ଲାଗି ସ୍ମରଣୀୟ ହୋଇ ରହିବେ। ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ଅମର ଆତ୍ମାକୁ ପରମ ଶାନ୍ତି ପ୍ରଦାନ କରନ୍ତୁ ଏହା ହିଁ କାମନା ।



ବିମଳ ଲୋଚନ ଦାସ

-ଚନ୍ଦନ କୁମାର ଦାସ,ବାରିପଦା

# ଧାନକିଣାରେ ଅନିୟମିତତା, ଅବ୍ୟବସ୍ଥା ପ୍ରତିବାଦରେ ଅନଶନ

ଭଣ୍ଡାରିପୋଖରୀ, ୪।୩ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ମଣ୍ଡିରେ ଧାନକିଣାରେ ଅନିୟମିତତା ଓ ଅବ୍ୟବସ୍ଥା ପ୍ରତିବାଦରେ ଭାଜପା ପକ୍ଷରୁ ଗୁରୁବାର ପୂର୍ବାହ୍ନରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଅନଶନ କରାଯାଇଥିଲା। ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଅନଶନ କରିଥିଲେ।

ପ୍ରକାଶ ଯେ, ଏହି ବ୍ଲକରେ ୭୭୩୨ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। କିନ୍ତୁ ଅଦ୍ୟାବଧି ୨୫୫୭ ଜଣ ଧାନ ବିକ୍ରି କରିପାରି ନାହାନ୍ତି। ଏପରିକି ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯାଇଥିଲେ ହେଁ ଧାନ ବିକିପାରି ନାହାନ୍ତି। ଫଳରେ ସେମାନେ ମାନସିକ ଦୁଶ୍ଚିନ୍ତା ଭିତରେ ଗତି କରୁଛନ୍ତି। ଚାଷୀଙ୍କ ନ୍ୟାଯ୍ୟ ଦାବି ନେଇ ବସନ୍ତ ରାଉତଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ଭାଜପା ନେତା ଧଳ, ନିର୍ମଳ କର, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ସରପଞ୍ଚ ଜଗବନ୍ଧୁ ଦାସ, କମଳ ନନ୍ଦ, ମୁକୁନ୍ଦ ମଲିକ, ଚାଷୀନେତା କୀର୍ତ୍ତନ ଧଳ, ତପସ୍ୱିନୀ ମହାପାତ୍ର, ରୁକ୍ମଣୀ ଦାସ ପ୍ରମୁଖଙ୍କ ସହ ଚାଷୀମାନେ ଯୋଗଦେଇ ଧାନକିଣାରେ ଦୁର୍ନୀତି ଅଭିଯୋଗ କରି ବର୍ଷିଥିଲେ। ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ ଓ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶରତ ବେହେରା ଅନଶନ ସ୍ଥଳରେ ପହଞ୍ଚି ଭାଜପା ନେତା ଓ ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କଠାରୁ ୯ ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ପଞ୍ଜିକୃତ ଚାଷୀଙ୍କ ଧାନ କିଣାଯିବ ଓ ଯେଉଁମାନଙ୍କର ଟୋକନ ଅବଧି ସରିଯାଇଛି ରାଜ୍ୟ ସରକାରଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।




ଅନଶନ କରିଥିବା ଭାଜପା କର୍ମକର୍ତ୍ତା ଓ ଚାଷୀ।

## ୯ରେ 'ସାଇଫିଏଷ୍ଟା-୨୦୨୧'

ବାଲେଶ୍ୱର ଅଫିସ, ୪।୩

ବାଲେଶ୍ୱର ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ ଦ୍ୱାରା ଆୟୋଜିତ 'ସାଇଫିଏଷ୍ଟା-୨୦୨୧'ର ଦ୍ୱିତୀୟ ବାର୍ଷିକ ଉତ୍ସବ ଆସନ୍ତା ୯ ତାରିଖ ଟାଉନହଲ୍‌ରେ ଅନୁଷ୍ଠିତ ହେବ ବୋଲି ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ନର୍ଥ ଓଡ଼ିଶା ୟୁଥ୍ ଟ୍ୟାଲେଣ୍ଟ ହଣ୍ଟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଫ୍ୟାନ୍ସିଡ୍ରେସ୍, ସୋଲୋ ସଙ୍ଗ, ଚିତ୍ରାଙ୍କନ, ନୃତ୍ୟ, ମିଷ୍ଟର ଏବଂ ମିସେସ୍ ଲିଟିଲ୍ ମାଷ୍ଟର, ରଙ୍ଗୋଲି ଭଳି ବିଭିନ୍ନ କାର୍ଯ୍ୟକ୍ରମ ସାମିଲ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ନାମ ପଞ୍ଜିକରଣ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ଏଥିରେ ମୁଖ୍ୟ ଆକର୍ଷଣ ମିଷ୍ଟର ଏବଂ ମିସେସ୍ ସାଇ ଫିଏଷ୍ଟା-୨୦୨୧ ୧୩ ବର୍ଷରୁ ଊର୍ଦ୍ଧ୍ୱ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ରହିଛି। ରେଜିଷ୍ଟ୍ରେଶନ ଫର୍ମ ସବୁ ସତ୍ୟସାଇ ସିଟି ଅଫିସ୍ ମିଶନ୍ ଫିଲ୍ଡ (କଚେରି ରୋଡ୍)ରେ ମିଳିବାର ବ୍ୟବସ୍ଥା କରାଯାଇଛି। ସଙ୍ଗଠନ ସଭାପତି ଡ. ବେଣୁମାଧବ ପଣ୍ଡା, କାର୍ଯ୍ୟକାରୀ ସଭାପତି ସ୍ୱୟଂସରିତା ପଣ୍ଡା, ଉପସଭାପତି ରମାକାନ୍ତ ମହାରଣା, ସାଧାରଣ ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଦାସ ଓ ସମ୍ପାଦକ ଅଜୟ କୁମାର ପ୍ରଧାନ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

# ଇମାମୀରେ ଜାତୀୟ ସୁରକ୍ଷା ଦିବସ

ବାଲେଶ୍ୱର ଅଫିସ, ୪।୩

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ ପରିସରରେ ଗୁରୁବାର ୫୦ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। କାରଖାନାର ମୁଖ୍ୟ ସଞ୍ଚାଳକ ଏମ୍‌ବିଏସ୍ ନାୟାର ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ସୁରକ୍ଷା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଡାଇରେକ୍ଟର ଅପରେଶନ ଏସ୍.କେ. ଖୈତାନ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ ପ୍ରତି ସମସ୍ତେ ସଚେତନ ହେବା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସଭାପତି ଆଶିଷ ଗୁପ୍ତା ଦୁର୍ଘଟଣା ଦେଶର ଉତ୍ପାଦନ ହ୍ରାସ କରିବା ସହିତ ଦେଶର ଅର୍ଥନୀତିକୁ ଦୁର୍ବଳ କରିଦିଏ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସୁରକ୍ଷା ଅଧିକାରୀ ରଞ୍ଜିତ ଦାସ କାରଖାନାରେ ଶ୍ରମିକମାନେ କିପରି ସୁରକ୍ଷାର ସହିତ କାର୍ଯ୍ୟ କରିବେ ତାହା ଜଣାଇବା ସହ ମୋବାଇଲ ଫୋନ୍ ବ୍ୟବହାର କିପରି କାରଖାନାରେ ଦୁର୍ଘଟଣା କରାଇଥାଏ ତାହାର ଦୃଷ୍ଟାନ୍ତ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଶ୍ରମିକ, କର୍ମଚାରୀମାନେ ସୁରକ୍ଷାର ଶପଥପାଠ କରିଥିଲେ। ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନାମ ଚନ୍ଦ୍ର ସ୍ୱାଇଁ, ଦୀପ୍ତିରଞ୍ଜନ ମହାପାତ୍ର ସୁରକ୍ଷା ଦିବସର ସମସ୍ତ ପରିଚାଳନା ଦାୟିତ୍ୱରେ ଥିଲେ। ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।




ଜାତୀୟ ସୁରକ୍ଷା ଦିବସ ପାଳନ ଅବସରରେ ଉପସ୍ଥିତ ପେପର ମିଲ୍‌ର ଅଧିକାରୀ।

## ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ରସାଲପୁର, ୪।୩(ଡି.ଏନ.ଏ.): ବାଲେଶ୍ୱର ସଦର ଥାନା ନିକଟ ୧୬ନଂ. ଜାତୀୟ ରାଜପଥ କୁରୁଡ଼ା ବାଇପାସ୍ ଉପରବ୍ରିଜ୍‌ଠାରେ ଗୁରୁବାର ଏକ ବାଇକ୍ ଓଲଟି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ତାଙ୍କ ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତକ ହେଲେ ସିମୁଳିଆ ବ୍ଲକ ଗୋବିନ୍ଦପୁର ଅଞ୍ଚଳର ସୁମିତ୍ରା ମିଶ୍ର। ସେ ବାଇକ୍‌ରେ ସ୍ୱାମୀ ଧନେଶ୍ୱରଙ୍କ ସହ ଜଳେଶ୍ୱରସ୍ଥିତ ବାପଘରକୁ ଆସୁଥିଲେ। ମାତ୍ର କୁରୁଡ଼ା ବାଇପାସ୍ ବ୍ରିଜ୍‌ରେ ରାସ୍ତା କାମ ଚାଲିଥିବାରୁ ବାଇକ୍‌ରୁ ପଡ଼ିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ସହ ସୁମିତ୍ରା ପିଟି ହୋଇଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗି ମୃତ୍ୟୁ ହୋଇଯାଇଥିଲା।

## ପାସେଞ୍ଜର ଟ୍ରେନ୍ ନ ଚାଲିଲେ ୧୫ରୁ ଅର୍ଥନୈତିକ ଅବରୋଧ

କେନ୍ଦୁଝର, ୪।୩ (ସ୍ୱ.ପ୍ର./ଡି.ଏ.ନ.ଏ.)

ଭୁବନେଶ୍ୱର -କେନ୍ଦୁଝରଗଡ (ଫାଷ୍ଟ ପାସେଞ୍ଜର) ଟ୍ରେନ କୁ ଚାଲୁକରିବା, ଭାଇଜାକ-ଟାଟାନଗର ଟ୍ରେନକୁ ସପ୍ତାହିକ ବଦଳରେ ଦୈନିକ ଚାଲୁକରିବା, ପୁରୀ-ରାଉରକେଲାକୁ ଚାଲୁ କରିବା ଦାବିରେ କେନ୍ଦୁଝର ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ପୂର୍ବତଟ ରେଳୱେର ଖୋର୍ଦ୍ଧା ଡିଭିଜିନାଲ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦଶ ଦିନ ମଧ୍ୟରେ ଏହି ସବୁ ଟ୍ରେନ ଚଳାଚଳ ନ କଲେ ଆସନ୍ତା ୧୫ ତାରିଖରୁ ଜିଲାରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ପରିଷଦ ପକ୍ଷରୁ ଆବାହକ ବରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି । କେନ୍ଦୁଝରରୁ ଲୁହାପଥର ପରିବହନକୁ ଜୋରସୋରରେ ଚଳାଯାଉଥିବା ବେଳେ ଜିଲାବାସୀଙ୍କୁ ଉପେକ୍ଷା କରି କରୋନା କଟକଣା ଆଳରେ ଦୀର୍ଘ ବର୍ଷେ ହେଲା ଯାତ୍ରୀ ବାହୀ ଟ୍ରେନ ଚଳାଚଳ ବନ୍ଦ ରଖାଯାଇଛି । ଅନ୍ୟ ଜିଲାରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିଥିବା ବେଳେ ଏହି ଜିଲାରୁ ହଜାର ହଜାର କୋଟି ଟଙ୍କା ଲାଭ କରୁଥିବା ରେଳବାଇ ବିଭାଗ ଏହି ଜିଲାକୁ ଅବହେଳା ବରଦାସ୍ତ କରାଯିବ ନାହିଁ। ଆସନ୍ତା ୧୫ରୁ ଲୁହାପଥର ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦେଇଛନ୍ତି।

## ଚାନ୍ଦା କମ୍ ଦେବାରୁ ଆକ୍ରମଣ

ଭଦ୍ରକ ଅଫିସ, ୪।୩

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ବୁଧବାର ରାତିରେ ଅଷ୍ଟପ୍ରହରୀ ଚାନ୍ଦା କମ୍ ଦେବାରୁ ଗୋଟିଏ ପରିବାରର ୩ ଜଣଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଆହତମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଥାନା ଅଧୀନ ତିଶଳପୁର ଗ୍ରାମରେ ଅଷ୍ଟପ୍ରହରୀ ପାଇଁ ଚାନ୍ଦା ଆଦାୟ ହେଉଥିଲା। ଗାଁର କେତେଜଣ ଲୋକ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ଘରକୁ ଚାନ୍ଦା ମାଗିବାକୁ ଯାଇଥିଲେ। ତାଙ୍କ ପରିବାର ଲୋକ ଚାନ୍ଦା କମ୍ ଦେବାକୁ ନେଇ ଉଭୟପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଚାନ୍ଦା ଆଦାୟକାରୀ ଜ୍ୟୋତ୍ସ୍ନାରାଣୀଙ୍କ ସମେତ ପରିବାରର ୩ ଜଣଙ୍କୁ ଆକ୍ରମଣ କରିଥିଲେ। ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗାଁରେ ପୋଲିସ ମୁତୟନ କରାଯାଇଛି।

# ଜାତୀୟ ସୁରକ୍ଷା ଦିବସ ପାଳନ

ଯୋଡ଼ା, ୪।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ୍‌ରେ ଥିବା ଜେଏସ୍‌ପିଏଲ୍ କାରଖାନା ପରିସରରେ ଗୁରୁବାର ୫୦ ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। କର୍ମକ୍ଷେତ୍ରର ସ୍ୱାସ୍ଥ୍ୟ ସୁରକ୍ଷା ଓ ଉତମ ପରିବେଶ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାପାଇଁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର କାରଖାନା ମୁଖ୍ୟ ବ୍ରିଜ ବଦହଦରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଚାରୀ ଓ ଶ୍ରମିକଙ୍କୁ ନିୟମାବଳୀକୁ କଡ଼ାକଡ଼ି ମାନିବା ସହିତ ସତର୍କତାମୂଳକ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ଏକତ୍ରଭାବେ କାମ କରି ହିଁ ସୁରକ୍ଷାକୁ ଆପଣେଇ ହେବ ଓ ଏଥିରେ ସଫଳତା ମିଳିବ ବୋଲି ସେ କହିଥିଲେ। କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାପାଇଁ ଏକ ସୁରକ୍ଷା ରଥକୁ ଉନ୍ମୋଚନ କରାଯାଇଥିଲା। ଏତଦ୍‌ବ୍ୟତୀତ କର୍ମଚାରୀ ଓ ଶ୍ରମିକଙ୍କ ପାଇଁ ସୁରକ୍ଷା ବିଭାଗ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉତ୍ସବରେ କାରଖାନାର କମର୍ସିଆଲ ମୁଖ୍ୟ ସୁଶିଲ ଅଗ୍ରୱାଲ, ଅପରେସନ ମୁଖ୍ୟ ଏମ୍.ଡି ପୁରୁଷୋତ୍ତମ, ଇଲେକ୍ଟ୍ରିକାଲ ମୁଖ୍ୟ ସୁନିଲ ପଟ୍ଟନାୟକ, ମାନବ ସମ୍ବଳ ମୁଖ୍ୟ ସରୋଜ କିଶୋର ପଣ୍ଡାଙ୍କ ସମେତ ସୁରକ୍ଷା ବିଭାଗର ମୁଖ୍ୟ ହରକୁଲେସ୍ ଜେନା ଉପସ୍ଥିତ ଥିଲେ।

## ପ୍ରଭାତ ଜେନା ହେଲେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି

ବାରିପଦା ଅଫିସ ୪।୩ : କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବଡ଼ସାହି ବ୍ଲକ ପ୍ରତିନିଧି ଭାବେ ପ୍ରଭାତ କୁମାର ଜେନା ନିଯୁକ୍ତ ହୋଇଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ପତ୍ର ଦ୍ୱାରା ମୟୂରଭଞ୍ଜ ଜିଲାପାଳଙ୍କୁ ଅବଗତ କରିଛନ୍ତି। ପ୍ରଭାତ ବର୍ତ୍ତମାନ ଭାଜପାର ଜିଲା ପ୍ରବକ୍ତା ଥିବା ବେଳେ ବିଭିନ୍ନ ସଙ୍ଗଠନ ସହିତ ଜଡ଼ିତ ରହିଛନ୍ତି। ପୂର୍ବରୁ ସେ ଏମ୍‌ପିସି କଲେଜ ଛାତ୍ର ସଂସଦର ନେତା ରହିଥିବା ବେଳେ ବଡ଼ସାହିର ଦୁଇ ବିଧାୟକଙ୍କର ବ୍ଲକ ପ୍ରତିନିଧି ଭାବେ ମଧ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ନିଆଁକୁ ଆୟତ୍ତ କରା ନ ଗଲେ ଆନ୍ଦୋଳନ

ବାରିପଦା ଅଫିସ,୪।୩

ଶିମିଳିପାଳ ଅଭୟାରଣ୍ୟରେ ଲାଗି ରହିଥିବା ନିଆଁକୁ ତୁରନ୍ତ ରୋକା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଭଞ୍ଜ ସେନା ଚେତାବନୀ ଦେଇଛି। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସେନା ପକ୍ଷରୁ ଏହା କୁହାଯାଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଖାମଖିଆଲି ନୀତି ଯୋଗୁ ଅଭୟାରଣ୍ୟରେ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ସୁରକ୍ଷା ଦାୟିତ୍ୱରେ ଥିବା ବନବିଭାଗର ବରିଷ୍ଠ ଅଧିକାରୀଙ୍କୁ ୭୨ଘଣ୍ଟା ମଧ୍ୟରେ ଦାୟିତ୍ୱରୁ ବିତାଡ଼ିତ ନ କଲେ ଆସନ୍ତା ସୋମବାର ୧୮ନଂ. ଓ ୪୯ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସେନା ପକ୍ଷରୁ ହରତାଳ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଆବଶ୍ୟକ ପଡ଼ିଲେ ସମଗ୍ର ଜିଲାରେ ମଧ ବନ୍ଦ ଡାକରା ଦିଆଯିବା ସହ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ସେନାର ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲା ସଭାପତି ପିଣ୍ଟୁ ମାଇତି ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଭଞ୍ଜସେନାର କର୍ମକର୍ତ୍ତା।

# ଜଙ୍ଗଲ ନିଆଁ ବଢ଼ାଉଛି ଚିନ୍ତା

ଚମ୍ପୁଆ, ୪।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବାଲିବନ୍ଧ ଓ ଉଖୁଣ୍ଡା ସେକ୍ସନର ବିଭିନ୍ନ ଜଙ୍ଗଲରେ ଲାଗୁଥିବା ନିଆଁ ବର୍ତ୍ତମାନ ବନବିଭାଗର ଚିନ୍ତାର କାରଣ ପାଲଟିଲାଣି। ଦୈନନ୍ଦିନ ଲାଗୁଥିବା ନିଆଁକୁ ବନବିଭାଗ ଆୟତ୍ତ କରୁଛି ସତ ହେଲେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକଥର ଜଙ୍ଗଲରେ ନିଆଁ ଲାଗିଲାଣି। ବିଗତ ୩ ଦିନରେ ପ୍ରାୟ ୪୦ରୁ ଅଧିକ ସ୍ଥାନରେ ଲାଗିଥିବା ନିଆଁକୁ ଆୟତ୍ତ କରାଗଲାଣି।

ସୂଚନା ଅନୁସାରେ ବିଗତ ଦିନରେ ଚମ୍ପୁଆ ସେକ୍ସନର ସରେଇ, ବାସୁଦେବପୁର, ରଜିଆ, ହୁଞ୍ଜପଶି, ଗୋଧୂଳି ଓ ଭାଲିଆଡିପା ଏବଂ ଉଖୁଣ୍ଡା ସେକ୍ସନର ଝାଲିଆବେଡା, ବଣକାଟି, ମଙ୍ଗଳପୁର ସହିତ ବାଲିବନ୍ଧ ସେକ୍ସନର କନକନା, ଗୁଗୁଦରି, ଚମକପୁର, ବ୍ରାହ୍ମଣୀଝରି, ବ୍ରାହ୍ମଣୀଡିହି ଓ ସାନକାଳିମାଟି ଆଦି ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବନବିଭାଗ ଓ ଅଗ୍ନିଶମ ବିଭାଗ ମିଳିତ ଉଦ୍ୟମରେ ତାହା ଆୟତ୍ତ କରାଯାଇଛି। ଏହି ନିଆଁ ଲାଗିବା ଫଳରେ ଜଙ୍ଗଲରେ ଥିବା ବନ୍ୟପ୍ରାଣୀ ସହିତ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ଯଥା ପାତାଳଗରୁଡ, ଭୂଇଁନିମ୍ବ, ସତାବରି, ବଣତୁଳସି, ନଣ୍ଡାବାବୁଲି, ସତେଜରାଜ, ଗଙ୍ଗଶିଉଳି ଓ ବିଶଲ୍ୟକରଣି ଆଦି ନଷ୍ଟ ହେବାରେ ଲାଗିଛି। ଏନେଇ ଚମ୍ପୁଆ ରେଞ୍ଜର ସଞ୍ଜୀବ ରାଉତଙ୍କୁ ପଚାରିବାରୁ ନିଆଁ ଲାଗିବାର ପ୍ରମୁଖ କାରଣ ମହୁଲ ସଂଗ୍ରହ ବେଳେ ଗଛତଳ ପୋଡି ସଫା କରିବା ଏବଂ ଜଙ୍ଗଲକୁ ଲାଗି ରହିଥିବା ଶଷ୍ୟକ୍ଷେତ ଅଧାକଟା ନଡ଼ା ପୋଡ଼ିବାବେଳେ ନିଆଁ ଜଙ୍ଗଲ ଭିତରକୁ ମାଡିଯାଉଛି ବୋଲି ଅନୁମାନ କରାଯାଉଛି। ଏଥିପାଇଁ ବ୍ଲୟର(ନିଆଁଲିଭା ଯନ୍ତ୍ର) ସହିତ ୨୪ ଘଣ୍ଟିଆ ପ୍ରହରା ବ୍ୟବସ୍ଥା ୪୮ ଜଣ କର୍ମଚାରୀଙ୍କ ଦ୍ୱାରା କରାଯାଉଛି। ଜଙ୍ଗଲ ମଧ୍ୟରେ କ୍ୟାମ୍ପ କରାଯାଇ ପାରାଷ୍ଟାଫ ଓ ନିୟମିତ କର୍ମଚାରୀଙ୍କ ଦ୍ୱାରା ନଜର ରଖାଯାଇଛି। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ଭିଏସଏସ ମାନଙ୍କର ସହଯୋଗ ଲୋଡାଯାଇଛି। ଖୁବଶୀଘ୍ର ପ୍ରଚାର ଗାଡି ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି କହିଛନ୍ତି।



ଜଙ୍ଗଲରେ ନିଆଁ ଲିଭାଉଛନ୍ତି ବନବିଭାଗ କର୍ମଚାରୀ।

ଧରିତ୍ରୀ DHARITRI
ଶୁକ୍ରବାର, ୫ ମାର୍ଚ୍ଚ, ୨୦୨୧



## ମହୁଲି ମଦ ବେପାରି ଗିରଫ

ତେଲକୋଇ,(ଡି.ଏନ.ଏ.): କେନ୍ଦୁଝରର ଜିଲା ତେଲକୋଇ ବ୍ଲକର ସିରିଗିଡା ପଞ୍ଚାୟତ ଅଧୀନ କାଳିମା ପୁରୁଣା ସାହିରେ ବ୍ୟାପକ ଦେଶୀ ମଦ ବେପାରକୁ ନେଇ ଉକ୍ତ ଗ୍ରାମର ମହିଳାମାନେ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ମହୁଲି ମଦ ଜବତ ସହ ବେପାରି ରୀନା କିଷାନଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

#### ୧୦ ଲକ୍ଷ କ୍ଷତିପୂରଣ ଦାବି

ଫୁଲବାଣୀ ଅଫିସ/କ.ନୂଆଗାଁ (ଡି.ଏନ୍.ଏ), ୪।୩: କନ୍ଧମାଳ ଜିଲା ଫୁଲବାଣୀସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ କ.ନୂଆଗାଁ ବ୍ଲକର ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ପୁରୁଣା ସାହିର ସୁଶିଲ ନାୟକ ଓରଫ ଟିଙ୍କୁ (୨୮)। ଟିଙ୍କୁ ବାଲିଗୁଡ଼ା ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ଥିଲେ। କିଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ପୁରୁଣା ସାହିର ଟିଙ୍କୁଙ୍କ ନାମରେ ୨୦୧୦ରେ ଏକ ପୁରୁଣା ମାମଲା ଥିଲା। ଗତ ୨୮ ତାରିଖ ସକାଳେ ସାରଙ୍ଗଗଡ ପୋଲିସ ତାଙ୍କୁ ଘରୁ ଉଠାଇ ଆଣି କୋର୍ଟ ଚାଲାଣ କରିଥିଲା। ୧ ତାରିଖରେ ଜେଲରେ ଟିଙ୍କୁ ଅସୁସ୍ଥ ହେବାରୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱାସ୍ଥାବସ୍ଥାରେ ଉନ୍ନତି ନ ହେବାରୁ ବୁଧବାର ତାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଟିଙ୍କୁଙ୍କ ମୃତ୍ୟୁ ଘଟିଥିଲା। ଟିଙ୍କୁଙ୍କ ମା' ଲକ୍ଷ୍ମୀ କହିଛନ୍ତି, ପୁଅକୁ ପୋଲିସ ନେଲା ବେଳେ ସେ ସୁସ୍ଥ ଥିଲା। କୋର୍ଟରେ ଜାମିନ ଆବେଦନ କରିବାକୁ ଯାଉଥିବା ବେଳେ ତାର ମୃତ୍ୟୁ ହୋଇଥିବା ଖବର ମିଳିଥିଲା। ଏହାର ଉପଯୁକ୍ତ ତଦନ୍ତ କରିବା ସହ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଲକ୍ଷ୍ମୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଟିଙ୍କୁଙ୍କର ୫ ବର୍ଷର ଝିଅ ଥିବାବେଳେ ମାସକ ତଳେ ଏକ ପୁତ୍ର ସନ୍ତାନ ଜନ୍ମ ନେଇଛି।

### ବସ୍ ଓଲଟି ଯୁବକ ମୃତ, ୨୦ ଆହତ

ବାରିପଦା/ଠାକୁରମୁଣ୍ଡା,୪।୩ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଧୀନ ୫୩ନଂ.ରାଜ୍ୟ ରାଜପଥ ଗୋଡ଼ଭଙ୍ଗା ଘାଟିରେ ଗୁରବାର ଏକ ଯାତ୍ରୀବାହୀ ବସ୍ ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ୧୫ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଓ ଘଷିପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଯାଜପୁର ଜିଲା କଣ୍ଟାଝରି ଗ୍ରାମର ଶିଶିର ଦାସ। ସୂଚନା ଅନୁଯାୟୀ, ମା'ତାରିଣୀ ବସ୍ ରାଇରଙ୍ଗପୁରରୁ ଭୟା ଠାକୁରମୁଣ୍ଡା ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ପୂର୍ବାହ୍ନ ୧୦ଟା ସମୟରେ ଗୋଡ଼ଭଙ୍ଗା ଘାଟିର ସୁରକ୍ଷା ପାଚେରି ଡେଇଁ ଏହା ୧୦ ଫୁଟ ତଳକୁ ଓଲଟି ପଡ଼ିଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବିଭାଗ କର୍ମଚାରୀ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାପାଇଁ ଡାକ୍ତରଖାନା ପଠାଇଥିଲେ। ମହୁଲଡ଼ିହା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଆଜିଠୁ ଏମ୍ଏସ୍ଏମ୍ଇ ବାଣିଜ୍ୟମେଳା

ଭୁବନେଶ୍ୱର, ୪।୩(ବ୍ୟୁରୋ)

ରାଜ୍ୟର ବାଣିଜ୍ୟ ଓ ରପ୍ତାନିକୁ ଆହୁରି ମଜଭୁତ କରିବା ପାଇଁ ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ ଏମ୍ଏସ୍ଏମ୍ଇ ବାଣିଜ୍ୟ ମେଳା-୨୦୨୧ ଆରମ୍ଭ ହେବ। ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ସରକାରଙ୍କ ପକ୍ଷରୁ ଜାରି କୋଭିଡ୍-୧୯ ଗାଇଡ୍‌ଲାଇନ୍‌କୁ ଦୃଷ୍ଟିରେ ରଖି କୌଣସି ବାହାର ଦେଶର ଅଂଶଗ୍ରହଣକାରୀଙ୍କୁ ପ୍ରବେଶ କରାଯାଇନାହିଁ। ଏଥିରେ ରାଜ୍ୟ ତଥା ଜାତୀୟସ୍ତରରୁ ବିଭିନ୍ନ ପିଏସ୍‌ୟୁ ଓ ଶିଳ୍ପୋଦ୍ୟୋଗୀମାନେ କେବଳ ଅଂଶଗ୍ରହଣ କରିବେ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଓ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇଥିଲେ।

ଏବର୍ଷ ନୂଆ ଷ୍ଟାର୍ଟଅପ୍, ମହିଳା ଉଦ୍ୟୋଗୀ ଓ ମିଶନ ଶକ୍ତିକୁ ଅଗ୍ରାଧିକାର ଦିଆଯାଇଛି। ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକର ସ୍ୱତନ୍ତ୍ର ଅବଦାନ ରହୁଥିବାରୁ ଏହାର ସଦସ୍ୟାମାନଙ୍କୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏନେଇ ମିଶନ୍ ଶକ୍ତି ଓ ଏମ୍ଏସ୍ଏମ୍ଇ ବିଭାଗ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର କରାଯାଇଛି।



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟ ଅଧିକାରୀମାନେ।

### ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ମେଳାରେ ୫ଟି ହ୍ୟାଙ୍ଗର ନିର୍ମାଣ କରାଯାଇଥିବାବେଳେ ୬୦ଟି ଲେଖାଏ ଷ୍ଟଲ୍ ରହିଛି। ୪ଟି ହ୍ୟାଙ୍ଗର ଷ୍ଟାର୍ଟଅପ୍, ଫୁଡ୍ ପ୍ରୋସେସିଙ୍ଗ୍ ୟୁନିଟ୍, ମିଶନ୍ ଶକ୍ତି ଓ ପିଏସ୍‌ୟୁଙ୍କ ପାଇଁ ଥିବାବେଳେ ଅନ୍ୟଟି ସାଧାରଣ ଉଦ୍ଦେଶ୍ୟରେ ଉଦ୍ୟୋଗୀ ଏବଂ ଅନ୍ୟାନ୍ୟ ବ୍ୟବହାର ଉପଯୋଗୀ ପାଇଁ ନିର୍ମାଣ କରାଯାଇଛି। ଏଥିରେ ଯନ୍ତ୍ରପାତି ଓ ନୂତନ ଟେକ୍ନୋଲୋଜିର ପ୍ରଦର୍ଶନ ପାଇଁ ଏକ ପ୍ଲାଟ୍‌ଫର୍ମର ବ୍ୟବସ୍ଥା କରାଯାଇଛି।

ସେହିପରି ପ୍ରତିଦିନ ସକାଳ ସାଢ଼େ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ୫ଟି ସେମିନାର ଆୟୋଜନ କରିବ। ଓଡ଼ିଶାର ଆଗ୍ରୋ ଓ ଫୁଡ୍ ପ୍ରୋସେସିଙ୍ଗ୍ ୟୁନିଟ୍, ଏମ୍ଏସ୍ଏମ୍ଇ ଓ ଷ୍ଟାର୍ଟଅପ୍ ପାଇଁ ବଜାର ଏବଂ ଆର୍ଥିକ ଆବଶ୍ୟକତାର ଗୁରୁତ୍ୱ, ମହିଳା ଉଦ୍ୟୋଗୀ, କ୍ଲଷ୍ଟର୍ ମାଧ୍ୟମରେ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ ବିଷୟ ଉପରେ ଆଲୋଚନା ପର୍ଯ୍ୟାଲୋଚନା ହେବ। ସୂଚନାଯୋଗ୍ୟ, ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ୨୦୧୩ରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ବାଣିଜ୍ୟ ମେଳା ଆୟୋଜିତ ହୋଇଆସୁଛି।

# ଟିକା ନେଲେ ରାଜ୍ୟପାଳ

ଭୁବନେଶ୍ୱର, ୪।୩(ବ୍ୟୁରୋ)

### ଦ୍ୱିତୀୟ ପର୍ଯ୍ୟାୟରେ ୯୯,୭୯୪ ନେଲେଣି ଟିକା

ସାରା ଦେଶରେ ଗତ ୧ ତାରିଖରୁ କରୋନା ଟିକାକରଣର ଦ୍ୱିତୀୟ ପର୍ଯ୍ୟାୟ ଜାରି ରହିଛି। ୬୦ ବର୍ଷରୁ ଅଧିକ ବୟସ୍କ ଓ ୪୫ ବର୍ଷରୁ ବହୁ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି। ରାଜ୍ୟରେ ବୟସ୍କମାନେ ଟିକା ନେବାକୁ ଅଧିକ ଉତ୍ସାହିତ ଥିବା ଦେଖାଯାଇଛି। ୪ଦିନରେ ମୋଟ ୯୯,୭୯୪ଜଣ ଟିକା ନେଇଥିବାବେଳେ ୯୫,୮୮୨ଜଣ ୬୦ରୁ ଊର୍ଦ୍ଧ୍ୱ ବୟସ୍କ ଓ ୩,୯୧୨ଜଣ ବହୁବିଧ ରୋଗୀ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କରୋନା ଟିକା ନେଇଛନ୍ତି। ରାଜ୍ୟପାଳ ରାଜଭବନ ହସ୍ପିଟାଲରେ ପହଞ୍ଚି କୋଭିଡ୍ ଟିକାର ପ୍ରଥମ ଡୋଜ୍ ଗ୍ରହଣ କରିଛନ୍ତି। ଏଥିସହ ସେ ସାଧାରଣ ଲୋକଙ୍କୁ ଟିକାକରଣ ପ୍ରକ୍ରିୟାରେ ସାମିଲ ହେବା ନେଇ ଅପିଲ କରିଛନ୍ତି। କୋଭିଡ୍ ଟିକା ନେବା ପରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଟୁଇଟ୍ କରି ସୂଚନା ଦିଆଯାଇଛି।


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଟିକା ଦିଆଯାଉଛି।

# ବୟସ୍କ କଏଦୀ ନେବେ କୋଭିଡ୍ ଟିକା

ଭୁବନେଶ୍ୱର,୪।୩(ବ୍ୟୁରୋ)

ରାଜ୍ୟର ସମସ୍ତ ଜେଲ୍‌ରେ ଥିବା ବରିଷ୍ଠ କଏଦୀଙ୍କୁ କୋଭିଡ୍ ଟିକା ଦିଆଯିବ। ଏନେଇ କାରାଗାର ଓ ସୁଧାରଗୃହ ନିର୍ଦ୍ଦେଶାଳୟ ସମସ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ କଏଦୀଙ୍କୁ ଏହି ଟିକା ପ୍ରଦାନ କରାଯିବ। ଏଥିସହିତ ଯେଉଁମାନଙ୍କର ବୟସ ୪୫ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ଓ ସେମାନେ ଦୀର୍ଘଦିନ ଧରି ବହୁବିଧ ରୋଗରେ ପୀଡ଼ିତ ଥିବେ ସେମାନେ ମଧ୍ୟ ଟିକା ନେବେ। ଜିଲା ମୁଖ୍ୟ ମେଡିକାଲ ଅଫିସରଙ୍କଠାରୁ ପରାମର୍ଶ ନିଆଯାଇ ଟିକା ଦିଆଯିବ। ଟିକା ନେବା ସମୟରେ ରାଜ୍ୟ ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

# ଜାତୀୟସ୍ତରରେ ଓଡ଼ିଶା କାଜୁ ଉନ୍ନୟନ ନିଗମ ପୁରସ୍କୃତ




ଭୁବନେଶ୍ୱର, ୪।୩(ବ୍ୟୁରୋ)

କାଜୁ ଚାଷ ଓ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଯୋଗୁ ଓଡ଼ିଶା କାଜୁ ଉନ୍ନୟନ ନିଗମ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ଗୋଆର ପଣଜୀଠାରେ ଭାରତ ସରକାରଙ୍କ କୃଷି ଓ ସମବାୟ ବିଭାଗ ଏବଂ କୋଚିସ୍ଥିତ କାଜୁ ଓ କୋକୋଆ ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ ସମ୍ମିଳନୀ ଅବସରରେ ଓଡ଼ିଶାକୁ ସମ୍ମାନିତ କରାଯାଇଛି। କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ପୁରସ୍କାର ଗ୍ରହଣ କରିଛନ୍ତି।

ବର୍ତ୍ତମାନ କାଜୁ ଉତ୍ପାଦନରେ ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ତଳକୁ ଓଡ଼ିଶା ରହିଛି। ରାଜ୍ୟରେ ମୋଟ ୨ଲକ୍ଷ ୧୩ହଜାର ହେକ୍ଟର ଜମିରେ କାଜୁ ଚାଷ ହେଉଥିବାବେଳେ ଏଥିରୁ ବାର୍ଷିକ ୧,୧୫,୧୮୮ ମେଟ୍ରିକ୍ ଟନ୍ କାଜୁ ମଞ୍ଜି ଉତ୍ପାଦନ ହେଉଛି ଏବଂ ହେକ୍ଟର ପିଛା ଉତ୍ପାଦନ ହାର ୯୭୦ କିଲୋଗ୍ରାମ ରହିଛି। ନିଗମର ବିଭିନ୍ନ ନର୍ସରୀରୁ ୨୦୨୦-୨୧ ବର୍ଷରେ ପ୍ରାୟ ୩୨ ଲକ୍ଷ କାଜୁ କଲମି ଚାରା ଉତ୍ପାଦନ ହୋଇଛି। ସର୍ବାଧିକ ଜମିରେ କାଜୁଚାଷ ଓ ସବୁଠୁ ଅଧିକ କାଜୁ କଲମି ଚାରା ଉତ୍ପାଦନ କରିବାରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବା ସୂଚନା ଦିଆଯାଇଛି।

ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନର ଅର୍ଥ ପରିଚାଳକ ପ୍ରତାପଚନ୍ଦ୍ର ସାହୁ, କ୍ଷେତ୍ର ପରିଚାଳକ ରବି ସେଠୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କସ୍ତୁରୀ ଚରଣ ବାରିକ ଏବଂ ଡ. ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ରାଜ୍ୟରୁ କାଜୁ ବିଶେଷଜ୍ଞ, ଚାଷୀ ଓ କୃଷି ଉଦ୍ୟୋଗୀ ଯୋଗଦେଇଥିଲେ।

# ପଞ୍ଚାୟତ ଅଫିସରେ ଜିପିଟିଏ, ଜିଆର୍ଏସ୍‌ଙ୍କୁ ତାଲା

ପାଟଣା,୪।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଗୁରୁବାର ପୂର୍ବାହ୍ନରେ ବ୍ଲକର ପଞ୍ଚାୟତ ବୈଷୟିକ ସହାୟିକା (ଜିପିଟିଏ) ମୋନାଲିସା ଚକ୍ର ଓ ଗ୍ରାମ ରୋଜଗାର ସେବକ (ଜିଆର୍ଏସ୍) ନିର୍ମଳ ମହାନ୍ତଙ୍କୁ ୨୨ନଂ. ଜୋନ ଜିଲାପରିଷଦ ସଦସ୍ୟା ଡଲି ପାତ୍ର ତାଲା ପକାଇ ଅଟକ ରଖିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତୁରୁମୁଙ୍ଗା ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି ଓ ବ୍ଲକ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ସେଠାରେ ପହଞ୍ଚି ତାଲା ଭାଙ୍ଗି ଉଭୟଙ୍କୁ ଉଦ୍ଧାର କରିଥିଲେ। ବକେୟା ବିଲ୍ ନ ଦେଲେ ତାଲା ଭାଙ୍ଗିବାକୁ ଦେବେନାହିଁ ବୋଲି ଜିଲା ପରିଷଦ ସଦସ୍ୟା ପାତ୍ର ଜିଦ୍ ଧରି ବସିଥିବା ଦେଖିବାକୁ ମିଳିଥିଲା। ଡଲି ପାତ୍ର ଜିଲାପରିଷଦ ପାଣ୍ଠିରୁ ୨ଲକ୍ଷ ୬୦ହଜାର ଟଙ୍କା ବ୍ୟୟ ଅଟକଳରେ ଖୁଣ୍ଟାପଡ଼ା ଗ୍ରାମ ଠାକୁରାଣୀ ଶାଳରେ ଡିପାର୍ଟମେଣ୍ଟାଲ ପାଚେରି ନିର୍ମାଣ ଦାୟିତ୍ୱ ନେଇଥିଲେ। ଏଥିମଧ୍ୟରୁ ସେ ୯୦ ହଜାର ଟଙ୍କାର ବିଲ୍ ଉଠାଇଥିଲେ ହେଁ ବଳକା ୧ ଲକ୍ଷ ୭୦ ଟଙ୍କାର ଫାଇନାଲ୍ ବିଲ କରିବାରେ ଜିପିଟିଏ ଚକ୍ର ଅହେତୁକ ବିଳମ୍ବ କରିବା ସହ ପିସି ମାଗିଥିଲେ ବୋଲି ପାତ୍ର ଅଭିଯୋଗ କରିଥିଲେ। ଏସମ୍ପର୍କରେ ଜିପିଟିଏ ଚକ୍ରଙ୍କୁ ପଚାରିବାରୁ ଜିଲା ପରିଷଦ ସଦସ୍ୟା ଯେତିକି କାର୍ଯ୍ୟ କରିଛନ୍ତି ତାର ବିଲ୍ ସେ ପାଇଛନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟର ବିଲ୍ କରାଯାଇନାହିଁ। ମୁଁ କାହାରି ଠାରୁ ପିସି ନିଏ ନାହିଁ। ଅନ୍ୟପକ୍ଷେ ଜିଆର୍ଏସ୍ ମହାନ୍ତ କୁହନ୍ତି ପିସି ବାବଦରେ ମୁଁ କିଛି ଜାଣିନାହିଁ।

ROURKELA DEVELOPMENT AUTHORITY
UDITNAGAR, ROURKELA-769012
No.459/RDA, dated 03.03.2021
PROCLAMATION
It is hereby informed to the General public that one Smt. Sabita Pati, W/o Late Girija Shankar Pati dependant/ Legal Heirs of Late Girija Shankar Pati has applied for mutation of House Site No. M/43 under Site & Services Scheme, Stage-I, Chhend, Rourkela-15 in her favour consequent upon death of her husband Late Girija Shankar Pati. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA
NOTICE
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurment Portal https://eprocure.gov.in In addition, procurement is also done through GeM portal https://gem.gov.in".

TENDER CALL NOTICE
Sealed tenders are invited from the Registered Companies/ Agencies / Tender & individuals for disposal of condemned Govt. Vehicles of 19 (Nineteen) Nos. only available under administrative control of the undersigned. The details of vehicles with Registration No., Make & Model, Engine No., Chassis No. & the location of vehicle along with term & conditions are published in the district website i.e. www. ganjam.nic.in.
Sd./- Chief Dist. Medl. & Public Health Officer, Ganjam

OFFICE OF THE PANCHAYAT SAMITI, G. UDAYAGIRI
No.418 Date 03.03.2021
TENDER CALL NOTICE
Sealed tenders are invited from intended from the C and B Class of registered State Governments and Contractors of equivalent Grades/Class Registered with Central Government/ MES/ Railways, to be eventually drawn up in PWD P-1 Agreement form, for execution of buildings i.e. civil works. For execution of CDPO OFFICE BUILDING AT G. UDAYAGIRI under Panchayat Samiti G.Udayagiri, Kandhamal District.
The detailed terms and conditions of tender call notice can be obtained from official website of Kandhamal District, http://kandhamal.nic.in from 05.03.2021, 11 A.M. to 18.03.2021, upto 5 P.M. The bids shall be received through Registered Post/Speed Post only with AD, on or before Dt.18.03.2021 upto 5.00 P.M. The authority will not be held responsible for any Postal delay in delivering of the bid documents or non-receipt of the same.
The authority receives the right to reject any or all the tender without assigning any reason thereof.
Sd./- Block Development Officer
G. Udayagiri Block

ROURKELA DEVELOPMENT AUTHORITY
UDITNAGAR, ROURKELA-769012
No.455/RDA, dated 03.03.2021
PROCLAMATION
It is hereby informed to the General public that one Sri Ramesh Chandra Senapati, S/o Late Kartik Chandra Senapati has applied for mutation of House Site No.- S3M1/74, under Leftout Site & Services Scheme, Gopabandhu Nagar, Stage -II, Chhend, Rourkela-15 in his favour consequent upon death of his father Late Kartik Chandra Senapati. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

# କେନ୍ଦୁଝରରେ ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ

କେନ୍ଦୁଝର, ୪।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲାପାଳ ଆଶୀଷ ଠାକରେଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ଦରବାର ହଲଠାରେ ଜିଲା ପର୍ଯ୍ୟଟନ ଉନ୍ନୟନ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାରେ ପର୍ଯ୍ୟଟନ କେନ୍ଦ୍ରର ବିକାଶ, ନୂତନ ପର୍ଯ୍ୟଟନ କେନ୍ଦ୍ରର ଚିହ୍ନଟ ତଥା ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିରେ କେନ୍ଦୁଝରର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ଜଗନ୍ନାଥ ନାଏକ, ବିଧାୟିକା ମୀନାକ୍ଷୀ ମହାନ୍ତ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଗୋନାସିକା, ସାନଘାଗରା ଜଳପ୍ରପାତ ଓ ମା' ତାରିଣୀ ପୀଠକୁ ନେଇ ସ୍ୱର୍ଣ୍ଣ ତ୍ରିଭୁଜ ସର୍କିଟ ପର୍ଯ୍ୟଟନ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଘଟଗାଁ ମା ତାରିଣୀଙ୍କ ପୀଠରେ ପାର୍କିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ନୂତନ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର: ୨ ମହିଳା ଗୁରୁତର

ଝାରସୁଗୁଡ଼ା ଅଫିସ୍,୪।୩

ସ୍ୱାସ୍ଥ୍ୟ ବିଭାଗ ତରଫରୁ ଝାରସୁଗୁଡ଼ା ଜିଲା ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ସପ୍ତାହରେ ମହିଳାଙ୍କ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଥିଲ। କିନ୍ତୁ ଏଥିରେ ତ୍ରୁଟି ଦେଖାଦେବାରୁ ୨ଜଣ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ସେମାନେ ଏବେ ଚିକିତ୍ସାଧୀନ ଅଛନ୍ତି। ମହିଳାଦ୍ୱୟ ହେଲେ କନକତୋରା ପଞ୍ଚାୟତ କୁହାକୁଣ୍ଡା ଗ୍ରାମର ଜିତେନ ଭୋଇଙ୍କ ସ୍ତ୍ରୀ ସରିତା ଓ ପଲସଦା ପଞ୍ଚାୟତ ନାଚେନମୁରା ଗ୍ରାମର ଜୟ କୁମାର ଗୁପ୍ତାଙ୍କ ସ୍ତ୍ରୀ ଅରୁଣା।

ସୂଚନା ଅନୁଯାୟୀ ଗତ ୨୩ତାରିଖରେ ଅରୁଣାଙ୍କ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ହୋଇଥିଲା। ଏହାର ୭ଦିନ ପରେ ସେ ସିଲେଇ ଖୋଲିବା ପାଇଁ ଡାକ୍ତରଖାନା ଆସିଥିଲେ। ଏହି ସମୟରେ ତାଙ୍କ ପେଟରୁ ଅନ୍ତନଳୀ ବାହାରକୁ ବାହାରି ପଡିଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ଏଭଳି ଅବସ୍ଥାରେ ଡାକ୍ତର ପୁଣି ତାଙ୍କ ପେଟକୁ ଦ୍ୱିତୀୟ ସିଲେଇ କରିଥିଲେ। ଏବେ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ସରିତା ଗତ ମଙ୍ଗଳବାର ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଇଥିଲେ। ଏହି ସମୟରେ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏପରି କି ଏହା ବନ୍ଦ ହୋଇ ନ ଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁଧବାର ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ବୋଲି ସ୍ୱାମୀ ଜିତେନ କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ସରିତାଙ୍କ ଖାଦ୍ୟନଳୀ କଟିଯାଇଛି। ଏଭଳି ତ୍ରୁଟି ଅକ୍ଷମଣୀୟ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ସରିତା ଆରୋଗ୍ୟ ହେଲା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାଖର୍ଚ୍ଚ ବହନ କରୁ ବୋଲି ସେ ଦାବି କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲା ମୋହନ ରାଉତରାୟ କହିଛନ୍ତି, ଘଟଣାର ତଦନ୍ତ କରାଯିବ। ତା'ପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]
ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ
ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଆକାଉଣ୍ଟର ନାମ/ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ଇନ୍‌ଫ୍ଲକ୍ସ ସିକ୍ୟୁରିଟୀ ସର୍ଭିସେସ୍ ପ୍ରା. ଲିଃ., ନିର୍ଦ୍ଦେଶକମାନେ: ୧) ଶ୍ରୀ ନୃସିଂହ ପ୍ରସାଦ ମିଶ୍ର, ୨) ଶ୍ରୀ ଅମରେଶ୍ୱର ମିଶ୍ର, ୩) ଶ୍ରୀ ଅଜୟ କୁମାର ମିଶ୍ର, କଳିଙ୍ଗ ନଗର, ଟେଲିଫୋନ ଏକ୍ସଚେଞ୍ଜ ପଛପାର୍ଶ୍ୱ, ଡୁରା, ପୋ.: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ପ୍ରମିଳା ମିଶ୍ର, ସ୍ୱାମୀ: ✓ ଶରତ ଚନ୍ଦ୍ର ମିଶ୍ର, ୨) ଶ୍ରୀମତୀ ସୁଦେଷ୍ଣାରାଣୀ ମିଶ୍ର, ସ୍ୱାମୀ: ଶ୍ରୀ ନୃସିଂହ ପ୍ରସାଦ ମିଶ୍ର, ୩) ଶ୍ରୀ ନୃସିଂହ ପ୍ରସାଦ ମିଶ୍ର, ୪) ଶ୍ରୀ ଅମରେଶ୍ୱର ମିଶ୍ର, ୫) ଶ୍ରୀ ଅଜୟ କୁମାର ମିଶ୍ର, ପିତା: ✓ ଶରତ ଚନ୍ଦ୍ର ମିଶ୍ର, ସମସ୍ତଙ୍କ ଠିକଣା ସା/ପୋ.: ଡୁରା, ଥାନା: ଗୋପାଳପୁର, ଜିଲ୍ଲା: ଗଞ୍ଜାମ, ବ୍ରହ୍ମପୁର-୭୬୦୦୧୦/ ସମ୍ପତ୍ତି ମାଲିକ: ଶ୍ରୀମତୀ ପ୍ରମିଳା ମିଶ୍ର, ଶ୍ରୀ ନୃସିଂହ ପ୍ରସାଦ ମିଶ୍ର ଏବଂ ଶ୍ରୀ ଅଜୟ କୁମାର ମିଶ୍ର | ୧) ଶ୍ରୀମତୀ ପ୍ରମିଳା ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡୁରା, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୯୦/୫୫୮, ପ୍ଲଟ୍ ନଂ.: ୨୦୫/୪୮୪୭, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଏହାର ଚଉହଦି ଉତ୍ତର: ନୃସିଂହ ପ୍ରସାଦ ମିଶ୍ର ଏବଂ ଅଜୟ କୁମାର ମିଶ୍ର, ଦକ୍ଷିଣ: ବି. ତିଲକମ୍ମା, ପୂର୍ବ: ହର କୁମାର ମହାନ୍ତି, ପଶ୍ଚିମ: ମମତା ରାଣୀ ସାହୁ, ୨) ଶ୍ରୀ ନୃସିଂହ ପ୍ରସାଦ ମିଶ୍ର ଏବଂ ଶ୍ରୀ ଅଜୟ କୁମାର ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡୁରା, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୯୦/୫୫୭, ପ୍ଲଟ୍ ନଂ.: ୨୦୫/୪୮୪୬, କ୍ଷେତ୍ର: ଏକର୦.୦୪୬ଡିସିମିଲି, ଏହାର ଚଉହଦି ଉତ୍ତର: ରାସ୍ତା, ଦକ୍ଷିଣ: ପ୍ରମିଳା ମିଶ୍ର, ପୂର୍ବ: ହର କୁମାର ମହାନ୍ତି, ପଶ୍ଚିମ: ମମତା ରାଣୀ ସାହୁ | ୨୯.୦୯.୨୦୨୦ | ୦୩.୦୩.୨୦୨୧ | ୦୨.୦୩.୨୦୨୧ ସୁଦ୍ଧା ଟ.୧,୧୧,୦୧,୫୫୮/- + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |


ତାରିଖ: ୦୪.୦୩.୨୦୨୧
ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଓଡ଼ିଆ ଜାତିର ମହାନାୟକ

**ନେତାଜୀ ଅଭିନନ୍ଦନ**

ପକ୍ଷୀମାନେ ମାଟିରେ ଚାଲନ୍ତି କମ୍, ଆକାଶରେ ଉଡ଼ନ୍ତି ଅଧିକ। ବିଜୁ ପଟ୍ଟନାୟକ ଥିଲେ ଏଭଳି ଏକ ବିରଳ ବ୍ୟକ୍ତିତ୍ୱ, ଯେ କି ଆକାଶରେ ଯେତିକି ଉଡୁଥିଲେ, ମାଟି ଉପରେ ବି ସେତିକି ଚାଲୁଥିଲେ। ମାଟି ଉପରେ ଦୃଢ଼ ଭାବରେ ପାଦ ଥାପି ସେ ଆକାଶ ଆଡ଼କୁ ଦୃଷ୍ଟି ପ୍ରସାରିତ କରିଥିଲେ। ମାଟି ଉପରେ ଠିଆ ହୋଇଥିବା ପ୍ରତ୍ୟେକ ଓଡ଼ିଆ ଆକାଶ ଆଡ଼କୁ ହାତ ବଢ଼େଇ ତା'ର ଈପ୍‌ସିତ ସବୁକିଛି ହାସଲ କରିପାରିବ, ଏଇ ପ୍ରତ୍ୟୟ ଟିକକ ସୃଷ୍ଟି କରିଥିଲେ ବିଜୁ ପଟ୍ଟନାୟକ। ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଏଇ ପ୍ରତ୍ୟୟ ହିଁ ଦୁର୍ଦ୍ଦିନରେ ଓଡ଼ିଆମାନଙ୍କୁ ବାଟ କଢ଼େଇ ନେଇଥିଲା ନୂଆ ସକାଳ ଓ ନୂଆ ସମ୍ଭାବନା ଆଡ଼କୁ ଏବଂ ସେମାନଙ୍କୁ ଦେଇଥିଲା ନୂଆ ପରିଚୟ। ବହୁ ବିଶେଷଣ ଓ ବିଭୂଷଣରେ ମଣ୍ଡିତ ବିଜୁ ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କ ଆକଳନ କଲାବେଳେ ବ୍ୟକ୍ତି ଅପେକ୍ଷା ସେ ପ୍ରତିନିଧିତ୍ୱ କରୁଥିବା ଅଦମନୀୟ ଚେତନା ଓ ଅଫୁରନ୍ତ ପ୍ରାଣସତ୍ତା ହିଁ ଅଧିକ ଉଜ୍ଜ୍ୱଳ ଦିଶେ। ଲୋକପ୍ରିୟ ନେତା ଓ ମୁଖ୍ୟମନ୍ତ୍ରୀ ତ ଅନେକ ଥିଲେ, କିନ୍ତୁ ବିଜୁ ପଟ୍ଟନାୟକ ଥିଲେ ଓଡ଼ିଆ ଜାତିର ମୁକୁଟବିହୀନ ସମ୍ରାଟ୍ ଓ ମଉଡ଼ମଣି।

ତାଙ୍କ ଦୀର୍ଘ ରାଜନୈତିକ ଜୀବନରେ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଭାବରେ ବିଜୁ ପଟ୍ଟନାୟକ କ୍ଷମତା ଭୋଗିଥିଲେ ଖୁବ୍ କମ୍ ଦିନ। କିନ୍ତୁ ସେହି ସଂକ୍ଷିପ୍ତ ସମୟକାଳ ମଧ୍ୟରେ ସେ ଶାସନ, ପ୍ରଶାସନ ଓ ଜନଜୀବନର ପ୍ରତିଟି କ୍ଷେତ୍ରରେ ଏଭଳି ଅପାର ସଫଳତା ହାସଲ କରିଥିଲେ, ଯାହାକି ତାଙ୍କ ପୂର୍ବ ଓ ପରବର୍ତ୍ତୀ ଶାସକଙ୍କ ପାଇଁ ଅଭାବନୀୟ ଥିଲା। ସେହି ସ୍ୱଳ୍ପ ଶାସନକାଳରେ ତାଙ୍କ ଅଭୂତପୂର୍ବ ଅବଦାନ ପାଇଁ ଆଜି ବି ଓଡ଼ିଶା ସଗର୍ବେ ମୁଣ୍ଡ ଟେକି ଠିଆ ହୋଇଛି। ପାରାଦୀପ ବନ୍ଦର, ଏକ୍ସପ୍ରେସ ହାଇୱେ, ନାଲ୍‌କୋର ଆଲୁମିନିୟମ ପ୍ଲାଣ୍ଟ, ସୁନାବେଡ଼ାର ହାଲ୍ କାରଖାନା, କୃଷି ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଂ କଲେଜ– ଯାବତୀୟ ପ୍ରତିକୂଳତା ସତ୍ତ୍ୱେ ଏସବୁ ସମ୍ଭବ ହୋଇଥିଲା କେବଳ ବିଜୁ ପଟ୍ଟନାୟକଙ୍କ ଅଦମ୍ୟ ଇଚ୍ଛାଶକ୍ତି ବଳରେ। ପାଣ୍ଠି ନ ଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହ ଲଢ଼େଇ କରି ବିଜୁ ପଟ୍ଟନାୟକ ଯେଉଁଭଳି ଢଙ୍ଗରେ ପାରାଦୀପରେ ବନ୍ଦର ପ୍ରତିଷ୍ଠା କରେଇଲେ, ସେ କାହାଣୀ କିମ୍ବଦନ୍ତୀରେ ପରିଣତ ହୋଇସାରିଛି। କେବଳ ସେତିକି ନୁହେଁ, ଭୁବନେଶ୍ୱରରେ ବିମାନବନ୍ଦର, ବିମାନଚାଳନା କେନ୍ଦ୍ର, ଆଞ୍ଚଳିକ ବିଜ୍ଞାନ ଗବେଷଣା କେନ୍ଦ୍ର ଏବଂ ୟୁନେସ୍କୋ କଳିଙ୍ଗ ପୁରସ୍କାର ପ୍ରତିଷ୍ଠା ଦିଗରେ ତାଙ୍କର ଅବଦାନକୁ କେହି ଭୁଲିପାରିବେ ନାହିଁ। ୧୯୯୦ରେ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବା ପରେ ବିଜୁ ପଟ୍ଟନାୟକ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ, ଯାହାର ସୁଫଳ ଆମେ ଆଜି ପାଉଛେ। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ରାଜନୈତିକ ଲାଭ–କ୍ଷତି ଗଣନାରୁ ଊର୍ଦ୍ଧ୍ୱକୁ ଉଠି ଜଣେ ରାଷ୍ଟ୍ରନୀତିଜ୍ଞ ଭାବରେ ସେ ଓଡ଼ିଶାର ସାମାଜିକ ବିକାଶ, ମହିଳା ସଶକ୍ତୀକରଣ, କ୍ଷମତା ବିକେନ୍ଦ୍ରୀକରଣ ଏବଂ ସର୍ବୋପରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଯଥେଷ୍ଟ ଉଦ୍ୟମ କରିଥିଲେ। ଏହି ସମୟରେ ଜିଲା ସଂଖ୍ୟା ୧୩ରୁ ବଢ଼ି ୩୦ରେ ପହଞ୍ଚିଥିଲା, ଯାହାଫଳରେ ଓଡ଼ିଶାର ଉପାନ୍ତ ଅଞ୍ଚଳର ଲୋକମାନଙ୍କ ପାଖରେ ପ୍ରଶାସନିକ ସାହାଯ୍ୟ ଓ ସୁବିଧା ପହଞ୍ଚିବା ସମ୍ଭବ ହୋଇ ପାରିଥିଲା।



ବିଜୁ ପଟ୍ଟନାୟକ
୧୯୧୬ ମାର୍ଚ୍ଚ ୫ରୁ ୧୯୯୭ ଏପ୍ରିଲ ୧୭

ବିଜ୍ଞାନ, ଦକ୍ଷତା ବିକାଶ ଓ ଧନ୍ଦାମୂଳକ ଶିକ୍ଷା ଉପରେ ପ୍ରାଧାନ୍ୟ ଦେଇ ବହୁସଂଖ୍ୟାରେ ବାଳିକା ସ୍କୁଲ ଓ ମହିଳା ମହାବିଦ୍ୟାଳୟ ଖୋଲା ଯାଇଥିଲା। ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଗଲା ଏବଂ ସବୁଠୁ ବଡ଼ ପଦକ୍ଷେପ ସ୍ୱରୂପ ଓଡ଼ିଶା ଜିଲା ପରିଷଦ ଅଧିନିୟମ ବଳରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଶତକଡ଼ା ୩୩ ଭାଗ ସ୍ଥାନ ସଂରକ୍ଷିତ ରଖାଗଲା। ଏଭଳି ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଥିଲା। ଆଜି ରାଜ୍ୟର ଅର୍ଦ୍ଧାଧିକ ପଞ୍ଚାୟତର ନେତୃତ୍ୱ ନେଇ ମହିଳାମାନେ ଆର୍ଥିକ ଓ ସାମାଜିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ବିଜୁବାବୁଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ପ୍ରମିଳା ବିଶୋୟୀଙ୍କ ଭଳି ତୃଣମୂଳ ସ୍ତରରୁ ଆସିଥିବା ମହିଳା ସଂସଦରେ ଓଡ଼ିଶାର ବଳିଷ୍ଠ ସ୍ୱର ପାଲଟିଛନ୍ତି। ଓଡ଼ିଶାରେ ପଞ୍ଚାୟତି ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପୁନର୍ଗଠନ କରିବାରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

ବିଜୁ ପଟ୍ଟନାୟକ ଶିଳ୍ପପତି ଥିଲେ। ପରେ ସେ ରାଜନୀତିକୁ ଆସିଲେ। ଲୋକମାନେ ରାଜନୀତିରେ ପାଦ ଥାପନ୍ତି ନାମ, ଅର୍ଥ, ଯଶ ଅର୍ଜନ କରିବା ପାଇଁ। ଅଥଚ ବିଜୁବାବୁ ନିଜ ବ୍ୟବସାୟ ଓ ଶିଳ୍ପରୁ ପାଉଥିବା ଅର୍ଥ ନିଃସଙ୍କୋଚରେ ରାଜନୀତି ଓ ଲୋକମାନଙ୍କ ପାଇଁ ବ୍ୟୟ କରୁଥିଲେ। ଏକଦା ଓଡ଼ିଶାରେ କଂଗ୍ରେସ ଦଳର ଦୈନନ୍ଦିନ ଖର୍ଚ୍ଚଠୁ ଆରମ୍ଭ କରି ନିର୍ବାଚନଜନିତ ସମସ୍ତ ଖର୍ଚ୍ଚ ତୁଲାଉଥିଲେ ବିଜୁବାବୁ। ପାଠ ପଢ଼ିବା ପାଇଁ ବିଦେଶ ଯିବାକୁ ଚାହୁଁଥିବା, ଚାକିରି ଖୋଜୁଥିବା ବହୁ ଅଭାବୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସେ ଅଯାଚିତ ଭାବରେ ସାହାଯ୍ୟ କରୁଥିଲେ। ରାଜନୀତି ତାଙ୍କୁ ଅର୍ଥ କି ପ୍ରତିପତ୍ତି ଦେଇ ନ ଥିଲା, ବରଂ ସର୍ବସ୍ୱାନ୍ତ ଓ ନିଃସ୍ୱ କରିଥିଲା। ରାଜନୀତିକୁ ଆସି ସବୁକିଛି ହରେଇଥିବା ଜଣେ ବିରଳ ରାଜନେତା ଥିଲେ ବିଜୁ ପଟ୍ଟନାୟକ।

ବିଜୟାନନ୍ଦ ନାମ ଧାରଣ କରିଥିବା ଏହି ଦୁର୍ବାର ରାଜନୀତିଜ୍ଞ ବିଜୟ ଅପେକ୍ଷା ପରାଜୟ ଭୋଗିଥିଲେ ଅଧିକ। ଜିତନ୍ତୁ କି ହାରନ୍ତୁ, ବିଜୁ ପଟ୍ଟନାୟକ ସବୁବେଳେ ଲୋକମାନଙ୍କ ସହ ଥିଲେ। ପ୍ରଶାସନିକ କଳର ସାହାଯ୍ୟ ନ ନେଇ ସେ ସିଧାସିଧା ଲୋକମାନଙ୍କ ପାଖରେ ପହଞ୍ଚୁଥିଲେ। ସେମାନଙ୍କ ସୁଖଦୁଃଖରେ ଭାଗୀଦାର ହେଉଥିଲେ। ସେମାନଙ୍କର ସମସ୍ୟାକୁ ନିଜର କରି ସମାଧାନର ବାଟ ଖୋଜୁଥିଲେ। ତାଙ୍କ ଘର ଓ ହୃଦୟର ଦୁଆର ସବୁବେଳେ ସମସ୍ତଙ୍କ ପାଇଁ– ସମର୍ଥକ ହୁଅନ୍ତୁ କି ବିରୋଧୀ, ଖୋଲା ରହୁଥିଲା। କେହି କେବେ ତାଙ୍କ ପାଖରୁ ଖାଲିହାତରେ ଫେରୁ ନ ଥିଲେ। ଲୋକଙ୍କ ସହ ନିରନ୍ତର ଯୋଗସୂତ୍ରରେ ବାନ୍ଧି ହୋଇ ରହିଥିଲେ ବିଜୁବାବୁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ। ସେଇଥିପାଇଁ ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟରେ ଚକଡ଼ାଏ ଜାଗା ମାଡ଼ି ବସିଛନ୍ତି ବିଜୁବାବୁ ଆଜି ବି। ସେ କେବଳ ଜଣେ ରାଜନେତା ମାତ୍ର ନ ଥିଲେ, ସେ ଅସଲରେ ଥିଲେ ଓଡ଼ିଆ ଜନଜୀବନର ଅନନ୍ୟ ମହାନାୟକ। ୧୯୯୨ରେ ବିଜୁ ପଟ୍ଟନାୟକ ଦେଇଥିବା ବକ୍ତବ୍ୟ ପ୍ରଣିଧାନଯୋଗ୍ୟ– ''ଏକବିଂଶ ଶତାବ୍ଦୀରେ ମୋ ସ୍ୱପ୍ନର ଓଡ଼ିଶାରେ ତରୁଣ ତରୁଣୀମାନେ ନିଜ ସ୍ୱାର୍ଥକୁ ପଛରେ ପକେଇ ରାଜ୍ୟର ସ୍ୱାର୍ଥକୁ ଅଗ୍ରାଧିକାର ଦେବେ। ନିଜ ସାମର୍ଥ୍ୟ ଓ ବୁଦ୍ଧିମତ୍ତା ବଳରେ ସେମାନେ କଳିଙ୍ଗର ଗୌରବମୟ ଇତିହାସକୁ ପୁନର୍ଜୀବିତ କରିବାରେ ସକ୍ଷମ ହେବେ।'' ବିଜୁବାବୁ ଦେଖିଥିବା ଏଇ ସ୍ୱପ୍ନ ଆଜି ବି ଆମକୁ ପ୍ରଚୋଦିତ କରୁଛି, ନୂଆ ଭବିଷ୍ୟତ ପାଇଁ ବାଟ ଦେଖାଉଛି।

**–ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ**




ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ପଞ୍ଚାୟତିରାଜ ଓ ବିଜୁବାବୁ


ଲୋକମାନଙ୍କୁ ନିଜକୁ ଶାସନ କରିବାକୁ ସୁଯୋଗ ଦିଅ, ନିଜ ଅଞ୍ଚଳର ବିକାଶ ପାଇଁ ସେମାନଙ୍କୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବାକୁ ଦିଆଯାଉ ଏବଂ ସେମାନଙ୍କ ଯୋଜନାକୁ ସେମାନେ କାର୍ଯ୍ୟକାରୀ କରନ୍ତୁ–ଏହା ହିଁ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳ ଲକ୍ଷ୍ୟ। ପଞ୍ଚାୟତକୁ ଆର୍ଥିକ କ୍ଷମତା ପରିଚାଳନା କରିବା ପାଇଁ ସୁଯୋଗ ନ ମିଳିବା ଯାଏ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ବିଜୁ କହୁଥିଲେ। ବିଜୁବାବୁଙ୍କ ସରକାର ସେତେବେଳେ ପଞ୍ଚାୟତସ୍ତରରେ ଆର୍ଥିକ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ସ୍ୱତନ୍ତ୍ର ଅର୍ଥ କମିଶନ ନିଯୁକ୍ତି ଲାଗି ଉଦ୍ୟମ ଜାରି ରଖିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ବିଜୁବାବୁ ଗୁରୁତ୍ୱ ଦେଉଥିଲେ। ଏପରି କି ମହିଳାମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩% ସଂରକ୍ଷଣ ଦିଆଯିବ ବୋଲି ଘୋଷଣା କରିବାରେ ସ୍ୱାଧୀନ ଭାରତର ଇତିହାସରେ ବିଜୁବାବୁ ଥିଲେ ପ୍ରଥମ ମୁଖ୍ୟମନ୍ତ୍ରୀ। ସେ ନିଜ କଥା ରଖି ବିଧାନସଭାରେ ଗୃହୀତ ଓଡ଼ିଶା ଜିଲା ପରିଷଦ ଆଇନ–୧୯୯୧ ଏବଂ ଗ୍ରାମ ପଞ୍ଚାୟତ ସମିତି ଆଇନ–୧୯୯୨ରେ ଏସ୍‌ସି, ଏସ୍‌ଟି ବର୍ଗ ସମେତ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ଏଥିଯୋଗୁ ପ୍ରଥମଥର ପାଇଁ ୪୭ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲାପରିଷଦରେ ୨୮ହଜାର ମହିଳା ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଲେ। ଏହା ସହିତ ଜିଲାପରିଷଦଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶରେ ସମ୍ପୂର୍ଣ୍ଣଭାବେ ମହିଳାମାନେ ଅଧ୍ୟକ୍ଷପଦ ମଣ୍ଡନ କରିବାର ବ୍ୟବସ୍ଥା କରାଗଲା। ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ କ୍ଷେତ୍ରରେ ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ ପଦ ମଧ୍ୟରୁ କୌଣସି ଗୋଟିଏରେ ମହିଳାଙ୍କୁ ଅବସ୍ଥାପିତ କରିବା ବାଧ୍ୟତାମୂଳକ କରାଗଲା। ବିଜୁବାବୁଙ୍କ ଏହି ନୀତିକୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଅନୁସରଣ କଲେ। ଫଳରେ ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନରେ ଉଭୟ ପୌର ଓ ପଞ୍ଚାୟତ ସଂସ୍ଥା ପାଇଁ ଅନୁରୂପ ବ୍ୟବସ୍ଥା କରାଗଲା। ବିଜୁବାବୁଙ୍କ ନେତୃତ୍ୱରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ –୧୯୬୪ ଓ ଓଡ଼ିଶା ଗ୍ରାମ ପଞ୍ଚାୟତ ସମିତି ଆଇନ –୧୯୫୬କୁ ୧୯୯୧–୧୯୯୩ ମଧ୍ୟରେ ୩ ଥର ସଂଶୋଧନ କରାଯାଇଥିଲା।

ବାସ୍ତବରେ ଦେଖିଲେ ଭାରତବର୍ଷରେ ନାରୀ ସଶକ୍ତୀକରଣ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭାଗୀଦାରି ବା ପ୍ରତିନିଧିତ୍ୱ ପାଇଁ ବିଜୁବାବୁ ବାଟ ଫିଟାଇଥିଲେ। ସେ ମହିଳାମାନଙ୍କୁ ପଞ୍ଚାୟତ ସ୍ତରରେ ୩୩% ସ୍ଥାନ ସଂରକ୍ଷଣ ଦେଇ ଇତିହାସ ସୃଷ୍ଟି କରିଥିବା ବେଳେ ତାଙ୍କ ସୁପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିତାଙ୍କର ଏହି ଅଭିଳାଷକୁ ଆଉ କେଇପାଦ ଆଗକୁ ନେବାରେ ଉଦ୍ୟମ ଜାରି ରଖିଛନ୍ତି। ମହିଳାଙ୍କ ଲାଗି ପୌର ନିର୍ବାଚନରେ ୫୦% ଏବଂ ବିଧାନସଭା ଓ ଲୋକ ସଭାରେ ୩୩ % ସ୍ଥାନ ସଂରକ୍ଷଣ ଲାଗି ସହମତି ପ୍ରକାଶ ନିମନ୍ତେ ଦେଶର ସମସ୍ତ ରାଜନୈତିକ ଦଳଗୁଡ଼ିକୁ ପ୍ରସ୍ତାବ ଦେଇଛନ୍ତି। ସମ୍ପ୍ରତି ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଥିବା ନବୀନବାବୁଙ୍କ ଏହି ଯୋଜନା ଅନୁସାରେ ଆଇନ ପ୍ରଣୟନ କରାଗଲେ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ମହିଳାମାନେ ଲୋକଙ୍କ ସ୍ୱର ଉଠାଇପାରିବେ।

























# ଇଂଲଣ୍ଡ ଇନିଂସ ୨୦୫ରେ ସୀମିତ

**ଅହମ୍ମଦାବାଦ, ୪।୩**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୪ର୍ଥ ତଥା ଅନ୍ତିମ ମ୍ୟାଚ ଗୁରୁବାର ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୧୧ଟି ଉଇକେଟର ପତନ ଘଟିଥିବାବେଳେ ଇଂଲଣ୍ଡ ପ୍ରଥମ ଇନିଂସ ୨୦୫ରେ ସୀମିତ ରହିଛି। ଟର୍ଣ୍ଣିଂ ଟ୍ରାକ୍‌ରେ ଭାରତର ଦୁଇ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲ ପୁଣି ଭ୍ରମଣକାରୀ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଭାରତ ଗୋଟିଏ ଉଇକେଟ ହରାଇ ୨୪ ରନ ସଂଗ୍ରହ କରିଛି। ୯ ଉଇକେଟ ସୁରକ୍ଷିତ ରହିଥିବାବେଳେ ଘରୋଇ ଦଳ ଇଂଲଣ୍ଡ ପ୍ରଥମ ଇନିଂସଠାରୁ ୧୮୧ ରନ ପଛରେ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବାକୁ ହେଲେ ଭାରତକୁ ଏହି ଟେଷ୍ଟ ଜିତିବାକୁ ହେବ ନଚେତ ମ୍ୟାଚ ଡ୍ର ରଖିବାକୁ ପଡ଼ିବ। ଏଥିପାଇଁ ଭାରତକୁ ଏକ ବଡ଼ ସ୍କୋର ଛିଡ଼ା କରିବାକୁ ହେବ। ତେଣୁ ଶୁକ୍ରବାର ଦ୍ୱିତୀୟ ଦିବସର ପ୍ରଥମ ସେସନ ଖେଳର ଗୁରୁତ୍ୱ ବଢ଼ିଛି।

## ୫ ଇନିଂସ ପରେ ୨୦୦

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍। ଦୁଇ ଓପନର ଜ୍ୟାକ କ୍ରଲି ଓ ଡୋମିନିକ୍ ସିବ୍ଲେ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ ହେଁ ଫର୍ମରେ ଥିବା ଅକ୍ଷର ପଟେଲଙ୍କ ସ୍ପିନ୍ ଜାଲରୁ ମୁକୁଳିପାରି ନ ଥିଲେ। ୬ଷ୍ଠ ଓଭରର ଦ୍ୱିତୀୟ ବଲ୍‌ରେ ସିବ୍ଲେ (୨) ଓ ୮ମ ଓଭରର ୫ମ ବଲ୍‌ରେ କ୍ରଲି(୯)ଙ୍କୁ ଆଉଟ କରି ଅକ୍ଷର ଇଂଲଣ୍ଡ ଉପରେ ଚାପ ସୃଷ୍ଟି କରିଥିଲେ। ୧୫ ରନ ମଧ୍ୟରେ ୨ଟି ଉଇକେଟର ପତନ ଘଟିଥିଲା।




ଉଇକେଟ ନେବାପରେ ରବିଚନ୍ଦ୍ରନ୍ ଅଶ୍ୱିନ। ଅକ୍ଷର ପଟେଲଙ୍କୁ ଅଧିନାୟକ ବିରାଟ କୋହଲିଙ୍କ ବଧେଇ।

ଅଧିନାୟକ ଜୋ ରୁଟ୍‌ଙ୍କ ନିକଟରୁ ଦଳ ଅନେକ କିଛି ଆଶା କରୁଥିଲେ ହେଁ ସେ ମାତ୍ର ୫ ରନ କରି ମହମ୍ମଦ ସିରାଜଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଯାଇଥିଲେ। ସିରାଜଙ୍କ ଏକ ଇନ୍‌ସୁଇଂ ବଲ୍‌କୁ ଖେଳିବାରେ ତ୍ରୁଟି କରିଥିଲେ ରୁଟ୍। ଫଳରେ ସେ ରିଭ୍ୟୁ ମଧ୍ୟ ନେଇ ନ ଥିଲେ। ଜନି ବେୟାରଷ୍ଟୋ ଓ ବେନ୍ ଷ୍ଟୋକ୍ସ କିଛି ସମୟ ଭାରତୀୟ ବୋଲରଙ୍କୁ ମୁକାବିଲା କରି ଇନିଂସକୁ ଆଗେଇ ନେଇଥିଲେ। ତେବେ ୪ର୍ଥ ଉଇକେଟରେ ୯୭ ବଲ୍‌ରୁ ୪୮ ରନ ଯୋଗ ହେବା ପରେ ବେୟାରଷ୍ଟୋଙ୍କୁ ଦ୍ୱିତୀୟ ଶିକାର ବନେଇଥିଲେ ସିରାଜ। ଷ୍ଟୋକ୍ସ ଅର୍ଦ୍ଧଶତକ ହାସଲ କରିବା ସହ ୫ମ ଉଇକେଟରେ ଓଲି ପୋପ୍‌ଙ୍କ ସହ ୧୧୧ ବଲ୍‌ରୁ ୪୩ ରନ ଯୋଗକରି ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ମାତ୍ର ଭଲ ଖେଳୁଥିବା ଷ୍ଟୋକ୍ସ ୧୨୧ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୫୫ ରନ କରିଥିବାବେଳେ ୱାଶିଂଟନ ସୁନ୍ଦରଙ୍କ ବଲ୍ ସ୍ପିନ୍ ନ ହୋଇଥିଲେ ହେଁ ଲାଇନ୍ ମିସ୍ କରି ଏଲ୍‌ବିଡବ୍ଲ୍ୟୁ ହୋଇ ଯାଇଥିଲେ। ବଲ୍ ଷ୍ଟମ୍ପ ସିଧାରେ ଥିବାବେଳେ ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ପୋପ୍ ସୂଚନା ଦେବାରୁ ଷ୍ଟୋକ୍ସ ବିନା ଦ୍ୱିଧାରେ କ୍ରିଜ୍ ଛାଡ଼ିଥିଲେ। ପୋପ୍‌ଙ୍କ ସହ କ୍ରିଜ୍‌ରେ ଯୋଗଦେଇଥିବା ଡାନିଏଲ ଲରେନ୍ସ ଘରୋଇ ବୋଲରଙ୍କୁ ସଫଳ ମୁକାବିଲା କରି ଇନିଂସକୁ ଆଗକୁ ବଢ଼ାଇଥିଲେ। ୬ଷ୍ଠ ଉଇକେଟରେ ୯୦ ବଲ୍‌ରୁ ୪୫ ରନ ଯୋଗ ହେବା ପରେ ଅଶ୍ୱିନଙ୍କ ଏକ ବଲ୍‌କୁ ବ୍ୟାଟ୍/ପ୍ୟାଡ୍‌ରେ ଖେଳି ପୋପ୍ ଶର୍ଟ ଲେଗ୍‌ରେ ଶୁବମନ ଗିଲ୍‌ଙ୍କୁ କ୍ୟାଚ ଦେଇଥିଲେ। ସେ ୮୮ ବଲ୍‌ରୁ ୨୯ ରନ କରିଥିଲେ। ଶେଷଭାଗରେ ଲରେନ୍ସ ଲଢ଼େଇ ଜାରି ରଖିଥିଲେ ହେଁ ଅନ୍ୟପଟରେ କୌଣସି ବ୍ୟାଟ୍ସମ୍ୟାନଙ୍କ ନିକଟରୁ ସହଯୋଗ ପାଇ ନ ଥିଲେ। ସେ ୭୪ ବଲ୍‌ରୁ ୮ ଚୌକା ସହାୟତାରେ ୪୬ ରନ କରିଥିବାବେଳେ ଅକ୍ଷର ପଟେଲଙ୍କୁ ବଡ଼ ଶଟ୍ ମାରି ଅର୍ଦ୍ଧଶତକ ପୂରଣ କରିବାକୁ ଇଚ୍ଛା କରିଥିଲେ। ମାତ୍ର ସେ କ୍ରିଜ୍ ବାହାରେ ଥିବା ସୁଯୋଗ ନେଇ ଉଇକେଟକିପର ରିଷଭ ପନ୍ତ ଷ୍ଟମ୍ପିଂ କରି ଦେଇଥିଲେ। ବେନ୍ ଫୋକ୍ସ ୧, ଡମ୍ ବେସ୍ ୩ ଓ ଜ୍ୟାକ୍ ଲିଚ୍ ୭ ରନକରି ଆଉଟ ହେବାରୁ ଇଂଲଣ୍ଡ ୭୫.୫ ଓଭରରେ ୨୦୫ ରନ କରି ଅଲଆଉଟ ହୋଇ ଯାଇଥିଲା। କ୍ରମାଗତ ୫ ଇନିଂସ ପରେ ଇଂଲଣ୍ଡ ଏହି ସିରିଜରେ ୨୦୦ ରନ ପୂରଣ କରିବାକୁ ସକ୍ଷମ ହୋଇଥିଲା। ଶେଷଥର ପାଇଁ ଏହି ଦଳ ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ଇନିଂସରେ ୫୭୮ ରନ କରିଥିଲା। ଏହାପରେ ୫ ଇନିଂସରେ ଦଳ ଯଥାକ୍ରମେ ୧୭୮, ୧୩୪, ୧୬୪, ୧୧୨ ଓ ୮୧ ରନ କରିବାକୁ ସକ୍ଷମ ହୋଇଥିଲା। ଏଠାରେ ଭାରତୀୟ ବୋଲରଙ୍କ ମଧ୍ୟରେ ଅକ୍ଷର ୪ଟି, ଅଶ୍ୱିନ ୩ଟି, ସିରାଜ ୨ଟି ଓ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ।

- ଅକ୍ଷର(୪/୬୮), ଅଶ୍ୱିନ (୩/୪୭)ଙ୍କ ପ୍ରଭାବୀ ପ୍ରଦର୍ଶନ
- ପ୍ରଥମ ଦିବସରେ ୧୧ ଉଇକେଟ ପଡ଼ିଲା
- ଭାରତ: ୨୪/୧

## ଆରମ୍ଭରୁ ଝଟକା

ଇଂଲଣ୍ଡ ଇନିଂସ ପରି ଭାରତ ମଧ୍ୟ ପ୍ରଥମ ଇନିଂସ ଆରମ୍ଭରୁ ଝଟକା ଖାଇଥିଲା। ଜେମ୍ସ ଆଣ୍ଡରସନ ଇନିଂସର ପ୍ରଥମ ଓଭରର ୩ୟ ବଲ୍‌ରେ ଶୁବମନ ଗିଲ୍‌ଙ୍କୁ ଏଲ୍‌ବିଡବ୍ଲ୍ୟୁ କରିବାରୁ ଭାରତ ଖାତା ଖୋଲିବା ପୂର୍ବରୁ ଗୋଟିଏ ଉଇକେଟ ହରାଇଥିଲା। ତେବେ ରୋହିତ ଶର୍ମା (୮ ରନ, ୩୪ ବଲ, ୧ ଚୌକା) ଓ ଚେତେଶ୍ୱର ପୂଜାରା (୧୫ ରନ, ୩୬ ବଲ, ୧ ଚୌକା) ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଫଳରେ ପ୍ରଥମ ଦିବସ ଖେଳ ଭାରତ ନିୟନ୍ତ୍ରଣରେ ରହି ପାରିଥିଲା। ଆଣ୍ଡରସନ ୫ ଓଭର ବୋଲିଂ କରିଥିବାବେଳେ କୌଣସି ରନ ନ ଦେଇ ଗୋଟିଏ ଉଇକେଟ ହାସଲ କରିଛନ୍ତି।

## ଚତୁର୍ଥ ଟେଷ୍ଟ ସ୍କୋର ବୋର୍ଡ

**ଇଂଲଣ୍ଡ ପ୍ରଥମ ଇନିଂସ**
କ୍ରଲି-କ-ସିରାଜ-ବୋ-ଅକ୍ଷର-୯
ସିବ୍ଲେ-ବୋ-ଅକ୍ଷର-୨
ବେୟାରଷ୍ଟୋ-ଏଲବିଡବ୍ଲ୍ୟୁ-ସିରାଜ-୨୮
ରୁଟ୍-ଏଲବିଡବ୍ଲ୍ୟୁ-ସିରାଜ-୫
ଷ୍ଟୋକ୍ସ-ଏଲବିଡବ୍ଲ୍ୟୁ-ସୁନ୍ଦର-୫୫
ପୋପ୍-କ-ଗିଲ୍-ବୋ-ଅଶ୍ୱିନ-୨୯
ଲରେନ୍ସ-ଷ୍ଟମ୍ପ-ପନ୍ତ-ବୋ-ଅକ୍ଷର-୪୬
ଫୋକ୍ସ-କ-ରାହାନେ-ବୋ-ଅଶ୍ୱିନ-୧
ବେସ୍-ଏଲବିଡବ୍ଲ୍ୟୁ-ଅକ୍ଷର-୩
ଲିଚ୍-ଏଲବିଡବ୍ଲ୍ୟୁ-ଅଶ୍ୱିନ-୭
ଆଣ୍ଡରସନ-ନଟଆଉଟ-୧୦
ଅତିରିକ୍ତ-୧୦
ମୋଟ (୭୫.୫ ଓଭର, ଅଲ୍‌ଆଉଟ) ୨୦୫
ଉଇକେଟ ପତନ: ୧/୧୦, ୨/୧୫, ୩/୩୦, ୪/୭୮, ୫/୧୨୧, ୬/୧୬୬, ୭/୧୭୦, ୮/୧୮୮, ୯/୧୮୯।

ବୋଲିଂ(ଭାରତ)
ଈଶାନ୍ତ ଶର୍ମା ୯-୨-୨୩-୦
ମହମ୍ମଦ ସିରାଜ ୧୪-୨-୪୫-୨
ଅକ୍ଷର ପଟେଲ ୨୬-୭-୬୮-୪
ରବିଚନ୍ଦ୍ରନ ଅଶ୍ୱିନ ୧୯.୫-୪-୪୭-୩
ୱାଶିଂଟନ ସୁନ୍ଦର ୭-୧-୧୪-୧।

**ଭାରତ ପ୍ରଥମ ଇନିଂସ**
ଶୁବମନ-ଏଲବିଡବ୍ଲ୍ୟୁ-ଆଣ୍ଡରସନ-୦
ରୋହିତ-ନଟଆଉଟ-୮
ପୂଜାରା-ନଟ୍‌ଆଉଟ-୧୫
ଅତିରିକ୍ତ-୧
ମୋଟ(୧୨ ଓଭର, ୧ ଉଇକେଟ) ୨୪
ଉଇକେଟ ପତନ: ୧/୦।

ବୋଲିଂ(ଇଂଲଣ୍ଡ)
ଜେମ୍ସ ଆଣ୍ଡରସନ ୫-୫-୦-୧
ବେନ୍ ଷ୍ଟୋକ୍ସ ୨-୧-୪-୦
ଜ୍ୟାକ୍ ଲିଚ୍ ୪-୦-୧୬-୦
ଡୋମିନିକ୍ ବେସ୍ ୧-୦-୪-୦।

# ସିଏସ୍‌କେ ଟ୍ରେନିଂ କ୍ୟାମ୍ପ ୯ରୁ

**ଚେନ୍ନାଇ, ୪।୩(ପି.ଟି.)**

ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ ସିଜନ ପାଇଁ ଚେନ୍ନାଇନ ସୁପର କିଙ୍ଗ୍ସ (ସିଏସ୍‌କେ)ର ଟ୍ରେନିଂ କ୍ୟାମ୍ପ ମାର୍ଚ୍ଚ ୯ରୁ ଆରମ୍ଭ ହେବାର ସମ୍ଭାବନା ରହିଛି। ଏଥିରେ ଯୋଗଦେବା ଲାଗି ଦଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବୁଧବାର ଚେନ୍ନାଇରେ ପହଞ୍ଚିସାରିଛନ୍ତି। ସେ ୫ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ଅମ୍ବାଟି ରାୟୁଡୁ ମଧ୍ୟ ଆସିସାରିଥିବା ସିଏସ୍‌କେ ସିଇଓ କେ.ଏସ୍. ବିଶ୍ୱନାଥନ ପ୍ରକାଶ କରିଛନ୍ତି। ଟ୍ରେନିଂ ପୂର୍ବରୁ ସମସ୍ତ ଖେଳାଳି ୫ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଆଇପିଏଲ୍-୧୪ ସଂସ୍କରଣର କାର୍ଯ୍ୟସୂଚୀ ଓ ଭେନ୍ୟୁ ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଏହି ବ୍ୟୟବହୁଳ ଟି୨୦ ଲିଗ୍ ପାଇଁ ଚଳିତ ବର୍ଷ ହୋଇଥିବା ମିନି ଖେଳାଳି ନିଲାମରେ ସିଏସ୍‌କେ ଇଂଲଣ୍ଡ ଅଲରାଉଣ୍ଡର ମୋଇନ ଅଲୀଙ୍କୁ ୭କୋଟି ଟଙ୍କାରେ କ୍ରୟ କରିଛି। ଏହାଛଡ଼ା କର୍ଣ୍ଣାଟକ ଅଲରାଉଣ୍ଡର କେ. ଗୋଥାମ (୯.୨୫ କୋଟି ଟଙ୍କା) ଏବଂ ଚେତେଶ୍ୱର ପୂଜାରା (୫୦ ଲକ୍ଷ ଟଙ୍କା)ଙ୍କୁ ମଧ୍ୟ କ୍ରୟ କରିଛି। ଦଳ ଅନ୍ୟ କେତେଜଣ ଖେଳାଳିଙ୍କୁ ମଧ୍ୟ ନେଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ତାମିଲନାଡୁ ବ୍ୟାଟ୍ସମ୍ୟାନ ସି. ହରି ନିଶାନ୍ଥ, ହରିଶଙ୍କାର ରେଡ୍ଡୀ ଓ ଭଗନ ବର୍ମା। ଏହି ସମସ୍ତ ଖେଳାଳିଙ୍କୁ ଜଣ ପିଛା ୨୦ ଲକ୍ଷ ଟଙ୍କା ଲେଖାଏ କ୍ରୟ କରିଛି। ଗତ ଆଇପିଏଲରେ ସିଏସ୍‌କେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଦଳ ପ୍ରଥମ ଥର ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲା।

# ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସରେ ଓଡ଼ିଶାକୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳର ଖେଳାଳିମାନେ କୋଚ୍‌ଙ୍କ ସହ।

**ଭୁବନେଶ୍ୱର, ୪।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଜମ୍ମୁ କଶ୍ମୀର ଅନ୍ତର୍ଗତ ଗୁଲ୍‌ମାର୍ଗଠାରେ ଦ୍ୱିତୀୟ ଖେଲୋ ଇଣ୍ଡିଆ ୱିଣ୍ଟର ନ୍ୟାଶନାଲ ଗେମ୍ସ ଫେବୃୟାରୀ ୨୪ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇସ୍‌ଷ୍ଟକ୍ ସ୍ପୋର୍ଟ୍ସ ଟିମ୍ ଗେମ୍ (ଇଭେଣ୍ଟ) ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇସ୍‌ଷ୍ଟକ୍ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଟିମ୍‌ର ୪ଜଣ ସୋନୁ ସେମଲିୟା, ସ୍ୱରାଜ ମହାପାତ୍ର, ଚନ୍ଦନ ମହାନା ଓ ଅରବିନ୍ଦ ପାଢୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରେମ୍ ସିଂ ଥାପା କୋଚ୍ ଭାବେ ଦଳ ସହିତ ଯାଇଥିଲେ। ପ୍ରତିଯୋଗିତାରେ ଆନ୍ଧ୍ର ପ୍ରଦେଶ ଓ ଆୟୋଜକ ଜମ୍ମୁ କଶ୍ମୀରକୁ ଓଡ଼ିଶା ଦଳ ହରାଇ ଦେଇଥିଲା। ହେଲେ କ୍ୱାର୍ଟରଫାଇନାଲରେ ପଞ୍ଜାବଠାରୁ ହାରି ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଥିଲା।

# କ୍ୱାର୍ଟରରେ ସିନ୍ଧୁ, ଜୟରାମ, ଶ୍ରୀକାନ୍ତ

**ବାସେଲ,୪।୩ (ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ସୁଇସ୍ ଓପନ୍ ସୁପର ୩୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଭାରତୀୟ ମହିଳା ତାରକା ପି.ଭି. ସିନ୍ଧୁ, ପୁରୁଷ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଓ ଅଜୟ ଜୟରାମ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ମିକ୍ସଡ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ମଧ୍ୟ କ୍ୱାର୍ଟରକୁ ଉଠିଛନ୍ତି। ସିନ୍ଧୁ ମହିଳା ସିଙ୍ଗଲ୍ସରେ ଆମେରିକାର ଆଇରିସ୍ ୱାଙ୍ଗ୍‌ଙ୍କୁ ୨୧- ୧୩, ୨୧-୧୪ରେ ହରାଇଛନ୍ତି। ପୂର୍ବତନ ୧ ନମ୍ବର ଖେଳାଳି ଶ୍ରୀକାନ୍ତ ୨୧-୧୦, ୧୪-୨୧, ୨୧-୧୪ରେ ଫ୍ରାନ୍ସର ଥୋମାସ ରୋଉକ୍ସେଲଙ୍କୁ ହରାଇଛନ୍ତି। ଅନ୍ୟପଟେ ଜୟରାମ ୨୧-୧୮, ୧୭- ୨୧,୨୧-୧୩ରେ ତୃତୀୟ ସିଡ୍ ଡେନ୍ ରାସମୁସ୍ ଗେମ୍‌କେ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

# ଏଟିପି କ୍ୟାରିୟରରେ ନାଗାଲଙ୍କ ବଡ଼ ବିଜୟ

**ବୁଏନ୍ସଏୟାର୍ସ, ୪।୩ (ପି.ଟି.):** ଭାରତର ସୁମିତ ନାଗାଲ ଏଟିପି କ୍ୟାରିୟରରେ ବଡ଼ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ତଥା ଚିଲିର କ୍ରିଷ୍ଟିଆନ ଗାରିନଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ସେ ଆର୍ଜେଣ୍ଟିନା ଓପନ୍ ଏଟିପି ୨୫୦ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୧୫୦ତମ ର୍‍ୟାଙ୍କିଂପ୍ରାପ୍ତ ନାଗାଲ ଉଚ୍ଚକୋଟୀର ପ୍ରଦର୍ଶନ ସହ ୨୨ତମ ର୍‍ୟାଙ୍କିଂପ୍ରାପ୍ତ ଚିଲିଆନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ନାଗାଲ ଏଟିପି ଟୁର୍ ସ୍ତରରେ ତାଙ୍କ ପ୍ରଥମ କ୍ୱାର୍ଟରଫାଇନାଲ ପଦାର୍ପଣରେ ସ୍ପେନର ଆଲବର୍ଟ ରାମୋସ ଭିନୋଲାସଙ୍କୁ ଭେଟିବେ।

# ମହିଳାରେ ୨୮, ପୁରୁଷରେ ୩୦ ଦଳ

**ଭୁବନେଶ୍ୱର, ୪।୩ (କ୍ରୀଡ଼ା ପ୍ରତିନିଧି)**

### ଜାତୀୟ ସିନିୟର ଭଲିବଲ ଆଜିଠାରୁ

- ଓଡ଼ିଶା ମହିଳା ଦଳ ପ୍ରଥମେ ରାଜସ୍ଥାନ ଓ ପୁରୁଷ ଦଳ ମଧ୍ୟପ୍ରଦେଶକୁ ଭେଟିବ

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୬୯ତମ ଜାତୀୟ ସିନିୟର ଭଲିବଲ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ତତ୍ତ୍ୱାବଧାନରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ୨୮ଟି ମହିଳା ଓ ୩୦ଟି ପୁରୁଷ ଦଳ ଅଂଶଗ୍ରହଣ କରିବେ। ସବୁ ଦଳ ଭୁବନେଶ୍ୱରରେ ପହଞ୍ଚି ଗୁରୁବାର ଅଭ୍ୟାସ କରିଛନ୍ତି। ମହିଳା ବର୍ଗରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକୁ ୬ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଓଡ଼ିଶା ଦଳ ଗ୍ରୁପ୍ 'ସି'ରେ ରାଜସ୍ଥାନ, ଆସାମ, ମଣିପୁର ଓ ଛତିଶଗଡ଼ ସହ ସ୍ଥାନ ପାଇଛି। ଗ୍ରୁପ୍ 'ଏ'ରେ କେରଳ, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ହରିୟାଣା, ଗ୍ରୁପ୍ 'ବି'ରେ ରେଲୱେ, ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ଗ୍ରୁପ୍ 'ଡି'ରେ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମିଜୋରାମ, ପଣ୍ଡିଚେରୀ, ଉତ୍ତରାଞ୍ଚଳ, ଗ୍ରୁପ୍ 'ଇ'ରେ ଗୁଜରାଟ, ବିହାର, ଝାଡ଼ଖଣ୍ଡ, ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ଗ୍ରୁପ୍ 'ଏଫ୍'ରେ ମଧ୍ୟପ୍ରଦେଶ, ଚଣ୍ଡିଗଡ଼, ଜମ୍ମୁ-କଶ୍ମୀର, ତେଲେଙ୍ଗାନା ଓ ଲଦାଖ ଦଳ ସ୍ଥାନ ପାଇଛି। ସେହିପରି ପୁରୁଷ ବିଭାଗରେ ଓଡ଼ିଶା ଗ୍ରୁପ୍ 'ଏଫ୍'ରେ ଛତିଶଗଡ଼, ଚଣ୍ଡିଗଡ଼, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ଲଦାଖ ସହ ସ୍ଥାନ ପାଇଛି। ଗ୍ରୁପ୍ 'ଏ'ରେ ତାମିଲନାଡୁ, କର୍ଣ୍ଣାଟକ, ଆସାମ, ରାଜସ୍ଥାନ, ଗ୍ରୁପ୍ 'ବି'ରେ ରେଲୱେ, କେରଳ, ସର୍ଭିସେସ, ହରିୟାଣା, ଗ୍ରୁପ୍ 'ସି'ରେ ପଞ୍ଜାବ, ଦିଲ୍ଲୀ, ମହାରାଷ୍ଟ୍ର, ପଣ୍ଡିଚେରୀ, ପଶ୍ଚିମବଙ୍ଗ, ଗ୍ରୁପ୍ 'ଡି'ରେ ଆନ୍ଧ୍ର ପ୍ରଦେଶ, ଜମ୍ମୁ-କଶ୍ମୀର, ମଣିପୁର, ତ୍ରିପୁରା, ହିମାଚଳ ପ୍ରଦେଶ, ଗ୍ରୁପ୍ 'ଇ'ରେ ଗୁଜରାଟ, ବିହାର, ଝାଡ଼ଖଣ୍ଡ, ମିଜୋରାମ, ତେଲେଙ୍ଗାନା ଓ ଉତ୍ତରାଞ୍ଚଳ ସାମିଲ ରହିଛି। ମହିଳା ବର୍ଗରେ ଓଡ଼ିଶା ଶୁକ୍ରବାର ରାଜସ୍ଥାନ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ପରେ ଦଳ ୬ରେ ମଣିପୁର, ୭ରେ ଛତିଶଗଡ଼ ଓ ୮ରେ ଆସାମକୁ ଭେଟିବ। ସେହିପରି ଓଡ଼ିଶା ପୁରୁଷ ଦଳ ଶୁକ୍ରବାର ନିଜର ପ୍ରଥମ ମ୍ୟାଚରେ ମଧ୍ୟପ୍ରଦେଶକୁ ଭେଟିବ। ପରେ ଦଳ ୬ରେ ଛତିଶଗଡ଼, ୭ରେ ଚଣ୍ଡିଗଡ଼ ଓ ୮ରେ ଉତ୍ତର ପ୍ରଦେଶ ଓ ଲଦାଖକୁ ଭେଟିବ।

**ଓଡ଼ିଶା ମହିଳା ଦଳ:** ମାମାଲି ନାଗ୍, ସୁଶ୍ରୀ ସଙ୍ଗୀତା ଜେନା, ଶିରିଶା କାରାମି, ନିବେଦିତା ତରାଇ, ସଙ୍ଗୀତା ଦାସ, ଭାଲା ଚେତନାବେନ୍ ମେରାମାନଭାଇ, ଶିବାନୀ ପ୍ରିୟଦର୍ଶିନୀ, ସୁଚିତ୍ରା ମନ୍ତ୍ରୀ, ମୁକ୍ତି ବାର୍ଲା, ଜୟଶ୍ରୀ ପଲାଇ, ରିଙ୍କି କିର୍ସାନୀ, ମୋନାଲିସା ପାତ୍ର। କୋଚ୍: ସୁଷମା ନନ୍ଦ, ସହକାରୀ କୋଚ୍: ରବୀନ୍ଦ୍ର କୁମାର ମୁର୍ଡି। ମ୍ୟାନେଜର: କିଶୋର ଚନ୍ଦ୍ର ବିଶ୍ୱାଳ।

**ଓଡ଼ିଶା ପୁରୁଷ ଦଳ:** ଶୁଭ୍ରାଂଶୁ ଶେଖର ଓଝା, ସେକ୍ ସିରାଜ ଅଲୀ, ପ୍ରତ୍ୟୁଷ କୁମାର ନନ୍ଦ, ମାନସ ରଞ୍ଜନ ପାଣି, ଅଫସାଲ ପି.ପି., ରାହୁଲ ବାରିକ, ଅଜୟ କୁମାର ତରାଇ, ସତ୍ୟଜିତ ପଟ୍ଟନାୟକ, ପ୍ରିୟବ୍ରତ ପ୍ରଧାନ, ଦୀପ୍ତିରାଜ ମିଶ୍ର, ପ୍ରତାପ କୁମାର ସ୍ୱାଇଁ, ପ୍ରଜ୍ଞାସାରଥି ଜେନା। କୋଚ୍: ଲୋତକବିନ୍ଦୁ ଦାଶ, ସହକାରୀ କୋଚ୍: ଶୁଭ୍ରାଂଶୁ ଭୂଷଣ ମିଶ୍ର। ମ୍ୟାନେଜର: ନଳିନିକାନ୍ତ ଦାସ।

# ଗୋଟିଏ ଓଭରରେ ୬ ଛକା

**ଆଣ୍ଟିଗୁଆ,୪।୩(ଏପି)**

ଗୋଟିଏ ଓଭରରେ ୬ଟି ଛକା ମାରି ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ ଆଉ ଏକ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି। ସ୍ଥାନୀୟ କୁଲିଜ୍ କ୍ରିକେଟ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ରେ ବିସ୍ଫୋରକ ବ୍ୟାଟିଂ କରି ପୋଲାର୍ଡ ୱେଷ୍ଟଇଣ୍ଡିଜକୁ ଜିତାଇଛନ୍ତି। ଇନିଂସର ଷଷ୍ଠ ଓଭରରେ ଶ୍ରୀଲଙ୍କା ଲେଗ୍ ସ୍ପିନର ଅକିଲ ଧନଞ୍ଜୟଙ୍କ ୬ଟିଯାକ ବଲକୁ ବାଉଣ୍ଡାରୀ ବାହାରକୁ ପଠାଇଥିଲେ। ୪୧ଟି ବଲ୍ ହାତରେ ରଖି ୱେଷ୍ଟଇଣ୍ଡିଜ ଏହି ମ୍ୟାଚ୍‌କୁ ୪ ଉଇକେଟରେ ହାତେଇ ନେଇଥିଲା। ତେବେ ମଜାର କଥା ହେଉଛି ଧନଞ୍ଜୟ ଠିକ୍ ପୂର୍ବରୁ ଏହି ମ୍ୟାଚ୍‌ର ଚତୁର୍ଥ ଓଭରରେ କ୍ରମାଗତ ୩ଟି ଉଇକେଟ ନେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାପୂର୍ବରୁ ୨୦୦୭ରେ ଟି୨୦ ବିଶ୍ୱକପ୍‌ର ପ୍ରାରମ୍ଭିକ ସଂସ୍କରଣରେ ଯୁବରାଜ ଇଂଲଣ୍ଡ ଷ୍ଟୁଆର୍ଟ ବ୍ରଡଙ୍କୁ ଗୋଟିଏ ଓଭରରେ ୬ ଛକା ମାରି ରେକର୍ଡ କରିଥିଲେ। ଏହାର ୧୪ ବର୍ଷ ପରେ ପୋଲାର୍ଡ ଏହି ସଫଳତାକୁ ଦୋହରାଇଛନ୍ତି।

ବୁଧବାର ଟସ୍ ଜିତି ୱେଷ୍ଟଇଣ୍ଡିଜ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୧୩.୧ ଓଭରରେ ୬ ଉଇକେଟ ହରାଇ ୧୩୪ ରନ କରି ବିଜୟୀ ହୋଇ ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ



ଧନଞ୍ଜୟଙ୍କ ଓଭରରେ ୬ ଛକା ମାରିଥିବା କିରନ ପୋଲାର୍ଡ

ହାସଲ କରିଛି। ପୋଲାର୍ଡ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୩୧/୯ (ନିଶାଙ୍କା- ୩୯, ଡିକ୍‌ୱେଲା- ୩୩, ମ୍ୟାକ୍‌କଏ- ୨/ ୨୫)।
ୱେଷ୍ଟଇଣ୍ଡିଜ ୧୩.୧ ଓଭରରେ ୧୩୪/୬ (ପୋଲାର୍ଡ- ୩୮, ଲୁଇସ୍- ୨୮, ସିମନ୍ସ- ୨୬, ହୋଲ୍ଡର- ୨୯*, ଧନଞ୍ଜୟ- ୩/୬୨, ଡି' ସିଲଭା- ୩/୧୨)।

# ଭିନୁ ମଙ୍କଡ଼ ଟ୍ରଫି ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୪।୩ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ହେବାକୁ ଥିବା ୧୯ ବର୍ଷରୁ କମ୍ ଭିନୁମଙ୍କଡ଼ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ପ୍ରଥମଥର ପାଇଁ ହେମନ୍ତ ନାୟକ, ଧନଞ୍ଜୟ ଯାଦବ, ରିତେଶ ପ୍ରିୟରଞ୍ଜନ, ମହମ୍ମଦ ଏନ. ଖାଁ ଏବଂ ରାଜୀବ ଏଲ. ସାହୁ ସ୍ଥାନ ପାଇଛନ୍ତି। **ଓଡ଼ିଶା ଦଳ:** ସାଇଦୀପ ମହାପାତ୍ର (ଅଧିନାୟକ), ଦୀନେଶ ମାଝି (ଉଇକେଟକିପର), ମହମ୍ମଦ ସୋହେଲ, ସମ୍ବିତ ବରାଳ, ରିତେଶ ପ୍ରିୟରଞ୍ଜନ, ଅଂଶୁମାନ ବେଜ୍, ରାକେଶ ସାହୁ, ଶୁଭମ୍ ଶ୍ରୀ, ରାଜୀବ ଏଲ୍. ସାହୁ, ସୂର୍ଯ୍ୟ ମହାପାତ୍ର, ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର-ଉପଅଧିନାୟକ), ଅଂଶୁମାନ ସାହୁ, ହେମନ୍ତ ନାୟକ, ସୁଶୀଲ ବାରିକ, ଶ୍ରେଷ୍ଠ ସିଂ, ମିଲନ ସାମଲ, ମହମ୍ମଦ ଏନ. ଖାଁ, ଆର୍ଯ୍ୟମାନ ମିଶ୍ର, ସାଇ ଶୁଭମ୍ ଓ ଧନଞ୍ଜୟ ଯାଦବ।

# ସାଇ-ଏସ୍‌ଟିସି ବିଜୟୀ

**ଭୁବନେଶ୍ୱର, ୪।୩(କ୍ରୀଡ଼ା ପ୍ରତିନିଧି)**

### ଓଡ଼ିଶା ଓମେନ୍ସ ଲିଗ୍

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସାଇ-ଏସ୍‌ଟିସି ୨-୧ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚର ୩୬ତମ ମିନିଟରେ ଦୀପା ନାୟକ ଗୋଲ ଦେଇ ସାଇକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୧-୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଓଡ଼ିଶା ପୋଲିସର ଜ୍ୟୋସ୍ନା ମଲିକ ୮୨ତମ ମିନିଟରେ ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ଖେଳ ଶେଷ ହେବାକୁ ଆଉ ଅଳ୍ପ ସମୟ ଥିବାବେଳେ ଅର୍ଥାତ୍ ୯୦ତମ ମିନିଟରେ ଗୁଡିୟା କୁମାରୀ ଏକ ଗୋଲ ଦେଇ ସାଇ-ଏସ୍‌ଟିସିକୁ ବିଜୟୀ କରାଇଥିଲେ। ବିଜୟୀ ଦଳର ଦୀପା ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଫରି ଚିତ୍ରାମ୍ବଦା ପାତ୍ର, ଦୁର୍ଗା ମାଧବ ଆଚାର୍ଯ୍ୟ, ସୁଲତାନା ପରବିନ ଓ ବିଚିତ୍ର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଏବଂ ସୁଦୀପ୍ତା ଦାଶ ରେଫରି ଆସେସର ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ବିଶ୍ରାମ ଦିବସ ଥିବାବେଳେ ଶନିବାର କଳିଙ୍ଗ ଷ୍ଟାଡିୟମ୍‌ରେ ସାଇ-ଏସଟିସି ଓ ଓଜିପି କ୍ଲବ ଏବଂ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଇଷ୍ଟକୋଷ୍ଟ ରେଲୱେ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଦୁଇଟି ଯାକ ମ୍ୟାଚ ଅପରାହ୍ନ ୩ଟାରେ ଖେଳାଯିବ।




ସାଇ-ଏସ୍‌ଟିସି ଓ ଓଡ଼ିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ରାମ ଜନ୍ମଭୂମି ପରିସର ବଢ଼ିଲା**

ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ରାମ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଗୁରୁବାର ୧ କୋଟି ଟଙ୍କାରେ ରାମ ଜନ୍ମଭୂମି ପରିସର ସଂଲଗ୍ନ ୭,୨୮୫ ବର୍ଗଫୁଟ୍ ଜମି କିଣିଛି। ପୂର୍ବରୁ ୭୦ ଏକର ପରିବ୍ୟାପ୍ତ ଜାଗାରେ ରାମ ମନ୍ଦିର ନିର୍ମାଣ ହେବାକୁ ସ୍ଥିର ହୋଇଥିବାବେଳେ ଏବେ ତାହା ୧୦୭ ଏକରକୁ ବୃଦ୍ଧି ପାଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ବର୍ଗଫୁଟ ପିଛା ୧୩୭୩ ଟଙ୍କାରେ ଆଶ୍ରାଫି ଭବନ ନିକଟରେ ଏହି ଜମି କିଣାଯାଇଛି।

## ସଂକ୍ଷେପରେ

### ଆଇଇଡି ବିସ୍ଫୋରଣ: ୩ ଯବାନ ଶହୀଦ

**ରାଞ୍ଚି, ୪।୩(ପି.ଟି.):** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ଏକ ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ହେବାରୁ ୩ ଯବାନ ଶହୀଦ ହୋଇଛନ୍ତି। ବିସ୍ଫୋରଣରେ ଅନ୍ୟ ଦୁଇଜଣ ଯବାନ ଗୁରୁତର ଆହତ ହୋଇଛନ୍ତି। ଜିଲାର ଟୋକଲୋ ଥାନା ଅନ୍ତର୍ଗତ ହୋୟାହାତୁ ଗ୍ରାମ ନିକଟରେ ଗୁରୁବାର ସକାଳ ୮ଟା ୪୫ରେ ଏହି ବିସ୍ଫୋରଣ ଘଟିଥିଲା। ରାଜ୍ୟ ପୋଲିସ ଏବଂ ଝାଡଖଣ୍ଡ ଜାଗୁଆର୍ସର ଏକ ସ୍ୱତନ୍ତ୍ର ଟିମ୍ ମାଓବାଦ ନିରୋଧୀ ଅଭିଯାନରେ ଉକ୍ତ ଅଞ୍ଚଳକୁ ଯାଇଥିବାବେଳେ ବିସ୍ଫୋରଣର ଶିକାର ହୋଇଥିଲେ।

### ଏନ୍‌ବିଟି ସମ୍ପାଦକ ଡି'କ୍ରୁଜ୍ ଗିରଫ

**ନୂଆଦିଲ୍ଲୀ, ୪।୩:** ଯୌନ ନିର୍ଯାତନା ମାମଲାରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି) ମାଲାୟଲମ ବିଭାଗ ସମ୍ପାଦକ ରବିନ୍ ଡି'କ୍ରୁଜ୍‌ଙ୍କୁ ଗିରଫ କରାଯାଇଛି। କେରଳ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚିଲ୍ଡ୍ରେନ୍ସ ଲିଟରେଚରର ପୂର୍ବତନ ନିର୍ଦ୍ଦେଶକ ଡି'କ୍ରୁଜ୍‌ଙ୍କ ନାଁରେ କେରଳର ଜଣେ ମହିଳା ଏହି ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ଦିଲ୍ଲୀରେ ରହୁଥିବା ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ ଅକ୍ଟୋବର ୨ରେ ଏହି ଘଟଣା ଘଟିଥିଲା। ମହିଳାଙ୍କୁ ସେ ଅଫିସ୍‌କୁ ଡାକି ତାଙ୍କ ସହ ଅସଦାଚରଣ କରିଥିଲେ। ଏ ବାବଦରେ ପୀଡ଼ିତା ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ମଧ ବର୍ଣ୍ଣନା କରିଥିଲେ। ଗତ ଫେବୃଆରୀରେ ଡି'କ୍ରୁଜ୍‌ଙ୍କ ବିରୋଧରେ ଦିଲ୍ଲୀର ବସନ୍ତକୁଞ୍ଜ (ଉତ୍ତର) ପୋଲିସ ଷ୍ଟେଶନରେ ମାମଲା ରୁଜୁ ହୋଇଥିଲା।

### ବିଧାନସଭା ଆଗରେ ନିଜ ଗୁଳିରେ ଚାଲିଲେ ଏସ୍ଆଇ

**ଲକ୍ଷ୍ନୌ, ୪।୩:** ଉତ୍ତରପ୍ରଦେଶ ବିଧାନସଭା ସୁରକ୍ଷାରେ ମୁତୟନ ହୋଇଥିବା ସବ୍‌ଇନ୍ସପେକ୍ଟର ନିର୍ମଳ ଚୌବେ ଗୁରୁବାର ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ନୌ ପୋଲିସ କମିଶନର ଡି କେ ଠାକୁର କହିଛନ୍ତି, ଚୌବେ ବିଧାନସଭାର ୭ ନମ୍ବର ଗେଟ୍‌ରେ ମୁତୟନ ହୋଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ସେ ନିଜକୁ ଗୁଳି କରି ଦେଇଥିଲେ। ତାଙ୍କ ନିକଟରୁ ଏକ ସୁଇସାଇଡ ନୋଟ ଜବତ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଚୌବେଙ୍କ ପରିବାରର ଯତ୍ନ ନେବାକୁ ଅନୁରୋଧ କରାଯାଇଥିବା ନେଇ ଉକ୍ତ ନୋଟରେ ଲେଖାଯାଇଥିବା ଦେଖିବାକୁ ମିଳିଛି।

## ବୋମା ଆତଙ୍କ: ତାଜମହଲ ଦେଢ଼ ଘଣ୍ଟା ବନ୍ଦ



**ଆଗ୍ରା, ୪।୩:** ଆଗ୍ରାସ୍ଥିତ ତାଜମହଲରେ ବୋମା ଖଞ୍ଜାଯାଇଥିବା ନେଇ ଜଣେ ଦୁର୍ବୃତ୍ତ ଗୁରୁବାର ପୋଲିସକୁ ଫୋନ କରି କହିଥିଲେ। ଏହାକୁ ନେଇ ସେଠାରେ ଆତଙ୍କ ଖେଳି ଯାଇଥିଲା। ଖବର ଜଣାପଡ଼ିବା ପରେ ସଙ୍ଗେ ସଙ୍ଗେ ତାଜମହଲ ପରିସରକୁ ଖାଲି କରାଯାଇଥିଲା। ପୋଲିସ ସୂଚନା ମୁତାବକ, ଦୁର୍ବୃତ୍ତ ଜଣକ ସକାଳେ ଜରୁରିକାଳୀନ ନମ୍ବର ୧୧୨ରେ ଫୋନ କରି ତାଜମହଲ ଭିତରେ ବୋମା ଥିବା କହିଥିଲେ। ସିଆଇଏସ୍ଏଫ୍ ଯବାନମାନେ ସେଠାରେ ପହଞ୍ଚି ତନାଘନା କରିଥିଲେ ହେଁ ବୋମା ପାଇ ନ ଥିଲେ। କଲ୍ କରିଥିବା ବ୍ୟକ୍ତି ଜଣକ ବିମଳ କୁମାର ସିଂ ଓ ସେ ଫିରୋଜାବାଦରେ ରହୁଥିବା ଜଣାପଡିଥିବାବେଳେ ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା କରୁଛି। ପ୍ରାୟ ୧ ଘଣ୍ଟା ୪୫ ମିନିଟ୍ ପରେ ତାଜମହଲ ପୁଣି ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଥିଲା।

## ଲ୍ୟାଣ୍ଡିଂ ପରେ ଜଳିଗଲା ଷ୍ଟାରଶିପ୍

**ୱାଶିଂଟନ୍, ୪।୩:** ଆମେରିକୀୟ ଉଦ୍ୟୋଗପତି ଏଲନ ମସ୍କଙ୍କ ସ୍ପେସଏକ୍ସ କମ୍ପାନୀ ପକ୍ଷରୁ ଉତ୍କ୍ଷେପଣ କରାଯାଇଥିବା ଷ୍ଟାରଶିପ୍ ରକେଟ ଏସ୍ଏନ୍୧୦ ପୃଥିବୀ ପୃଷ୍ଠରେ ସଫଳ ଅବତରଣ ପରେ ଜଳିଯାଇଛି। ବୁଧବାର ଟେକ୍ସାସ୍‌ର ବୋକା ଚିକାସ୍ଥିତ ଲଞ୍ଚ ପ୍ୟାଡ୍‌ରୁ ଏହି ରକେଟ ଉତକ୍ଷେପଣ କରାଯାଇଥିଲା। ଆକାଶ ମାର୍ଗରେ ପ୍ରାୟ ୧୦ କିମି ଯିବା ପରେ ପୃଥିବୀ ପୃଷ୍ଠକୁ ଫେରି ସଫଳ ଲ୍ୟାଣ୍ଡିଂ କରିଥିଲା। କିନ୍ତୁ ଏହାର ମାତ୍ର ୧୦ ମିନିଟ୍ ମଧ୍ୟରେ ସେଥିରେ ବିସ୍ଫୋରଣ ଘଟିବାରୁ ତାହା ଜଳିଯାଇଥିଲା। ମଙ୍ଗଳ ଗ୍ରହରେ ସହର ସ୍ଥାପନ ପାଇଁ ଚେଷ୍ଟା ଚଳାଇଥିବା ଏଲନ ମସ୍କ କିନ୍ତୁ ଷ୍ଟାରଶିପ୍‌ର ସଫଳ ଅବତରଣ ପାଇଁ ଖୁସି ବ୍ୟକ୍ତ କରିଛନ୍ତି। ଏହା ପୂର୍ବରୁ ଏସ୍ଏନ୍ ୮ ଏବଂ ଏସ୍ଏନ୍ ୯ ଲ୍ୟାଣ୍ଡ କରିବା ସମୟରେ ହିଁ ଜଳିଯାଇଥିଲା।



# ଇମ୍ରାନ୍‌ଙ୍କ ମୁଣ୍ଡରେ ଚଡ଼କ

**ଇସ୍ଲାମାବାଦ/ନୂଆଦିଲ୍ଲୀ,୪।୩**

୨୦୧୮ ଅଗଷ୍ଟ ୧୮ରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ପାକିସ୍ତାନ-ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍‌ଙ୍କ କାର୍ଯ୍ୟକାଳ ଶେଷ ହୋଇଆସୁଛି କି? ଏହି ପ୍ରଶ୍ନ ଏଇଥିପାଇଁ ଉଠୁଛି ଯେ ଇମ୍ରାନ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ଅର୍ଥମନ୍ତ୍ରୀ ଅବ୍‌ଦୁଲ୍ ହାଫିଜ୍ ଶେଖ୍ ବୁଧବାର ଅନୁଷ୍ଠିତ ଇସ୍ଲାମାବାଦ ସିନେଟ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ୟୁସୁଫ୍ ରଜା ଗିଲାନିଙ୍କଠାରୁ ୫ ଖଣ୍ଡ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ଏହି ପରାଜୟକୁ ଇମ୍ରାନ୍ ସରକାର ଓ ତାଙ୍କ ନୀତିଗୁଡ଼ିକ ବିରୋଧରେ ଅନାସ୍ଥା ପ୍ରସ୍ତାବ ରୂପେ ଦେଖାଯାଉଛି। ଫଳରେ ବିରୋଧୀଙ୍କ ପକ୍ଷରୁ ଇମ୍ରାନ୍‌ଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ଶନିବାର ନ୍ୟାଶନାଲ ଆସେମ୍ବ୍ଲିର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଇମ୍ରାନ୍ ସରକାର ରହିବେ କି ନାହିଁ ତାହା ଏହି ଦିନ ଆସ୍ଥାଭୋଟ ପରେ ଜଣାପଡ଼ିବ।

ଇମ୍ରାନ୍ ତାଙ୍କ କ୍ୟାବିନେଟ ସହଯୋଗୀ ଅବ୍‌ଦୁଲ ହାଫିଜ୍ ଶେଖ୍‌ଙ୍କ ପାଇଁ ବ୍ୟକ୍ତିଗତ ଭାବେ ପ୍ରଚାର କରିଥିଲେ। ଏହାସତ୍ତ୍ୱେ ଅର୍ଥମନ୍ତ୍ରୀ ହାଫିଜ୍ ଶେଖ୍ ପରାଜିତ ହୋଇଛନ୍ତି। ସିନେଟ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ୟୁସୁଫ ରଜା ଗିଲାନିଙ୍କ ବିଜୟ ପରେ ଅନେକ ବିରୋଧୀ ଦଳ ନେତା ଇମ୍ରାନ୍‌ଙ୍କ ଇସ୍ତଫା ଦାବି କରିବାରେ ଲାଗିଛନ୍ତି। ସିନେଟରଙ୍କୁ ଜିତାଇବା ପାଇଁ ୧୭୨ ଖଣ୍ଡ ଭୋଟ ଆବଶ୍ୟକ ଥିବାବେଳେ ଶାସକ ପିଟିଆଇ ୧୮୨ ସଦସ୍ୟଙ୍କ ସମର୍ଥନ ହାସଲ କରିଥିବା ଦାବି କରୁଛି। କିନ୍ତୁ ଗିଲାନିଙ୍କ ସପକ୍ଷରେ ୧୬୯ ଓ ଶେଖ୍‌ଙ୍କୁ ୧୬୪ ଭୋଟ ମିଳିଥିବା ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ



ପିପୁଲ୍ସ ପାର୍ଟି (ପିପିପି)ର ବରିଷ୍ଠ ନେତା ଗିଲାନିଙ୍କ ପ୍ରାର୍ଥିତ୍ୱକୁ ବିରୋଧୀ ମେଣ୍ଟ ପାକିସ୍ତାନ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟ (ପିଡିଏମ୍) ଏହି ନିର୍ବାଚନରେ ସମର୍ଥନ କରିଥିଲା।

ଇସ୍ଲାମାବାଦ ସିନେଟ ଆସନରେ ହାରିବା ପରେ ପିଟିଆଇ ପକ୍ଷରୁ ଘୋଷଣା କରାଯାଇଛି ଯେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ପାର୍ଲାମେଣ୍ଟରେ ଆସ୍ଥାଭୋଟ ଲୋଡ଼ିବେ। ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କ୍ୟୁରେଶୀ ଏହାକୁ ପାକିସ୍ତାନ ଗଣତନ୍ତ୍ର ପାଇଁ ଏକ ଦୁଃଖଦ ଦିନ ଭାବେ ଅଭିହିତ କରିଛନ୍ତି। ବର୍ତ୍ତମାନ ଏପରି ସମୟ ଆସିଛି ଯେ ତୁମେ ଇମ୍ରାନ୍‌ଙ୍କ ସପକ୍ଷରେ ରହିବ ନଚେତ୍ ବିପକ୍ଷରେ ବୋଲି ସେ କହିଛନ୍ତି।

ବୁଧବାର ନିର୍ବାଚନରେ ୧୮ ସିଟ୍ ଦଖଲ କରି ପାର୍ଲାମେଣ୍ଟର ଉଚ୍ଚ ସଦନରେ ଶାସକ ପିଟିଆଇର ସଂଖ୍ୟାଗରିଷ୍ଠ ଦଳ ହୋଇଛି। ଏହାସତ୍ତ୍ୱେ ଚିନ୍ତାର ବିଷୟ ହେଉଛି ଇସ୍ଲାମାବାଦ ଆସନ ଜିତିବା ଲାଗି ସରକାର ନିଜ ହାତରେ ଯେଉଁ ୧୮୦ ଭୋଟ ଥିବା ମନେକରୁଥିଲେ, ତାହା ନାହିଁ ବୋଲି ଫଳାଫଳରୁ ଜଣାପଡ଼ିଛି। ଇମ୍ରାନ୍ ଅପମାନିତ ହୋଇ ବିଦା ହେବା ହେବା ପରିବର୍ତ୍ତେ ଆସ୍ଥାଭୋଟରେ ଶକ୍ତିପରୀକ୍ଷା ଦେବାକୁ ଉଚିତ ମଣିଛନ୍ତି। ଇମ୍ରାନ୍ ଆସ୍ଥାଭୋଟରେ କୌଣସି ପ୍ରକାରେ ବର୍ତ୍ତିଗଲେ ସୁଦ୍ଧା ବର୍ତ୍ତମାନ ତୁଳନାରେ ଆହୁରି ଦୁର୍ବଳ ହୋଇଯିବେ।

### ୬ରେ ଆସ୍ଥାଭୋଟ

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶନିବାର ପାର୍ଲାମେଣ୍ଟର ନିମ୍ନ ସଦନ ନ୍ୟାଶନାଲ ଆସେମ୍ବ୍ଲିରେ ଆସ୍ଥାଭୋଟର ସମ୍ମୁଖୀନ ହୋଇ ଶକ୍ତିପରୀକ୍ଷା ଦେବେ। ଗୁରୁବାର ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ଇମ୍ରାନ୍ କହିଛନ୍ତି, ସେ ଆସନ୍ତା ୬ ତାରିଖରେ ଆସ୍ଥାଭୋଟ ବେଳେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ। ପରାଜିତ ହେଲେ ବିରୋଧୀ ଆସନରେ ବସିବାକୁ ପ୍ରସ୍ତୁତ ଅଛନ୍ତି। ବିଗତ ୩୦-୪୦ ବର୍ଷ ହେଲା ସିନେଟ ନିର୍ବାଚନକୁ ଅର୍ଥବଳରେ ପ୍ରଭାବିତ କରାଯାଉଛି। ଏହା ଦେଶ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ନିର୍ବାଚନ କମିଶନଙ୍କ ଦାୟିତ୍ୱ। ନିର୍ବାଚନ କମିଶନ ଗୁପ୍ତ ବାଲଟ୍ ଜରିଆରେ କାହିଁକି ଭୋଟ କରାଇଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅଭିଭାଷଣ ପୂର୍ବରୁ ଇମ୍ରାନ୍ ସେନାମୁଖ୍ୟ ଜେନେରାଲ କମାର ଜାଭେଦ ବାଜୱା ଏବଂ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ମହାନିର୍ଦ୍ଦେଶକ ଲୁଟ୍‌ନାଣ୍ଟ ଜେନେରାଲ ଫୈଜ୍ ହାମିଦଙ୍କୁ ଭେଟିଥିଲେ।

## ୨୦ ଶରଣାର୍ଥୀଙ୍କ ସଲିଳ ସମାଧି

**ନାଇରୋବି, ୪।୩**

ପୂର୍ବ ଆଫ୍ରିକାର ଜିବୌଟିରୁ ୟେମେନ ଯାଉଥିବା ଶରଣାର୍ଥୀମାନଙ୍କ ବୋଟ ଉପରେ ସ୍ମଗଲରମାନେ ଆକ୍ରମଣ କରିବାରୁ ୨୦ଜଣଙ୍କ ମୃତ୍ୟୁ ଘଟିଛି। ଚୋରା ବେପାରୀମାନେ ବୋଟ୍‌ରୁ ୮୦ ଜଣଙ୍କୁ ପାଣିକୁ ଫିଙ୍ଗି ଦେଇଥିଲେ ବୋଲି ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ମାଇଗ୍ରେଶନ (ଆଇଓଏମ୍) ପକ୍ଷରୁ କୁହାଯାଇଛି। ବୋଟ୍‌ରେ ଶିଶୁଙ୍କ ସମେତ ୨୦୦ ଶରଣାର୍ଥୀ ଥିଲେ।

ଶରଣାର୍ଥୀମାନେ ଆଫ୍ରିକୀୟ ଦେଶରୁ ୟେମେନ ହୋଇ ଧନୀ ଉପସାଗରୀୟ ଦେଶକୁ ଯାଇଥାନ୍ତି। ଅନେକ ସମୟରେ ସେମାନେ ଆକ୍ରମଣ ଓ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। କରୋନା ମହାମାରୀ ଯୋଗୁ ଅନେକ ଦେଶ ସେମାନଙ୍କ ସୀମାକୁ ବନ୍ଦ କରିଦେଇଥିବା ସତ୍ତ୍ୱେ ଶରଣାର୍ଥୀଙ୍କ ଆଗମନ ବନ୍ଦ ହୋଇନାହିଁ। ଗତ ଅକ୍ଟୋବରରେ ଚୋରା ବେପାରୀମାନେ ଜିବୌଟିଠାରେ ଏକ ବୋଟ୍‌ରୁ ଶରଣାର୍ଥୀମାନଙ୍କୁ ଓହ୍ଲାଇଯିବାକୁ ବାଧ କରିବାରୁ ୮ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୭ରେ ଏକ ବୋଟ୍‌କୁ ସ୍ମଗଲରମାନେ ବୁଡାଇଦେବାରୁ ୫୦ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଥିଲା।

**ୟେମେନ ଯାଉଥିବାବେଳେ ପାଣିକୁ ଫିଙ୍ଗିଲେ ସ୍ମଗଲର**



ପଞ୍ଜାବର ଅମୃତସରରୁ କୃଷକମାନେ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଲିଥିବା ଆନ୍ଦୋଳନରେ ଯୋଗଦେବା ପାଇଁ ବାହାରିଛନ୍ତି।

## ବରିଷ୍ଠଙ୍କ ଚିକିତ୍ସାକୁ ପ୍ରାଥମିକତା ଦିଅ

**ଘରୋଇ ହସ୍ପିଟାଲକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ**

**ନୂଆଦିଲ୍ଲୀ, ୪।୩(ପି.ଟି.):** କରୋନା ମହାମାରୀ ସମୟରେ ସରକାରୀ ହସ୍ପିଟାଲ ସମେତ ଘରୋଇ ହସ୍ପିଟାଲଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କ ଚିକିତ୍ସାକୁ ପ୍ରାଥମିକତା ଦେବା ଲାଗି ସୁପ୍ରିମକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅଶୋକ ଭୂଷଣ ଏବଂ ଆର୍.ଏସ୍. ରେଡ୍ଡୀଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କର ଗତବର୍ଷ ଅଗଷ୍ଟ ୪ ନିର୍ଦ୍ଦେଶନାମାକୁ ବଦଳାଇଛନ୍ତି। ଅଗଷ୍ଟ ମାସ ରାୟରେ ସର୍ବୋଚ୍ଚ ଅଦାଲତ କେବଳ ସରକାରୀ ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କୁ ଭର୍ତ୍ତି କରିବା ଓ ଚିକିତ୍ସାରେ ପ୍ରାଥମିକତା ଦେବା ଲାଗି କହିଥିଲେ। କେବଳ ଓଡ଼ିଶା ଏବଂ ପଞ୍ଜାବ ବ୍ୟତୀତ ଅନ୍ୟ କୌଣସି ରାଜ୍ୟ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ନେଇଥିବା ପଦକ୍ଷେପ ସମ୍ପର୍କରେ ଏପର୍ଯ୍ୟନ୍ତ ବିବରଣୀ ଦେଇ ନ ଥିବା ଆବେଦନକାରୀ ଆଇନଜୀବୀ ଅଶ୍ୱିନୀ କୁମାର ଖଣ୍ଡପୀଠଙ୍କୁ ଜଣାଇଥିଲେ। ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

## ଟିଏମ୍‌ସିକୁ ସମର୍ଥନ ଦେବ ଶିବସେନା

**କୋଲକାତା, ୪।୩(ପି.ଟି.):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଶିବସେନା ସମର୍ଥନ ଦେବ ବୋଲି ଗୁରୁବାର କହିଛି। ଶିବସେନା ପଶ୍ଚିମବଙ୍ଗରେ ନିର୍ବାଚନ ଲଢ଼ିବ ନାହିଁ। ମମତାଙ୍କୁ ଉଚ୍ଚ ପ୍ରଶଂସା କରି ଶିବସେନା ତାଙ୍କୁ ପ୍ରକୃତ ବେଙ୍ଗଲ ଟ୍ରାଇଗ୍ରେସ୍ ବୋଲି କହିଛି। ପୂର୍ବରୁ ଶିବସେନା ପଶ୍ଚିମବଙ୍ଗରେ ନିର୍ବାଚନ ଲଢ଼ିବାକୁ କହିଥିଲା। ଏବେ ଟିଏମ୍‌ସିକୁ ସମର୍ଥନରେ ଛିଡ଼ା ହେବାକୁ ପ୍ରତିଶ୍ରୁତି ଦେଇଛି।

## ବାଜରାକୁ ଲୋକପ୍ରିୟ କରିଛି ଭାରତ: ମୋଦି

**ନୂଆଦିଲ୍ଲୀ, ୪।୩:** ବାଜରାକୁ ଇଣ୍ଟରନ୍ୟାଶନାଲ ଇୟର୍ସ ଅଫ୍ ମିଲେଟ୍‌ସ ୨୦୨୩ ଘୋଷଣା କରାଯିବାକୁ ଜାତିସଂଘ ପକ୍ଷରୁ ମଞ୍ଜୁରୀ ମିଳିଛି। ବାଜରା ଭଳି ପୋଷଣଯୁକ୍ତ ଖାଦ୍ୟକୁ ୨୦୨୩ ବର୍ଷର ମିଲେଟ୍‌ସ ଇୟର ଘୋଷଣା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବକୁ ସମର୍ଥନ ଦେଇଥିବା ସମସ୍ତ ରାଷ୍ଟ୍ରକୁ ମୋଦି ଧନ୍ୟବାଦ ଦେଇଛନ୍ତି। ବାଜରାକୁ ଲୋକପ୍ରିୟ କରିବା ପାଇଁ ଭାରତର ପ୍ରୟାସକୁ ସମ୍ମାନିତ କରାଯାଇଥିବା ମୋଦି କହିଛନ୍ତି।

# ଭାରତ ଆଂଶିକ ସ୍ୱାଧୀନ

**ୱାର୍ଲ୍ଡ ଫ୍ରିଡମ୍ ରିପୋର୍ଟ**

**ନୂଆଦିଲ୍ଲୀ,୪।୩**

'ସ୍ୱାଧୀନ'ରୁ 'ଆଂଶିକ ସ୍ୱାଧୀନ' ସ୍ତରକୁ ଭାରତର ପଦାବନତି ଘଟିଛି। ବୈଶ୍ୱିକ ଗଣତାନ୍ତ୍ରିକ ନେତା ହେବାର ସମ୍ଭାବନାକୁ ଭାରତ ତ୍ୟାଗ କରିଦେଇଥିବା ମନେହେଉଛି ବୋଲି ସଦ୍ୟ ପ୍ରକାଶିତ ଗଣତନ୍ତ୍ର ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହି ରିପୋର୍ଟ ଉପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଛି ପ୍ରତିକ୍ରିୟା ଆସିନାହିଁ।

ଆମେରିକା ସରକାରଙ୍କ ପାଣ୍ଠିରେ ପରିଚାଳିତ ଏନ୍‌ଜିଓ ଫ୍ରିଡମ୍ ହାଉସ୍ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ରାଜନୈତିକ ଅଧିକାର ଓ ସ୍ୱାଧୀନତା ସମ୍ପର୍କରେ ବିବରଣୀ ପ୍ରକାଶ ପାଇଥାଏ। ଏହାର ଚଳିତ ବର୍ଷ ରିପୋର୍ଟର ଶୀର୍ଷକ ରହିଛି 'ଫ୍ରିଡମ୍ ଇନ୍ ଦି ୱାର୍ଲ୍ଡ ୨୦୨୧- ଡେମୋକ୍ରାସି ଅଣ୍ଡର ସିଏଜ୍'। ଏଥିରେ କୁହାଯାଇଛି ଯେ ଭାରତର ବୈଶ୍ୱିକ ଗଣତାନ୍ତ୍ରିକ ମାପଦଣ୍ଡ ଛବି ଖରାପ ହୋଇଯାଇଥିବାରୁ ସ୍ୱାଧୀନ ରାଷ୍ଟ୍ରଗୁଡ଼ିକର ଉପର ପାହ୍ୟାରୁ ଏହି ଦେଶ ତଳକୁ ଖସିଥାଇପାରେ। ଫ୍ରିଡମ୍ ହାଉସ୍ ରିପୋର୍ଟ ୨୦୧୮, ୨୦୧୯, ୨୦୨୦ରେ ଭାରତ ସ୍ୱାଧୀନ ର୍‍ୟାଙ୍କରେ ଥିଲା, ଯଦିଓ ଏହି ଅବଧି ମଧ୍ୟରେ ୧୦୦ ସ୍କେଲରୁ ଏହାର ସ୍କୋର ୭୭ରୁ ୭୧କୁ ଖସିଥିଲା। କିନ୍ତୁ ସଦ୍ୟ ରିପୋର୍ଟରେ ଭାରତ ଆହୁରି ତଳକୁ ଖସି ୬୭ତମ ସ୍ଥାନରେ ରହିଛି।

ପଦାବନତିର ଏହି ଧାରା ବିଶେଷକରି ୨୦୧୯ରେ ତ୍ୱରାନ୍ୱିତ ହୋଇଥିଲା। କେନ୍ଦ୍ର ସରକାର ଏବଂ ରାଜ୍ୟସ୍ତରରେ ସରକାରଙ୍କ ସହଯୋଗୀମାନେ ୨୦୨୦ରେ ସମାଲୋଚକଙ୍କୁ ଟାର୍ଗେଟ କରିବା ବଢ଼ାଇଦେଇଥିଲେ। କରୋନା ଲକ୍‌ଡାଉନ୍ ଯୋଗୁ ଭାରତରେ ଲକ୍ଷ ଲକ୍ଷ ଆଭ୍ୟନ୍ତରୀଣ ପ୍ରବାସୀ ଶ୍ରମିକଙ୍କ ବିପଜ୍ଜନକ ଓ ଅଣଯୋଜନାବଦ୍ଧ ବିସ୍ଥାପନ ହୋଇଥିଲା। ଗଣତାନ୍ତ୍ରିକ ପରମ୍ପରାର ଏକ ଚାମ୍ପିୟନ୍ ରୂପେ କାର୍ଯ୍ୟ କରି ଚାଇନା ଭଳି ଏକନାୟକତ୍ୱବାଦୀ ପ୍ରଭାବକୁ ହ୍ରାସ କରିବା ପରିବର୍ତ୍ତେ ଭାରତର ସରକାର ଓ ଶାସକ ଦଳ ଦେଶକୁ ସ୍ୱେଚ୍ଛାଚାରିତା ଆଡ଼କୁ ଟାଣିନେଇଛନ୍ତି। ସେହିପରି ନ୍ୟାୟପାଳିକାର ସ୍ୱାଧୀନତା ମଧ୍ୟ ସଙ୍କୁଚିତ ହୋଇଛି। ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଦଙ୍ଗା ବେଳେ ପ୍ରାଣ ହରାଇଥିବା ୫୦ ଜଣଙ୍କ ମଧ୍ୟରୁ ଅଧିକାଂଶ ମୁସ୍‌ଲିମ। ଏହି ହିଂସା ସମୟରେ ଦିଲ୍ଲୀ ପୋଲିସର ନିଷ୍କ୍ରିୟତାକୁ ନେଇ ତାଗିଦ କରିଥିବା ଜଣେ ବିଚାରପତିଙ୍କୁ ତୁରନ୍ତ ବଦଳି କରାଯାଇଥିଲା ବୋଲି ଉକ୍ତ ରିପୋର୍ଟରେ ଉଦାହରଣ ଦିଆଯାଇଛି। ଭାରତ ସରକାର ଅନେକ ବୈଷମ୍ୟ ସୃଷ୍ଟିକାରୀ ନୀତି ଆଣିଛନ୍ତି। ଫଳରେ ଖବରଦାତା, ଏନ୍‌ଜିଓ ଏବଂ ସରକାରଙ୍କ ସମାଲୋଚକମାନଙ୍କୁ ହଇରାଣ ବହୁ ପରିମାଣରେ ବଢ଼ିଯାଇଛି ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

### ୨୦୧୪ରୁ ଅବନତି

୧୯୭୩ରେ ଫ୍ରିଡମ୍ ହାଉସ୍ ଫ୍ରିଡମ୍ ଇନ୍ ଦି ୱାର୍ଲ୍ଡ ରିପୋର୍ଟ ପ୍ରକାଶ କରିବା ଆରମ୍ଭ କରିଥିଲା। ପ୍ରତ୍ୟେକ ଦେଶରେ ସ୍ୱାଧୀନତାର ସ୍ତର ଅନୁସାରେ ସମ୍ପୃକ୍ତ ରାଷ୍ଟ୍ରକୁ ସଂଖ୍ୟାରେ ର୍‍ୟାଙ୍କ ମିଳିଥାଏ। ଏହାସହ 'ମୁକ୍ତ' 'ଆଂଶିକ ମୁକ୍ତ' କିମ୍ବା 'ମୁକ୍ତ ନୁହେଁ' ବୋଲି ଦେଶଗୁଡ଼ିକୁ ବର୍ଗୀକୃତ କରାଯାଇଥାଏ। ଏହି ବାର୍ଷିକ ରିପୋର୍ଟକୁ ବିଶ୍ୱରେ ଗଣତନ୍ତ୍ର ପରିମାପର ଅନ୍ୟତମ ପୁରାତନ ପଦ୍ଧତି ରୂପେ ବିବେଚନା କରାଯାଏ। ସଦ୍ୟ ରିପୋର୍ଟରେ କୁହାଯାଇଛି ଯେ ଭାରତରେ ରାଜନୈତିକ ଅଧିକାର ଓ ନାଗରିକ ସ୍ୱାଧୀନତା ୨୦୧୪ ମସିହାରୁ କ୍ଷୁଣ୍ଣ ହେବାରେ ଲାଗିଛି। ମାନବାଧିକାର ସଙ୍ଗଠନଗୁଡ଼ିକ ଉପରେ ଚାପ ବୃଦ୍ଧି, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଖବରଦାତାମାନଙ୍କୁ ଧମକ ଏବଂ ମୁସଲମାନ ତଥା ଦଳିତଙ୍କୁ ଆକ୍ରମଣ ଭଳି ବଢ଼ିଚାଲିଥିବା ଘଟଣାଗୁଡ଼ିକୁ ଏଥିପାଇଁ ଦାୟୀ କରାଯାଇଛି।



୨୦୨୦ ଜାନୁୟାରୀ ୩୦ରେ ନୂଆଦିଲ୍ଲୀର ଜାମିଆ ମିଲିଆ ୟୁନିଭର୍ସିଟିରେ ସିଏଏ ବିରୋଧୀ ଆନ୍ଦୋଳନ ବେଳେ ଜଣେ ମହିଳା ବିକ୍ଷୋଭକାରୀଙ୍କୁ ଉଠାଇନେଉଛି ପୋଲିସ।

## ଭାରତର ଶରଣ ଲୋଡ଼ିଲେ ୧୯ ମ୍ୟାନ୍‌ମାର ପୋଲିସ

**ନୂଆଦିଲ୍ଲୀ, ୪।୩:** ମ୍ୟାନ୍‌ମାରର ୧୯ ଜଣ ପୋଲିସ ସାମରିକ ଶାସକଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବା ପାଇଁ ସୀମା ଅତିକ୍ରମ କରି ଭାରତ ପଳାଇଆସିଛନ୍ତି। ସେମାନେ ଭାରତରେ ଶରଣ ଚାହୁଁଛନ୍ତି। ଏହି ପୋଲିସ କର୍ମଚାରୀମାନେ ମିଜୋରାମର ଚମ୍ପାଇ ଏବଂ ସେରଛିପ୍‌କୁ ପଳାଇଆସିଥିବା ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି ସୂଚନା ଦେଇଛନ୍ତି। ଆହୁରି ଅଧିକ ପୋଲିସ ଭାରତ ପଳାଇ ଆସିପାରନ୍ତି ବୋଲି ଆଶା କରାଯାଉଛି। ମ୍ୟାନ୍‌ମାରର କେତେ ଜଣ ପୋଲିସ ଆଇନଅମାନ୍ୟ ଆନ୍ଦୋଳନରେ ଯୋଗଦେବା ସହ ଜୁଣ୍ଟା ଶାସନକୁ ବିରୋଧ କରୁଥିବା ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଗିରଫ ହୋଇଛନ୍ତି। ତେବେ ମ୍ୟାନ୍‌ମାର ଛାଡ଼ି ଭାରତ ପଳାଇଆସିବା ଏହା ପ୍ରଥମ ଘଟଣା। ଭାରତର ସ୍ଥାନୀୟ କର୍ତ୍ତୃପକ୍ଷ ସେମାନଙ୍କୁ ଆଶ୍ରୟ ଦେଇଛନ୍ତି।

ଫେବୃୟାରୀ ୧ରେ ମ୍ୟାନମାର ସୈନ୍ୟବାହିନୀ ବିଦ୍ରୋହ ବଳରେ ଗଣତାନ୍ତ୍ରିକ ସରକାରକୁ ଗାଦିଚ୍ୟୁତ କରି କ୍ଷମତା ଦଖଲ କରିଥିଲା। ସେବେଠାରୁ ସେଠାରେ ସାମରିକ ଶାସନ ବିରୋଧରେ ଆନ୍ଦୋଳନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ପୋଲିସ କାର୍ଯ୍ୟାନୁଷ୍ଠାନରେ ୫୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ନିହତ ହେଲେଣି। ସାମରିକ ଶାସକଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଚାହୁଁ ନ ଥିବା ୧୯ ଜଣ ପୋଲିସ ଭାରତରେ ଶରଣ ଚାହିଁଥିବା ସେରଛିପ୍ ଏସ୍‌ପି ଷ୍ଟିଫେନ୍ ଲାଲ୍‌ରିନାମା କହିଛନ୍ତି।



# ଫେବୃୟାରୀରେ ହୋଣ୍ଡାର ୩୧% ବିକ୍ରି ବୃଦ୍ଧି

ଭୁବନେଶ୍ୱର,୪।୩

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କ୍ରମାଗତ ସପ୍ତମ ମାସ ପାଇଁ ବିକ୍ରିରେ ସକାରାତ୍ମକ ବୃଦ୍ଧି ହାସଲ କରିଛି। ୨୦୨୧ ଫେବୃୟାରୀରେ କମ୍ପାନୀ ବିକ୍ରିରେ ୩୧% ବୃଦ୍ଧି ହାସଲ କରି ୪,୧୧,୫୬୩ ୟୁନିଟ୍ ଗାଡ଼ି ବିକ୍ରି କରିଛି। ଗତବର୍ଷ ଏହି ମାସରେ କମ୍ପାନୀର ୩,୧୫,୨୮୫ ୟୁନିଟ୍ ଗାଡ଼ି ବିକ୍ରି ହୋଇଥିଲା। ସେହିପରି ଏହି ସମୟରେ କମ୍ପାନୀ ୩୧,୧୧୮ଟି ବିଏସ୍-୬ ମଡେଲ୍ ରପ୍ତାନି କରି ୧୬% ବୃଦ୍ଧି ହାସଲ କରିଛି। ଫେବୃୟାରୀରେ ଦେଶ ଭିତର ବିକ୍ରି ଓ ରପ୍ତାନିକୁ ମିଶାଇ କମ୍ପାନୀର ମୋଟ ବିକ୍ରି ୪,୪୨,୬୭୬ ୟୁନିଟ୍ ହୋଇଛି। ଗତବର୍ଷ ଫେବୃୟାରୀରେ ହୋଇଥିବା ୩୪୨,୦୨୧ ଗାଡ଼ି ବିକ୍ରି ତୁଳନାରେ ଏହା ୨୯% ଅଧିକ। ଗତବର୍ଷ ଫେବୃୟାରୀ ତୁଳନାରେ କମ୍ପାନୀ ଏକ ଲକ୍ଷରୁ ଅଧିକ ଗାଡ଼ି ବିକ୍ରି କରିଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ, ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ବିଏସ୍-୬କୁ ରୂପାନ୍ତର ଯୋଗୁଁ ସ୍ୱଚ୍ଛ ଆଧାର ପ୍ରଭାବରେ ଚତୁର୍ଥ ତ୍ରୟମାସ ଓ ଆସନ୍ତା ପ୍ରଥମ ତ୍ରୟମାସରେ ଦୁଇ ଅଙ୍କ ବିଶିଷ୍ଟ ବୃଦ୍ଧି ସହ ଶିଳ୍ପର ଅଭିବୃଦ୍ଧି ଦୁଇ ଅଙ୍କ ବିଶିଷ୍ଟ ହେବ ବୋଲି ଅନୁମାନ କରାଯାଉଛି। ହୋଣ୍ଡା ୨୦୨୧ର କ୍ରମାଗତ ଦୁଇ ମାସରେ ଦୁଇ ଚକିଆ ଚାହିଦାକୁ ଆଗକୁ ବଢ଼ାଇଛି। ବଜାରରେ ଆମର ତିନିଟି ନୂଆ ମଡେଲ୍ ସିବି୩୫୦ଆର୍‌ଏସ୍, ୨୦୨୧ ଆଫ୍ରିକା ଟ୍ୱିନ୍ ଆଡଭେଞ୍ଚର ସ୍ପୋର୍ଟସ୍, ଗ୍ରାଜିଆ ସ୍ପୋର୍ଟସ୍ ଏଡିସନ୍ ଭଳି ତିନିଟି ନୂଆ ମଡେଲ୍ ଜରିଆରେ ଆସନ୍ତା ମାସଗୁଡ଼ିକରେ ମଧ୍ୟ ଆମେ ସକାରାତ୍ମକ ବିକ୍ରି ଧାରା ଜାରି ରଖିବୁ ବୋଲି ଆମର ବିଶ୍ୱାସ ରହିଛି।

# ୟୋନୋ ସୁପର ସେଭିଂ ଡେ

ନୂଆଦିଲ୍ଲୀ,୪।୩

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ୟୋନୋ ସୁପର ସେଭିଂ ଡେ'ର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରଥମ ସଂସ୍କରଣର ସଫଳତା ପରେ ବ୍ୟାଙ୍କ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ମାର୍ଚ୍ଚ ୪ରୁ ଏହା ଆରମ୍ଭ ହେଉଥିବା ବେଳେ ୪ ଦିନବ୍ୟାପୀ ଏହା ଚାଲିବ। ଏଥିରେ ଗ୍ରାହକଙ୍କ ଲାଗି ବିଭିନ୍ନ ରେଞ୍ଜର ଅଫର ପ୍ରଦାନ କରାଯାଉଛି। ଶପିଂର ବିଭିନ୍ନ ବର୍ଗରେ ଗ୍ରାହକ ଏହି ଅଫର ସବୁ ଲାଭ କରିପାରିବେ। ୟୋନୋ ପ୍ଲାଟ୍‌ଫର୍ମରେ ରହିଥିବା ପ୍ରାୟ ୩୬ ଲକ୍ଷ ଗ୍ରାହକ ଏହାର ଫାଇଦା ପାଇପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଆକ୍ସିସ ବ୍ୟାଙ୍କର ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ,୪।୩

ବ୍ୟାଙ୍କିଙ୍ଗ୍ ସେବା ଯୋଗାଣ ଲାଗି ଆକ୍ସିସ ବ୍ୟାଙ୍କ ଏବଂ ହ୍ୱାଟ୍ସଆପ୍ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ଆକ୍ସିସ ବ୍ୟାଙ୍କ ଗ୍ରାହକ ବିଭିନ୍ନ ବ୍ୟାଙ୍କ ସେବା ଲାଭ କରିବାକୁ ସକ୍ଷମ ହେବେ। ଆକାଉଣ୍ଟ ବାଲାନ୍ସ, ନିକଟରେ ହୋଇଥିବା ନେଣଦେଣ, କ୍ରେଡିଟ କାର୍ଡ ପେମେଣ୍ଟ, ସ୍ଥାୟୀ ଏବଂ ରେକରିଂ ଜମା ବିବରଣୀ ଏବଂ ରିୟଲ ଟାଇମରେ ଗ୍ରାହକ ପଚାରୁଥିବା ପ୍ରଶ୍ନର ଉତ୍ତର ମିଳିପାରିବ। ହ୍ୱାଟ୍ସଆପ୍ ଚାର୍ଟରେ ଗ୍ରାହକ ବ୍ୟାଙ୍କିଙ୍ଗ୍ ଟ୍ରାଞ୍ଜାକଶନ, ନିକଟସ୍ଥ ଶାଖା ସମ୍ପର୍କିତ ସୂଚନା, ଏଟିଏମ୍, ଲୋନ୍ ସେଣ୍ଟର ଲୋକେଶନ ସହ ବିଭିନ୍ନ ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟ ଲାଗି ଆବେଦନ ମଧ୍ୟ କରିପାରିବେ।

## BHUBANESWAR MUNICIPAL CORPORATION

**e-Procurement Notice**

e-Mail: ee1@bmc.gov.in

No. C-582:-

| | | |
|---|---|---|
| 1. | Bid Reference No. | RFP Dt.**02.03.2021** |
| 2. | RFP No. | **15784** dtd.**02.03.2021** |
| 3. | Name of Work | Collection and Transportation of MSW In Bhubaneswar Municipal Corporation Area, Odisha (1) Package-I South East Zone (2) Package-II South West Zone(3) Package-III North Zone |
| 4. | EMD | Rs.10.00 Lakh /each Zone |
| 5. | Period of Completion | 7 (Seven Years) |

**Date and Time Schedule**

| Start | End | Opening |
|---|---|---|
| 3.00 P.M. of 04.03.2021 | 5.00 P.M. of 31.03.2021 | 12.00 Noon of 05.04.2021 |

6. Tender details can be seen for the e-Procurement portal **https://www.tendersodisha.gov.in** & BMC Website **https:// www.bmc.gov.in**

**Sd./- City Engineer**
OIPR-13002/11/0110/2021 **Bhubaneswar Municipal Corporation**

## GOVT. OF ODISHA, OFFICE OF THE SUPERINTENDING ENGINEER NORTH EASTERN RURAL WORKS CIRCLE, KEONJHAR

No. O-1206

Tel.: 06766-258301 (O), Mail ID: se_nerwkjr@rediffmail.com

**Identification No. PMGSY Online NCB No. 293**

No. 932 Date: 25.02.21

1. Name of the Work : Construction of Road & CD works under PMGSY (Balance Work) Programme
2. Total No. of Packages : 03 Nos. individual pacakges
3. Estiamted Cost of Individual packages : Varies from Rs.93.01 lakh to Rs.447.10 lakh
4. Period of Completion : 12 calendar months for works above Rs.5.00 Cr. & 11 Calendar months for works below Rs.5.00 Cr. upto 3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details :

| Procurement Officer | Bid Identification No. | No. of Packages | Availability of tender Online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No. 293 | 03 Nos. | 04.03.2021 at 11.00 A.M. | 18.03.2021 upto 5.00 P.M. |

- Further details can be seen from the website: **www.pmgsytenders.gov.in**.

**Sd./- Superintending Engineer, N.E.R.W. Circle, Keonjhar**
**OIPR-25048/11/0021/2021**

## OFFICE OF THE NAC, BALIMELA

Lr. No. 527/21/NAC **Quotation Call Notice** Dtd. 02.03.2021

No. C-581:- Sealed Quotations are invited from the intending firms / Dealers for supply of Computer Item to Balimela NAC. The rate should be quoted inclusive all taxes & fitting charges.The last date of the receipt of the quotation is 10/03/2021 by 2.00PM and the same will be opened on 10/03/2021 at 3.00 P.M. in the prescence of the quotationers or their authorised agents. The successful quotationers will supply the material within 03 (three) days from the date of issue of supply order.

| Sl. No. | Specifications | Qty | Rate | Amount |
|---|---|---|---|---|
| 1. | HP Desktop:- intel core i5-10th gen/ 4gb DDR- 4/1TB HDD / 19.5" monitor / Keyboard + mouse / window 10 | 05 | | |
| 2. | Dell Laptop:- intel core i5 4gb RAM / 1TB HDD + 256 SSD /15.6" display/ window 10 + Office | 05 | | |
| 3. | Projector EPSON-EB-W05:- WXGA / 3300 Lumens / Constract ratio-15,000/ Lamp hour 6,000 hours. | 01 | | |
| 4. | Brother DCP- B7535DW multifunction monochrome laser printer with auto duplex printing & Wifi (Toner box technology) / HP Laserjet pro MFP M126nw | 04 | | |
| 5. | Hike vision: 8/16 channel DVR, monitor including all accessories | 08 | | |
| 6. | Anti virus ( 3 User) 2 year | 01 | | |

The undersigned reserves every right for modification or cancellation of the quotation without giving any notice or reason thereof.

OIPR-13140/11/0002/2021 **Sd./- Executive Officer, NAC, Balimela**

## ODISHA PUBLIC SERVICE COMMISSION CUTTACK

**NOTICE**

**No. 1649/P.S.C., Dt. 03.03.2021**
**(1E-13-2020-21) (DR-II)**

**No. D-185:-** It is for information of all concerned that, the physical verification of original certificates, documents etc. in respect of **59** candidates, who have appeared the written examination held on 14.02.2021, for recruitment to the posts of Assistant Professors (Super Speciality) in 10 disciplines, pursuant to the Advt. No. **11 of 2018 -19**, will be held in the office of the Commission at 19, Dr. P. K. Parija Road, Cuttack - 753001 **from 15.03.2021 to 17.03.2021** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner), three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para - 9** of the aforesaid Advertisement and duly filled in "Attestation Form" (to be downloaded from the website of the Commission) and submit the same in **person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy / deficiency found at any stage before or after the verification of original certificate / documents and is subject to fulfillment of terms and conditions laid down in the advertisement.

**PROGRAMME OF VERIFICATION**

| Date | Time of Verification | Disciplines | Roll numbers of candidates |
|---|---|---|---|
| 15.03.2021 | 10.30 A.M. | Clinical Haematology | 100102 = **01 Candidate** |
| | | C.T.V.S. | 100201 = **01 Candidate** |
| | | Plastic Surgery | 100801, 100802, 100803, 100804, 100805, 100806, 100807, 100808, 100809, 100810, 100811, 100812 & 100813 = **13 Candidates** |
| | 2.30 P.M. | Paediatric Surgery | 100701, 100702, 100703, 100704, 100705, 100706 & 100707 = **07 Candidates** |
| 16.03.2021 | 10.30 A.M. | Urology | 100901, 100902, 100903, 100904, 100905, 100906, 100907, 100908, 100909, 100910, 100911 & 100912 = **12 Candidates** |
| | | Nephrology | 100501 & 100503 = **02 Candidates** |
| | 2.30 P.M. | Gastroenterology & Haepatalogy | 100401 & 300001, 100402 & 300002, 100403 & 300003, 100405 & 300004, 100406 & 300005, 100407 & 300006, 100408 & 300007 = **07 Candidates** |
| | | Gastroenterology | 100404 = **01 Candidate** |
| 17.03.2021 | 10.30 A.M. | Neurosurgery | 100602, 100603, 100604, 100605, 100606, 100607, 100608, 100609, 100610, 100611 & 100612 = **11 Candidates** |
| | | Endocrinology | 100301, 100302, 100303 & 100305 = **04 Candidates** |

**N.B. - The candidates are advised to report at the office of the Commission one hour before the commencement of verification on their scheduled dates & time as mentioned against each.**

**The candidates applied for both the post of Asst. Professor (Haepatology) & Asst. Professor (Gastroenterology) are required to come with online application form and xerox copies of all certificates / documents along with original of the same as per Para - 9 of the aforesaid Advertisement & duly filled in "Attestation Form" for each discipline separately.**

OIPR-12002/11/0083/2021 **Sd./- Secretary**

## ZILLA SWASTHYA SAMITI, RAYAGADA (UNDER NATIONAL HEALTH MISSION)

### CANCELLATION NOTICE FOR ENGAGEMENT OF WORK CONSULTANT UNDER NHM

**Notice No. 2074/NHM/2021** **Date: 3.3.2021**

No. E-606: Advertisement publish in daily Newspaper 'The Sambad' vides Advertisement No. 03/NHM 2018 dated 24.11.2018 for the Post of work Consultant under NHM is hereby cancelled due to Administrative in-Conveyance.

### In House Advertisement

**Advertisement No. 2075/NHM/2021** **Date: 3.3.2021**

ZSS, Rayagada invites the applications from in-house contractual employees of NHM working in same post under OSH & FWS Society in other district and desiring to be posted in Rayagada district. Interested candidates are requested to log on the district website i.e. **(www.rayagada.nic.in)** for downloading the application forms, detail vacancies and guideline etc. The complete filled application forms along with other documents should reach the office of **CDM & PHO, Rayagada, At/P.O.-DHH, Rayagada, PIN - 765001 by 20.03.2021 at 5.00 P.M. throug Speed/Regd. Post only**. The under signed reserves right to reject/cancel any or all application without assigning reason thereof.

**Sd./- CDM & Public Health Officer**
**Rayagada**
**OIPR-10035/11/0009/2021**

## OFFICE OF THE CHIEF DISTRICT VETERINARY OFFICER, GANJAM, BERHAMPUR

**Phone/Fax No. 0680-2226131, Email: cdvoganjam07@gmail.com**
**Notice No. XXIII/1/2019/1301/CDVO, Ganjam, Berhampur**
**Dated: 02.03.2021**

No. M-53: In pursuance to the Director of Animal Husbandry and Veterinary Services, Odisha, Cuttack Letter No. 11298 Dated: 10.07.2020. Sealed tender in plain paper are invited from interested and registered service providers offering/providing manpower of different category of service in Government/Non-Government/ Private Sector on monthly remuneration basis for engagement of manpower (Requirement of one Driver & one Attendant to work in Animal Ambulance of Ganjam District) under Chief District Veterinary Officer, Ganjam, Berhampur. The Driver & Attendant shall obey, oblige and carry out instructions from the Department Staff. The age of attendant and Driver should not be more than 40 years and below 18 years. The attendant will must have minimum 8th Pass (At least one subject in Odiya). He shall behave in an acceptation cordial and obedient manner, he will assist the Veterinary Officer for Ambulance/ Animal helpline activites. The driver will have a valid Driving Licence and should be non-alcoholic, well behaved person. The Driver will be paid remuneration of Rs.13,000/- and the attendant will be paid remuneration Rs.10,000/- per month inclusive of all taxes.

Selection of the serive provider will be made as per the approval of the Director of Animal Husbandry and Veterinary Services, Odisha, Cuttack and after execution of agreement necessary order will be placed for engagement.

The tender paper should contain the following **self attested** documents (Xerox copy) of the bidder which will be verified with the original one at the time of opening of the tender. The Technical and Financial Bid should be submitted separately.

**TECHNICAL BID:**

1. Application - Technical Bid
2. Copy of registration of agency in the Office of the Inspector - General of Registration-cum-Registrar of Firms, Odisha, Cuttack.
3. Copy of the 1st age of Bank Account of agency.
4. Copy of PAN/GIR Card of agency.
5. Copy of the IT Return filled by agency for last 3 financial year.
6. Copy of valid GST Registration Certificate for supply of manpower with uptodate GST return copy.
7. Copy of P.F. Registration Letter/Certificate.
8. Copy of the E.S.I. Registration Letter/Certificate.
9. Copy of Audit Report of the agency with balance sheet & profit loss statement for last 3 financial year.

**FINANCIAL BID**

| Name of the Agency | Category | Deduction Towards | | GST | Service charges (Commission) | Net payment to the person engaged | Total (Col. 3 to 7) |
|---|---|---|---|---|---|---|---|
| | | EPF | ESI | | | | |
| 1 | 2 | 3 | 4 | 5 | 6 | 7 | 8 |
| | Driver | | | | | | 13,000 |
| | Attendant | | | | | | 10,000 |

The sealed tender with all enclosuers noted above adress to **The Chief District Veterinary Officer, Military Lines, Berhampur - 760001, District - Ganjam** should be reach the O/o. the C.D.V.O., Ganjam, Berhampur on or before **24.03.2021 by 5 P.M.** positively either by Post/in person. The sealed tender will be opened in presence of the service provider or their representative on 25.03.2021 at 11 A.M. in the Office Chamber of the Chief District Veterinary Officer, Ganjam, Berhampur. The tender fulfilling all criteria will be accepted and orders for engagement of man-power will be issued on the same date after negotiation. Absence of any or all bidder will not be a bar to open the tender. The undersigned reserves the right to accept/reject/modify/ cancel any or all the tender without assigning any reason thereof. All legal disputes if any arises relating to this tender are subject to jurisdiction in the courts of law situated at Berhampur, Ganjam, Odisha only.

**Sd./- Chief District Veterinary Officer**
**Ganjam, Berhampur**
**OIPR-06032/11/0006/2021**

## OFFICE OF THE NOTIFIED AREA COUNCIL, GANJAM

**Main Road, Ganjam, Dist.- Ganjam, Odisha, PIN - 761026**
**Email: eo.nacganjam@gmail.com, Phone: 06811-254357**
**File No.** **Letter No. 484/NAC** **Dated: 02.03.21**

### EXPRESSION OF INTEREST

No. C-583: The Executive Officer, NAC, Ganjam on behalf of NAC, Ganjam invites "Expression of Interest" from Comptroller & Auditor General Empanelled Audit firms for auditing of annual accounts (DEABAS) of NAC Ganjam, Dist.- Ganjam from the F/Y 2014-15 to 2019-20. The expression of interest should indicate the audit fees per year basis including taxes, TA, DA and accommodation charges if any, with detail bio-data of the firm and it should reach to the Office of the undersigned in sealed envelope on or before 06.03.2021 (including holidays as office is working on 5th & 6th of March 21 due to year end closing work) by 2.00 P.M. by Speed Post/ Registered Office/in Hand. The maximum fee of audit and criteria for selection is hereunder. The EOI will be opened in 6th of March 21 at 4.00 P.M. The interested firm/organization etc. or their authorized representatives shall attend the same.

The Executive Officer reserves all the right to accept/reject any or all without assigning any reason thereof.

**Technical Criteria for Selection:**

| | |
|---|---|
| Nos. of CA in the firm | Upto 10 Nos. - 10 marks |
| | 11 to 20 Nos. - 20 marks |
| Nos. of years of establishment of firm | Upto 15 years - 10 marks |
| | 15-25 years - 15 marks |
| | 25-35 years - 20 marks |
| | Above 35 years - 25 marks |
| Turnover per annum | Upto 20 lakhs - 10 marks |
| | 21 to 40 lakhs - 15 marks |
| | Above 40 lakhs - 20 marks |
| Audit experience maximum 30 marks | Govt. Audit each organization - 5 marks |
| | PSU Audit each organization - 5 marks |
| Head Office | In Odisha - 5 marks |
| | Outside Odisha - 0 marks |

**Scope of Works:** Preparation of financial statement i.e. income & expenditure account, balance sheet all schedules to income and expenditure and balance sheet, receipt payment account and trial balance etc. and bank reconsiliation statement audit from 2014-15 to 2019-20 (year wise).

**Terms & Condition:**

1. Fees per year - Rs.30,000/- (Rupees thirty thousand only).
2. Necessary documents such as GSTN/PAN/Registration of firm/CAG emplaned certificate or documents should be attached.
3. All documents should be attached as indicate in the criteria for selection.

**Sd./- Executive Officer, NAC, Ganjam**
**OIPR-13073/11/0004/2021**

## OFFICE OF THE MUNICIPAL COUNCIL, BALASORE

**Tel & Fax No. 06782-251222; E-mail: balasoremunicipality@rediffmail.com**
**No. 2379** **QUOTATION CALL NOTICE** **Dt. 01.03.2021**

No. C-577:- The Executive Officer, Balasore Municipality on behalf of Balasore Municipal Council, Balasore invites sealed quotation from intending supplying firms regarding supply of street furniture's under Balasore Municipality Area in the format as furnished below.

**QUOTATION SCHEDULE**

| Sl. No. | Description | Size of furniture | Total Amount in Rs. (including GST) |
|---|---|---|---|
| 1 | RCC BENCH-BAMBOO DESIGN 50mm thick | 5' wide x 3'3" height | |
| 2 | RCC BENCH-CERAMIC TILE FITTING 50mm thick | 5' wide x 3'3" height | |
| 3 | RCC BENCH- HANDLE DESIGN 50mm thick | 5' wide x 3'3" height | |
| 4 | RCC BENCH- RAILWAY TYPE DESIGN 60mm thick | 5' wide x 3'3" height | |

The quotationer shall apply in plain paper or letter pad along with the requisite documents as furnished below & on the top of the envelope be mentioned as "Quotation for Supply of Street Furnitures" which should be mouth sealed. The sealed quotation will be received up to 03.00 P.M. on dt.10.03.21 in the Tender Box kept near the Office Chamber of the Executive Officer, Balasore Municipality which will be opened at 11.00 AM on dt.12.03.21 in the Office Chamber of the Undersigned in presence of the quotationer or their authorized representatives who may be present at the time of opening of the quotation.

**TERMS & CONDITIONS SHOULD BE IN THIS WAY AS FURNISHED BELOW:**

1. The quotationer shall quote the rate inclusive of all taxes against per Unit. 2. The materials should be made delivered to the Office of the undersigned at its own cost of the firm. 3. Any transportation charges should not be paid extra by this establishment & any breakage during transportation of the materials should be compensated by the supplying firm itself. 4. Any defection regarding colour, manufacture defect should be borne by the supplying firm for a period of one (02) year at least. And that should be ensured in written by the quotationer in the quotation paper. 5. The firm should enclose the photocopy of its PAN Card, GST Certificate along with their quotation. 6. The materials ordered should be received after verifying the quality & quantity by the Engineer Concern. 7. The payment will be made after submission of the invoice in shape of A/C Payee cheque as regards to availability of funds. 8. The details list with location is available in the Office of the Executive Officer, Balasore Municipality. 9. The Supply and Installation should be made by the selected supplying firm within the stipulated period as and when required as specified in the supply order.

**The authority have every rights to reject any or all tenders without assigning any reason thereof.**

OIPR-13067/11/0002/2021 **Sd./- Executive Officer, Balasore Municipality**

See Career Appointment on every Wednesday & Saturday

## BHUBANESWAR MUNICIPAL CORPORATION

**Progress through Partnership for better Bhubaneswar**

No.16040 Date: 03.03.2021

**Corrigendum No. XV to RFP No. 24763, Dt.10.09.2019**

No.C-584:- The reply to pre-bid queries along with revised RFP for Biomining of Legacy Waste located at the Dumpsite in Bhuasuni, Bhubaneswar is uploaded in BMC website, i.e. www.bmc.gov.in. The revised RFP document can be downloaded from the website www.bmc.gov.in from Dt.04.03.2021, 15.30 hours onwards. The last date of receipt of proposal is extended upto Dt.03.04.2021 till 15.30 hours. Bidders are requested to send their queries if any electronically to the email id. dc-sanitation@bmc.gov.in on or before Dt.09.03.2021, failing which no query shall be entertained by BMC.

By Order

**Sd./- Deputy Commissioner (Sanitation)**
**Bhubaneswar Municipal Corporation**
OIPR-13002/11/0111/2021

## GOVERNMENT OF ODISHA OFFICE OF THE EXECUTIVE ENGINEER, P.H. DIVISION, BERHAMPUR

**Phone # 0680-2233978, FAX # 0680-2233833**
No. C-573 **Email: eephbam@gmail.com/eephbam.nic.in**

**NATIONAL COMPETITIVE BIDDING THROUGH e-Procurement**

**Invitation For Bids (IFB)**

**Bid Identification No. EEPHBAM 15/2020-21 Dt. 01.03.2021**

1. Name of the work : Supply of Ductile Iron Pipes for Water supply works of different State Plan works during 2020-21"
2. Estimated cost : Rs. 831.88 Lakhs
3. Period of completion : 3 (Three) Months
4. Date & time of availability of bid document in the portal : From 11.00 Hrs. of 06.03.2021 to 17.30 Hrs. of 29.03.2021.
5. Last date / time of receipt of bids in the portal : Upto 17.30 Hrs. of 29.03.2021
6. Date & time of opening of technical bids : 11.00 Hrs. of 30.03.2021
7. Name and address of the Officer Inviting Bid : The Executive Engineer, P.H. Division, Berhampur, Odisha, Phone: 0680- 2233978
8. The bidders have to participate in ONLINE bidding only.

Further details can be seen from the website **http://tendersodisha.gov.in/**

**Sd./- SUPERINTENDING ENGINEER,**
**P.H. DIVISION, BERHAMPUR**
**OIPR-13020/11/0006/2021**

## Govt. of Odisha Department of W&CD and Mission Shakti Odisha State Child Protection Society, (OSCPS)

**Mission Shakti Bhawan, Gandamunda, Pokhariput, Bhubaneswar- 751030**
**Ph.No.2353122/2353049**
**E-mail-ao.oscps.od@nic.in**
**No. 459/OSCPS/TIA/0079/2020 Dt: 03.03.2021**

### TENDER CALL NOTICE

No.g-42:- Sealed Tenders are invited from interested Registered Firms for the Printing and supply of IEC Materials for Odisha State Child Protection Society, (OSCPS). The Tender completed in all respect shall be deposited in the office of Director, Odisha State Child Protection Society, OSCPS, Mission Shakti Bhawan, Gandamunda, Bhubaneswar- 751030 on or before Dt.24.03.2021 by 4 P.M. through Registered Post / Speed Post only. The application form of the Tender containing General Bid information and terms & conditions can be downloaded from the website- www.wcdodisha.gov.in from 04.03.2021 to 24.03.2021. The authority reserves the right to modify/cancel the Tender at any point of time.

**Sd./- Director, Odisha State Child Protection Society**
OIPR-33014/11/0009/2021

## ODISHA HYDRO POWER CORPORATION LTD.

OHPC

**(A Gold Rated State PSU)**
**O/o. SR. GENERAL MANAGER, RENGALI HYDRO ELECTRIC PROJECT**
**P.O.: RENGALI DAM SITE, PIN- 759105, DIST.- ANGUL (ODISHA)**
**TEL.: 06760-277214, FAX: 06760-277324, Email: sgmel500@gmail.com**
**No.: RHEP/C & P/PUR-III-23/1222** **Date: 26.02.2021**

**NOTICE INVITING TENDER No. RHEP-41/2020-21**

No.: CAD-1425: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from reputed firm/agency/contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Dismantling of Corroded Shaft Seal Strainer System and Turbine Pit pump priming Pipeline, Supply of materials and installation of new Shaft Seal Strainer System & Pit Pump priming pipe line, including painting with anticorrosive paint (Green) for the Five Nos. of Generating Units of Rengali Power House. | Rs.2,360/- (Rs.2,000/- + GST @ 18%) | Rs.4,720/- | From Dtd.02.03.2021 to Dtd.12.03.2021 upto 04.00 P.M. | Dtd.12.03.21 upto 04.30 P.M. | Dt.15.03.21 at 04.30 P.M. |

For details and further correspondence/corrigendum, please visit our website **www.ohpcltd.com**.

**OIPR-04005/11/0045/2021** **Sd./- C & P Head, RHEP, Rengali**

## OFFICE OF THE MUNICIPAL COUNCIL, BELPAHAR

**Tel.: 06645-250458, Fax: 06645-250236, E-mail: nacbelpahar@gmail.com**

**No. 487 / Dt.02.03.2021**

**1ST CORRIGENDUM TO**
**QUOTATION CALL NOTICE No. 402 Dt.25.02.2021**

No. C-585: In partial rectification to this office Quotation Call Notice No. 402 Dt.25.02.2021 it is hereby notified that instead of the line of the original notice in Sl. No. 29 mentioned as **"The final figure against column No. 10 would be desiding the lowest bidder"** may be read as **"The final figure against column No. 9 would be deciding the lowest bidder"**.

The other terms & conditions of the notice are remain unchanged.

**Sd./- Executive Officer**
**Belpahar Municipality**
**OIPR-13024/11/0002/2021**

## OFFICE OF THE DIVISIONAL FOREST OFFICE, NAYAGARH DIVISION

**Phone: - 06753-253226, Fax:- 06753-252226**
**E-mail:- dfo_nayagarh@rediffmail.com / dfonayagarh2016@gmail.com**

### TENDER NOTICE

**Last date for sale of tender paper : 12.03.2021 (5.30 PM)**
**Last date for submission of tender paper : 15.03.2021 (1.30 PM)**

No. MM-178: Sealed tenders are invited by the undersigned from the Transport Contractors for transportation of Car timbers of Lord Jagannath, Puri for 2021 Car festival from different truckable points of Nayagarh, Khandapada, Gania and Daspalla Range jurisdictions under Nayagarh Forest Division to Rath Khala, Puri and OFDC Saw mill, Khapuria, Cuttack over an average lead of 220 KM approximately. The last date for submission of tender paper in this office is dt. 15.03.2021 up to 1.30 PM. The tender received after 1.30 PM on dt. 15.03.2021 will be rejected. The tender paper will be opened on the same day at 4.00 PM. If any unavoidable circumstances are noticed on the same day, the tender will be opened in the next day at the same time, i.e. on dt. 16.03.2021 at 4.00 PM. The tender paper can be obtained from this office @ Rs.200/- per each paper from the date of publication of this advertisement in all working days up to 12.03.2021 (5.30 PM). The tenderers are required to submit E.M.D. in shape of Bank Draft/ Bankers cheque worth of Rs. 25,000/- (Rupees twentyfive thousand) only drawn in any Nationalised Bank in favour of the Divisional Forest Officer, Nayagarh payable at State Bank of India, Main Branch, Nayagarh only alongwith the tender paper. Tender paper without E.M.D. will be rejected. For further details, the undersigned may be contacted during office hours of working days. The undersigned reserves the right to cancel any or all tender without assigning any reason thereof.

| Name of the Species | Length & Girth of the logs to be Transported | No. of logs. |
|---|---|---|
| Asan | 12' x 3' | 05 logs |
| Dhaura | 12' x 3' | 17 logs |
| Asan | 20' x 3' | 15 logs |
| Dhaura | 20' x 3' | 29 logs |
| Dhaura | 20' x 4' | 12 logs |
| Phasi | 14' x 6' | 59 logs |
| Simili | 14' x 6' | 03 logs |
| | TOTAL : | 140 logs |

**Divisional Forest Officer, Nayagarh Division**
OIPR-08026/11/0007/2021

# କଳାବ୍ୟାଜ୍ ପିନ୍ଧିବେ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ

- ଉଦ୍ୟୋଗୀ ସପ୍ତାହକୁ ବୟକଟ୍ କରିବେ
- କ୍ଷୁଦ୍ରଶିଳ୍ପର ସମସ୍ୟା ନେଇ ନୀରବ ପ୍ରତିବାଦ
- ଏମ୍‌ଏସ୍‌ଏମ୍‌ଇ ସମସ୍ୟା ଅଣଦେଖାକୁ ନେଇ ଅସନ୍ତୋଷ




ଭୁବନେଶ୍ୱର,୪।୩

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସକୁ ରାଜ୍ୟରେ ଉଦ୍ୟୋଗୀ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାରଠାରୁ ଭୁବନେଶ୍ୱରରେ ଏମ୍‌ଏମ୍‌ଏମ୍‌ଇ ମେଳା ଆୟୋଜନ କରାଯାଉଛି। ଏପଟେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ପ୍ରମୁଖ ସଂଘଗୁଡ଼ିକ ପକ୍ଷରୁ ଉଦ୍ୟୋଗୀ ସପ୍ତାହକୁ ବୟକଟ୍ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ସଂଘଗୁଡିକ ଗୁରୁବାର ଏକ ମିଳିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଏହି ସପ୍ତାହକୁ ନୀରବ ଭାବେ ପ୍ରତିବାଦ କରିବା ସହ ଚଳିତ ମାସ ୫ରୁ ୯ତାରିଖ ଯାଏ କଳାବ୍ୟାଜ୍ ପରିଧାନ କରିବା ଲାଗି କ୍ଷୁଦ୍ରଶିଳ୍ପ ଉଦ୍ୟୋଗୀ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟର ଲକ୍ଷ ଲକ୍ଷ ଏମ୍‌ଏସ୍‌ଏମ୍‌ଇ କରୋନା ଯୋଗୁ ସଙ୍କଟ ଦେଇ ଗତି କରୁଛି। ଏଭଳି ସମୟରେ କ୍ଷୁଦ୍ରଶିଳ୍ପର ସମସ୍ୟା ସମାଧାନ କରିବାକୁ ସଂଘଗୁଡିକ ସହ ସରକାର ଆଲୋଚନା କରନ୍ତୁ ବୋଲି ନିବେଦନ କରାଯାଇଛି। ସେହିଭଳି କ୍ଷୁଦ୍ର ଶିଳ୍ପର ସ୍ୱାର୍ଥରକ୍ଷା ଲାଗି ସରକାରଙ୍କ ବିଭିନ୍ନ କମିଟି, ବୋର୍ଡଗୁଡିକରେ ଏମ୍‌ଏସ୍‌ଏମ୍‌ଇ ସଂଘଗୁଡିକର ଉପଯୁକ୍ତ ପ୍ରତିନିଧିତ୍ୱ ନେଇ ଦାବି କରାଯାଇଛି। ବିଭିନ୍ନ କମିଟି ଓ ବୋର୍ଡଗୁଡିକରେ ସଙ୍ଗଠନଗୁଡିକର ପ୍ରତିନିଧିତ୍ୱକୁ ସରକାର କାଟଛାଣ୍ଟ କରୁଛନ୍ତି। ଏହା ଶିଳ୍ପର ସ୍ୱାର୍ଥକୁ ବାଧା ପହଞ୍ଚାଉଥିବା ସଂଘଗୁଡିକ ପକ୍ଷରୁ କୁହାଯାଇଛି। ସେହିଭଳି କ୍ଷୁଦ୍ରଶିଳ୍ପ ଲାଗି କୌଣସି ନୀତି ନିର୍ଦ୍ଧାରଣ କରିବା ବେଳେ ଅଂଶୀଦାରଙ୍କ ମତାମତ ନିଆଯାଉ ନ ଥିବାରୁ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ବିଚାରବିମର୍ଶ କରି ମତାମତ ନିଆଯାଉଥିବା ବେଳେ ଏବେ ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ଓଡ଼ିଶା କ୍ଷୁଦ୍ରଶିଳ୍ପ ସଂଘ(ଓସିଆ)ର ସ୍ୱରଜିତ ମହାନ୍ତି କହିଛନ୍ତି, ବିନା ବିଚାରବିମର୍ଶରେ ଅଧାପନ୍ତରିଆ ଭାବେ ସରକାର ନୀତି ପ୍ରସ୍ତୁତକରି ଏମ୍‌ଏସ୍‌ଏମ୍‌ଇ ଉପରେ ଲଦିଦେଉଛନ୍ତି। ଫଳରେ କ୍ଷୁଦ୍ରଶିଳ୍ପର ଅଭିବୃଦ୍ଧିରେ ବାଧା ସୃଷ୍ଟି ହେଉଛି। ଏମ୍‌ଏସ୍‌ଏମ୍‌ଇର ଉନ୍ନତି ଏବଂ ଉଦ୍ୟୋଗ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଏମ୍‌ଏସ୍‌ଏମ୍‌ଇ ଏବଂ ଶିଳ୍ପ ବିଭାଗକୁ ପୃଥକ୍ କରାଯାଇଥିଲା। ହେଲେ ଏମ୍‌ଏସ୍‌ଏମ୍‌ଇ ବିଭାଗ କ୍ଷୁଦ୍ରଶିଳ୍ପର ବିକାଶ ଦିଗରେ ବିହୀତ ପଦକ୍ଷେପ ନେଉ ନ ଥିବାରୁ କ୍ଷୁଦ୍ରଶିଳ୍ପଗୁଡିକ ସମସ୍ୟା ସହ ଜୁଝୁଛନ୍ତି।

ସଂଘଗୁଡିକ ପକ୍ଷରୁ କୁହାଯାଇଛି, ଓଏସ୍‌ଏମ୍‌ସିଏଲ୍ କାରବାର ପରିମାଣ ବା ଟର୍ନଓଭର କ୍ଷେତ୍ରରେ ରିହାତି ବ୍ୟବସ୍ଥାକୁ ଅଣଦେଖା କରୁଛି। ଏପରିକି ଓଏସ୍‌ଆଇସି ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଦାବିକୁ ଉପେକ୍ଷାକରି ରେଟ୍ କଣ୍ଟ୍ରାକ୍ଟରେ ଥିବା ବହୁ କୋଟି ମୂଲ୍ୟର ଆସବାବପତ୍ର ଏକ ନିର୍ଦ୍ଦିଷ୍ଟ କମ୍ପାନୀରୁ କିଣୁଛନ୍ତି। ସେହିଭଳି ସରକାରଙ୍କ କେତେକ କର୍ପୋରେଶନ ଏବଂ ବିଭାଗ ସରକାରୀ ନୀତିର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଇଏମ୍‌ଡି ଛାଡ଼, ପରଫରମାନ୍ସ ସିକ୍ୟୁରିଟି କ୍ଷେତ୍ରରେ ରିହାତି ଏବଂ ଟର୍ନଓଭର କ୍ଷେତ୍ରରେ ରିହାତି ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଉଥିବାରୁ ଏହା କ୍ଷୁଦ୍ରଶିଳ୍ପ ଲାଗି କ୍ଷତିକାରକ ହୋଇଛି। ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ(ଓସ୍‌ମେ)ର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇଠାରୁ ଉତ୍ପାଦ କିଣା ନୀତିକୁ ସରକାରୀ ସଂସ୍ଥା ଏବଂ ବିଭାଗ ଖୋଲାଖୋଲି ଭାବେ ଅଣଦେଖା କରୁଛନ୍ତି; ଯାହା କ୍ଷୁଦ୍ରଶିଳ୍ପର ବିକାଶକୁ ବାଧାପ୍ରାପ୍ତ କରୁଛି। ଏ ନେଇ ବାରମ୍ବାର ସରକାରଙ୍କ ଧ୍ୟାନ ଆକର୍ଷଣ କରୁଛୁ। କ୍ଷୁଦ୍ରଶିଳ୍ପ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ସରକାର ଏହି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ଓୟେଆର ସଭାପତି ମିହିର କାନୁନ୍‌ଗୋ, ୟୁପିଏମ୍‌ର ସଭାପତି ଭାଗୀରଥି ନନ୍ଦ, ଓଇଆର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

## ୬ଶହ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୪।୩: ଗୁରୁବାର ଭରତୀୟ ଶେୟାର ବଜାର ଉପରେ ପ୍ରଭାବିତ ରହିଛି। ଏଥିରେ ପ୍ରାୟ ୬୦୦ ପଏଣ୍ଟ ହ୍ରାସ ପାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ସୂଚକାଙ୍କ ୫୯୮.୫୭ ପଏଣ୍ଟ ବା୧.୧୬% କାରବାର ହ୍ରାସ ସହ ୫୦,୮୪୬.୦୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ଏନ୍‌ଏସ୍‌ଇ ନିଫ୍ଟିସୂଚୀ ଅନୁସାରେ ୧୬୪.୮୫ ପଏଣ୍ଟ ବା ୧.୦୮% କାରବାର ହାସ ହୋଇ ୧୫,୦୮୦.୭୫ରେ ପହଞ୍ଚିଛି। ଅଲ୍ଟ୍ରାଟେକ୍ ସିମେଣ୍ଟ, ଆଦାନୀ ପୋର୍ଟସ୍, ଶ୍ରୀ ସିମେଣ୍ଟ, ଡକ୍ଟର ରେଡ୍ଡି ଓ ଗ୍ରାସୀମ ଭଳି କମ୍ପାନୀର ଶେୟାର କାରବାର ସବୁଜ ସଙ୍କେତରେ ବନ୍ଦ ହୋଇଛି। ସେହିପରି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ, ଏଚ୍‌ଡିଏଫ୍‌ସି, ହିଣ୍ଡାଲକୋ, ଟାଟା ଷ୍ଟିଲ ଏବଂ ଟାଟା ମୋଟର୍ସର ଶେୟାର ପ୍ରଭାବିତ ସ୍ତରରେ ବନ୍ଦ ହୋଇଛି।

## ଏଏମ୍‌ଏନ୍‌ଏସ୍‌କୁ ଗ୍ରୀନ୍‌ଟେକ୍ ସୁରକ୍ଷା ପୁରସ୍କାର

ନୂଆଦିଲ୍ଲୀ,୪।୩: ଆର୍ସେଲର ମିତ୍ତଲ ଏବଂ ନିପନ ଷ୍ଟିଲ୍ ଇଣ୍ଡିଆ(ଏଏମ୍‌ଏନ୍‌ଏସ୍)କୁ ଗ୍ରୀନ୍‌ଟେକ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି କମ୍ପାନୀ ଏଭଳି ଆୱାର୍ଡ ଲାଭ କରିଛି। କମ୍ପାନୀର ପୁଣେସ୍ଥିତ ପ୍ଲାଣ୍ଟର ବିଭିନ୍ନ ପଦକ୍ଷେପକୁ ବିଚାରକରାଯାଇଛି। ପୁରସ୍କାର ଲାଗି ପ୍ରାୟ ୧୬ଟି ମାନକକୁ ଧ୍ୟାନରେ ରଖାଯାଇଥିଲା। କମ୍ପାନୀର ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ ମୁଖ୍ୟ ଜି.ଜୟା ପ୍ରକାଶ ଚେନ୍ନାଇର ଓଏଚ୍‌ଏସ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଥିବା କମ୍ପାନୀର ସିଇଓ ରେଭିନିପତି ଶ୍ରୀଧର କହିଛନ୍ତି।

# ଏଲ୍‌ଆଇସି ସମ୍ବର୍ଦ୍ଧିତ



ମୁମ୍ବାଇ,୪।୩

କୋଭିଡ-୧୯ ମହାମାରୀ ସମୟରେ ଉଲ୍ଲେଖନୀୟ କାର୍ଯ୍ୟଲାଗି ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ସମ୍ବର୍ଦ୍ଧିତ ହୋଇଛି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିଆରି ମୁମ୍ବାଇସ୍ଥିତ ରାଜଭବନଠାରେ କମ୍ପାନୀକୁ ସମ୍ବର୍ଦ୍ଧିତ କରିଥିଲେ। କମ୍ପାନୀର ଏମ୍‌ଡି ବିପିନ ଆନନ୍ଦ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ। ମହାମାରୀ ସମୟରେ ଏହାର ବୀମାଧାରୀଙ୍କୁ ଏଲ୍‌ଆଇସି ବିଭିନ୍ନ ସେବା ପ୍ରାଥମିକତା ଭିତ୍ତିରେ ଯୋଗାଇ ଦେଇଛି। ପଲିସିଧାରୀଙ୍କ ଆକସ୍ମିକ ମୃତ୍ୟୁରେ ଡେଥ୍ କ୍ଲେମର ତ୍ୱରିତ ସମାଧାନ, ବିଭିନ୍ନ ପଲିସିର ଅର୍ଥ ଲୋକଙ୍କୁ ତ୍ୱରିତ ପ୍ରଦାନ କରିବା, ଡିଜିଟାଲ ଚ୍ୟାନେଲରେ ପେମେଣ୍ଟ କଲେକ୍ସନ, ପିଏମ୍ କେୟାର୍ସ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଯୋଗଦାନ, କୋଭିଡ ସାମଗ୍ରୀ ପ୍ରଦାନ ଏବଂ କୋଭିଡ ଯୋଦ୍ଧାଙ୍କ ଲାଗି ବିଭିନ୍ନ ସାମଗ୍ରୀ ଯୋଗାଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ କମ୍ପାନୀ ହାତକୁ ନେଇଛି। ଏଭଳି କାର୍ଯ୍ୟକ୍ରମ କମ୍ପାନୀ ଲୋକଙ୍କ ହିତକୁ ନଜରରେ ରଖି ଗ୍ରହଣ କରାଯାଇଥିବା କମ୍ପାନି ପକ୍ଷରୁ ସୂଚନା ରହିଛି।

# କ୍ୟାପ୍‌କୋକୁ ଅଧିଗ୍ରହଣ କଲା ୱିପ୍ରୋ

ବାଙ୍ଗାଲୋର,୪।୩: ପ୍ରମୁଖ ଆଇଟି କମ୍ପାନୀ ୱିପ୍ରୋ ଲଣ୍ଡନ ଭିତ୍ତିକ କନସଲଟାନ୍ସି ଫାର୍ମ କ୍ୟାପକୋକୁ ଅଧିଗ୍ରହଣ କରିଛି। ଗୁରୁବାର ଏ ସମ୍ପର୍କରେ କମ୍ପାନୀ ବିସ୍ତୃତ ସୂଚନା ପ୍ରଦାନ କରିଛି। ୧.୪୫ ବିଲିୟନ ଡଲାରରେ ଏହି ଡିଲ୍ ହୋଇଥିବା ଜଣାପଡିଛି। ଲଣ୍ଡନର ଏହି ବୃହତ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି କନସଲଟାନ୍ସି ଫାର୍ମର ସମ୍ପୂର୍ଣ୍ଣ ଅଧିଗ୍ରହଣ ଜୁନ ଶେଷ ସୁଦ୍ଧା ଶେଷ ହେବା ନେଇ ଆକଳନ କରାଯାଇଛି। ଲଣ୍ଡନରେ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ରହିଛି। ସେଠାରୁ ଉକ୍ତ ସଂସ୍ଥା ଆମେରିକା, ଜାପାନ ଏବଂ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିଭିନ୍ନ ଫାଇନାସିଆଲ ସଂସ୍ଥା ଗୁଡିକୁ ଡିଜିଟାଲ କନସଲଟିଙ୍ଗ ଆଣ୍ଡ ଟେକ୍ନୋଲୋଜି ସର୍ଭିସ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରିଥାଏ।

# ପଛୁଆବର୍ଗଙ୍କୁ ସାମ୍ବିଧାନିକ ଅଧିକାର ମିଳୁ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୩(ବ୍ୟୁରୋ)

ମୋଦି ସରକାର ଦେଶରେ ଆର୍ଥିକ ଅନଗ୍ରସର ସାଧାରଣବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୧୦% ସ୍ଥାନ ସଂରକ୍ଷଣ କରିଛନ୍ତି। ଓଡ଼ିଶା ସରକାର ରାଜ୍ୟର ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ପଛୁଆବର୍ଗ (ଏସ୍‌ଇବିସି)ଙ୍କୁ ଶିକ୍ଷା ଏବଂ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ପାଇଁ ଉଭୟ ଚାକିରି, ଶିକ୍ଷାକ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ କରିବା ଜରୁରୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ସହ ପଛୁଆବର୍ଗଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ନୂଆଦିଲ୍ଲୀଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟର ମୋଟ ଜନସଂଖ୍ୟାର ୫୪% ଓବିସି ଏବଂ ଏସ୍‌ଇବିସି ବର୍ଗର। ଏମାନେ ଶିକ୍ଷା ଏବଂ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଏହି ବର୍ଗ ଲାଗି ସ୍ୱତନ୍ତ୍ର ଦୃଷ୍ଟି ଦେବା ଏବଂ ସ୍ଥାନ ସଂରକ୍ଷଣ କରିବା ଲାଗି ୨୦୧୯ ଏବଂ ୨୦୨୦ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଥିଲା। ଦେଶର ଅନେକ ରାଜ୍ୟ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟୂନ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିଛନ୍ତି। କର୍ଣ୍ଣାଟକ, ତାମିଲନାଡୁ, କେରଳ ଏବଂ ବିହାରରେ ଓବିସି ଏବଂ ଏସ୍‌ଇବିସି ବର୍ଗର ସଂଖ୍ୟାଧିକ ଲୋକ ବାସ କରୁଥିବାରୁ ସେଠାରେ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଏହି ବର୍ଗଙ୍କ ପାଇଁ ଅଧିକ ପ୍ରତିଶତ ସଂରକ୍ଷଣ ଦେବାରେ କୌଣସି ପ୍ରତିବନ୍ଧକ ନାହିଁ। ମହାରାଷ୍ଟ୍ରରେ ଭାଜପା କ୍ଷମତାରେ ଥିବାବେଳେ ରାଜ୍ୟରେ ପଛୁଆଶ୍ରେଣୀର ଲୋକଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶାରେ ପାଖାପାଖି ୨୧୦ ସମୁଦାୟକୁ ଏସ୍‌ଇବିସି ବର୍ଗରେ ଚିହ୍ନଟ କରାଯାଇଛି; ଯାହାର ବିଜ୍ଞପ୍ତି ୧୯୯୩ରୁ ଆରମ୍ଭକରି ୨୦୧୭ ପର୍ଯ୍ୟନ୍ତ ପ୍ରକାଶିତ ହୋଇଛି। ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶା ସରକାରଙ୍କ ପାଖରେ ପଛୁଆବର୍ଗଙ୍କର ତାଲିକା ଅଛି। 'ଦାସେ ଆଇଲେ ମୂଳରୁ ଗା' ନୀତି ଛାଡ଼ି ପଛୁଆବର୍ଗଙ୍କ ପାଇଁ ସରକାର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହା ରାଜନୈତିକ ନୁହେଁ, ସାମାଜିକ ନ୍ୟାୟ, ସଶକ୍ତୀକରଣର ପ୍ରସଙ୍ଗ। ତେଣୁ ମୁଖ୍ୟମନ୍ତ୍ରୀ ରାଜନୈତିକ ବାଦବିବାଦରୁ ଊର୍ଦ୍ଧ୍ୱକୁ ଯାଇ ଏସ୍‌ଇବିସି ଓ ଓବିସି ବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରଦାନ କରନ୍ତୁ। ଏହାଦ୍ୱାରା ସାମାଜିକ ଓ ଆର୍ଥିକ ବୈଷମ୍ୟ ଦୂରହୋଇପାରିବ ବୋଲି ଧର୍ମେନ୍ଦ୍ର ଯୁକ୍ତି ବାଢ଼ିଛନ୍ତି।


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ବିକାଶ ପୁରୁଷ ବିଜୁ


ଓଡ଼ିଆ ଜାତିର ଗର୍ବଗୌରବ, ନବ ଉତ୍କଳର ଅନ୍ୟତମ ବିଧାଣି ବିଶିଷ୍ଟ ଜନନାୟକ ବିଜୁ ପଟ୍ଟନାୟକ। ବିକାଶ ପୁରୁଷ ଭାବେ ସେ ବିଦିତ। ଦୃଢ଼ ସଙ୍କଳ୍ପ, କଠୋର ସାଧନା ଓ ଅଦମ୍ୟ ସାହସର ଅନନ୍ୟ ଉଦାହରଣ ପାଲଟିଥିଲେ। କର୍ମକୁ ମହାନ୍ ବ୍ରତ ଭାବେ ଗ୍ରହଣ କରିଥିବା ବିଜୟାନନ୍ଦ (ବିଜୁ) ଏକ ସମ୍ଭ୍ରାନ୍ତ ପରିବାରରେ ୧୯୧୬ ମାର୍ଚ୍ଚ ୫ରେ କଟକ ତୁଳସୀପୁରସ୍ଥିତ ଆନନ୍ଦ ଭବନଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମାତା ଆଶାଲତା ଦେବୀଙ୍କଠାରୁ ସେ ନିର୍ଭୀକତା ଓ ଦେଶପ୍ରେମର ଦୀକ୍ଷା ଗ୍ରହଣ କରିଥିଲେ। ତାହାହିଁ ବାଲ୍ୟକାଳରୁ ତାଙ୍କ ଭିତରେ ସମାଜସେବା ଓ ଦେଶଭକ୍ତିର ଭାବନା ଜାଗ୍ରତ କରାଇଥିଲା। ଆଉ ସଫଳତାର ଶିଖରକୁ ଛୁଇଁବା ଲାଗି ପ୍ରେରଣା ଯୋଗାଇଥିଲା।

କଟକ ମିଶନ ସ୍କୁଲରୁ ନିମ୍ନ ପ୍ରାଥମିକ ଶିକ୍ଷା ଆରମ୍ଭ କରି ପରେ ରେଭେନ୍‌ସା କଲିଜିଏଟରୁ ସ୍କୁଲଶିକ୍ଷା ଏବଂ ଏହାପରେ ରେଭେନ୍‌ସା କଲେଜରେ ବିଜ୍ଞାନ ବିଭାଗରେ ନାମ ଲେଖାଇଥିଲେ। ବି.ଏସ୍‌ସି. ପଢୁଥିବାବେଳେ ପାଇଲଟ୍ ଟ୍ରେନିଂ ନେଇଥିଲେ। ରେଭେନ୍‌ସା କଲେଜରେ ସେ କେବଳ ଜଣେ ଉତ୍ତମ ଛାତ୍ର ନ ଥିଲେ ବରଂ ଭଲ କ୍ରୀଡ଼ାବିତ୍ ମଧ୍ୟ ଥିଲେ। ଏହି କଲେଜରେ କ୍ରମାଗତ ୩ ବର୍ଷ ଧରି ଆଇଲେଟ ଚାମ୍ପିୟନ ହେବାର ସେ ଗୌରବ ଅର୍ଜନ କରିଥିଲେ।

ଜଣେ ଦକ୍ଷ ପାଇଲଟ୍ ତଥା ବ୍ୟୋମଯାନ ଇଞ୍ଜିନିୟର ଭାବେ ବ୍ରିଟିଶ୍ ସରକାରରେ ଉଚ୍ଚପଦସ୍ଥ ପଦରେ ନିଯୁକ୍ତି ପାଇ ମଧ୍ୟ ଛାତ୍ରାବସ୍ଥାରୁ ବ୍ରିଟିଶ୍ ସରକାରଙ୍କ ପ୍ରତି ମନରେ ଥିବା ଘୃଣାଭାବ ଯୋଗୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହ ଯୋଗସୂତ୍ର ରଖିଥିଲେ। ବିଶିଷ୍ଟ ସଂଗ୍ରାମୀଙ୍କ ଭିତରେ ଜୟପ୍ରକାଶ ନାରାୟଣ, ଅରୁଣା ଆସଫ୍‌ଅଲ୍ଲୀ, ରାମ ମନୋହର ଲୋହିଆ, ଅଚ୍ୟୁତ ପଟ୍ଟବର୍ଦ୍ଧନ ପ୍ରମୁଖଙ୍କୁ ବ୍ରିଟିଶ୍ ବିମାନରେ ଛଦ୍ମବେଶରେ ନେବାଆଣିବା କରୁଥିଲେ, ଯାହାଫଳରେ ବିପ୍ଳବୀମାନଙ୍କୁ ଧରିବାକୁ ବ୍ରିଟିଶ୍ ସରକାର ଅସମର୍ଥ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଏଭଳି ଭୂମିକା ଓ ବିପ୍ଳବୀମାନଙ୍କ ସହ ଗୁପ୍ତ ଯୋଗାଯୋଗ ଅଭିଯୋଗ ପ୍ରମାଣ ଯୋଗୁ ତାଙ୍କୁ ତିନିବର୍ଷରୁ ଊର୍ଦ୍ଧ୍ୱକାଳ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା। ସ୍ୱାଧୀନତାର ଆସନ୍ନ ପ୍ରଭାତରେ ପଣ୍ଡିତ ଜବାହରଲାଲ ନେହେରୁ ଓ ଅନ୍ୟାନ୍ୟ ବିଶିଷ୍ଟ ନେତାଙ୍କ ପ୍ରିୟପାତ୍ର ହୋଇ ଅନେକ ଦୁଃସାହସିକ ଦେଶପ୍ରେମ କାର୍ଯ୍ୟ କରିଥିଲେ ସେ।

ଗାନ୍ଧୀ, ଜୟପ୍ରକାଶ ଓ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପ୍ରବେଶ କରି ୧୯୪୬ ମସିହାରେ (ପ୍ରାକ୍ ସ୍ୱାଧୀନତା) କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ବହୁବାର ବିଧାନସଭାକୁ, ୪ଥର ଲୋକ ସଭାକୁ ଓ ଥରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଏଥିରେ ସେ ଦୁଇଥର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୧୯୬୧ ମସିହାରେ କେନ୍ଦ୍ରରେ ପଣ୍ଡିତ ନେହେରୁ ପ୍ରଧାନମନ୍ତ୍ରୀ ଥିବାବେଳେ ରାଜ୍ୟରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କଂଗ୍ରେସ ଦଳ ସରକାର ଗଢ଼ିଥିଲା। ବିଜୁବାବୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ଏକ ଯୁଗାନ୍ତକାରୀ ଘଟଣା ଥିଲା, ଯାହାକି ଓଡ଼ିଶା ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପରିବହନ, ଗମନାଗମନ, ଗ୍ରାମ୍ୟ ଉନ୍ନୟନ, ଗବେଷଣା ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଅୟମାରମ୍ଭ ହୋଇଥିଲା।

ନୂତନ ଓଡ଼ିଶାର ନିର୍ମାତା ବିଜୁ ପଟ୍ଟନାୟକଙ୍କ କୃତି ଓ କୀର୍ତ୍ତିର ତୁଳନା ନାହିଁ। ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ ଜୀବନଧାରାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଜକୁ ସାମିଲ କରି ସଫଳତାରେ କେବେ ଉଲ୍ଲସିତ ହୋଇନାହାନ୍ତି କି ବିଫଳତାରେ ସେ ଭାଙ୍ଗିପଡ଼ିନାହାନ୍ତି। ରାଜନୈତିକ ଉତ୍‌ଥାନ ଓ ପତନକୁ ଭ୍ରୂକ୍ଷେପ ନ କରି ସେ ଜୀବନକାଳ ମଧ୍ୟରେ ପ୍ରମାଣ କରିଯାଇଛନ୍ତି ଯେ, ସେ ହିଁ ଓଡ଼ିଶାର ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ, ଯାହାର କୌଣସି ବିକଳ୍ପ ନାହିଁ। ସେ କହୁଥିଲେ, ମୋ ଓଡ଼ିଶାର ଯୁବତୀ ଯୁବକ ବଡ଼ ସ୍ୱପ୍ନ ଦେଖନ୍ତୁ, ସ୍ୱପ୍ନସାକାର କରିବାକୁ କଠିନ ପରିଶ୍ରମ କରନ୍ତୁ। ସଫଳତା ନିଶ୍ଚୟ ଆସିବ, ମୁଁ ଚାହେଁ ମୋ ଓଡ଼ିଶା ସଶକ୍ତ ହେବ, ସମୃଦ୍ଧ ହେବ।



–ଶୋଭନ କର

ଶୁଭ ଅଭିନନ୍ଦନ
ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ତାଙ୍କୁ ମୋର ପ୍ରଣାମ । ଏହି ପବିତ୍ର ପଞ୍ଚାୟତିରାଜ ଦିବସ ଅବସରରେ ଅଡୁଁଆ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ତଥା ବାସୁଦେବପୁର ଅଞ୍ଚଳର ସମସ୍ତ ଭାଇଭଉଣୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଅଛି।

ଗିରିଶ ଚନ୍ଦ୍ର ସାମଲ
ସରପଞ୍ଚ, ଅଡୁଁଆ ଗ୍ରାମପଞ୍ଚାୟତ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଓଡ଼ିଶାର ବରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ ମୋର ଶତ ପ୍ରଣାମ। ଏହି ପବିତ୍ର ଦିବସରେ ପଦ୍ମୁଁଆ ଗ୍ରାମପଞ୍ଚାୟତ ତଥା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଦୀନବନ୍ଧୁ ଦାସ
ବ୍ଲକ ବି.ଜେ.ଡି. ସଭାପତି, ବାସୁଦେବପୁର ତଥା ସରପଞ୍ଚ, ପଦ୍ମୁଁଆ ଗ୍ରାମପଞ୍ଚାୟତ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଓଡ଼ିଶାର ବରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କୁ ଆମ୍ଭେ ପ୍ରଣାମ ଜଣାଉଛୁ। ଏହି ପବିତ୍ର ପଞ୍ଚାୟତିରାଜ ଦିବସ ଅବସରରେ ବାସୁଦେବପୁର ବ୍ଲକର ଆରୁହା ଗ୍ରାମପଞ୍ଚାୟତ ତଥା ବାସୁଦେବପୁରର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଅଛି।


ଊର୍ମିଳା ମହାପାତ୍ର
ସମିତି ସଭ୍ୟ, ଆରୁହା ଗ୍ରାମପଞ୍ଚାୟତ, ବାସୁଦେବପୁର, ଭଦ୍ରକ
ପ୍ରଦୀପ କୁମାର ମହାପାତ୍ର
ସମିତି ସଭ୍ୟାଙ୍କ ପ୍ରତିନିଧି, ଆରୁହା ଗ୍ରାମପଞ୍ଚାୟତ, ବାସୁଦେବପୁର, ଭଦ୍ରକ


A Well Wisher

ଶୁଭ ଅଭିନନ୍ଦନ
ଓଡ଼ିଶାର ବରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ ମୋର ଶତ ଶତ ପ୍ରଣାମ। ଏହି ପବିତ୍ର ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଆଦର୍ଶ ଗ୍ରାମପଞ୍ଚାୟତ ଇରମର ସମସ୍ତ ଜନସାଧାରଣ ତଥା ବାସୁଦେବପୁର ମାଟିର ଭାଇଭଉଣୀମାନଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନଙ୍କ ସୁଖ ସମୃଦ୍ଧି କାମନା କରୁଅଛି।

ପ୍ରଫୁଲ୍ଲ କୁମାର ବିଶ୍ୱାଳ
ସରପଞ୍ଚ, ଇରମ ଗ୍ରାମପଞ୍ଚାୟତ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଓଡ଼ିଶାର ବରପୁତ୍ର ମହାନ୍ ଜନନେତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶତ ଶତ ପ୍ରଣାମ। ଏହି ପବିତ୍ର ଦିବସରେ ବାସୁଦେବପୁର ପୌରପାଳିକା ଓ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି ସହିତ ଉନ୍ନତି କାମନା କରୁଛି।
ଶ୍ୟାମସୁନ୍ଦର ମହାନ୍ତି
ନଗର ବି.ଜେ.ଡି. ସଭାପତି, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ମହାନ୍ ରାଷ୍ଟ୍ରନୀତିଜ୍ଞ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ ମୋର ଭୂମିଷ୍ଠ ପ୍ରଣାମ। ଏହି ପବିତ୍ର ପଞ୍ଚାୟତିରାଜ ଦିବସରେ ବାସୁଦେବପୁର ପୌରପାଳିକା ତଥା ବ୍ଲକ ଅଞ୍ଚଳର ସମସ୍ତ ଭାଇଭଉଣୀ ତଥା ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।

ମାନସ ରଞ୍ଜନ ସାହୁ
ନଗର ଯୁବ ବି.ଜେ.ଡି. ସଭାପତି, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଓଡ଼ିଶାର ଗର୍ବ ଗୌରବ ମହାନ୍ ସ୍ୱାଧୀନତା ସଂଗ୍ରାମୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ଅବସରରେ ତାଙ୍କୁ ମୋର ପ୍ରଣାମ । ଏହି ଶୁଭ ଦିବସରେ ବାସୁଦେବପୁର ବ୍ଲକର ଆନ୍ଦୋଳା ଗ୍ରାମପଞ୍ଚାୟତ ତଥା ବାସୁଦେବପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କର ଶୁଭ କାମନା କରୁଅଛି।
ଜଗବନ୍ଧୁ ଖିଲାର
ଯୁବ ବି.ଜେ.ଡି. ବ୍ଲକ ସଭାପତି, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ପ୍ରବାଦ ପୁରୁଷ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଁ ତାଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଉଛି। ଏହି ପବିତ୍ର ପଞ୍ଚାୟତିରାଜ ଦିବସ ଉପଲକ୍ଷେ ରକ୍ତତୀର୍ଥ ଇରମ ମାଟିର ସମସ୍ତ ଜନସାଧାରଣ ଓ ବାସୁଦେବପୁରର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରୁଅଛି।

ଉମାକାନ୍ତ ରଣା
ସମିତି ସଭ୍ୟ, ଇରମ ଗ୍ରାମପଞ୍ଚାୟତ, ବାସୁଦେବପୁର, ଭଦ୍ରକ

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଆଇପିଏଲ୍ ୧୪ ପ୍ରସ୍ତୁତି

ନିର୍ମଳ କୁମାର ମିଶ୍ର

**ଆଇପିଏଲ୍‌ର ଆଗାମୀ ୧୪ତମ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଇତିମଧ୍ୟରେ ନିଲାମ ପ୍ରକ୍ରିୟା ମଧ ଶେଷ ହୋଇଛି । ଏଥିରେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସବୁ ୮ଟି ଯାକ ଫ୍ରାଞ୍ଚାଇଜ୍ ନିଜ ପସନ୍ଦର ଖେଳାଳିଙ୍କୁ ଦଳରେ ସାମିଲ କରି ବେଶ୍ ସନ୍ତୁଳିତ ମନେହେଉଛନ୍ତି...**



କ୍ରିସ୍ ମୋରିସ




ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୪ତମ ସଂସ୍କରଣ ପାଇଁ ବିଗୁଲ ବାଜିଛି। ଆଇପିଏଲ୍-୧୩ର ସ୍ମୃତି ମନରୁ ଲିଭିନାହିଁ। କିନ୍ତୁ ପରବର୍ତ୍ତୀ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ଏଥିପାଇଁ ଖେଳାଳି ନିଲାମ ପ୍ରକ୍ରିୟାରେ ଫେବୃୟାରୀ ୧୮ ତାରିଖରେ ସମାପ୍ତ ହୋଇଛି। ଚଳିତ ସଂସ୍କରଣ ପାଇଁ ଟିମ୍ ସଂଖ୍ୟା ୮ରେ ସୀମିତ ରଖିଛି ବିସିସିଆଇ। ନୂତନ ଭାବେ ଆଇପିଏଲରେ ଭାଗ ନେବାକୁ ଇଚ୍ଛା କରିଥିବା ଟିମ୍‌ଗୁଡ଼ିକର ଚାପ ସତ୍ତ୍ୱେ ଟିମ୍ ସଂଖ୍ୟା ୧୦କୁ ବୃଦ୍ଧି କରିନାହିଁ। ଅଳ୍ପ ସମୟ ମଧ୍ୟରେ ଟିମ୍ ସଂଖ୍ୟା ୧୦କୁ ବୃଦ୍ଧି କରିବା ଆଦୌ ସମ୍ଭବ ନୁହେଁ ବୋଲି ବିସିସିଆଇ ସ୍ପଷ୍ଟ କରିଥିଲା। ୟୁଏଇରେ ଅନୁଷ୍ଠିତ ଆଇପିଏଲ୍‌ର ଗତ ସଂସ୍କରଣ କରୋନା ମହାମାରୀର ପ୍ରଭାବ ସତ୍ତ୍ୱେ ବେଶ୍ ସଫଳ ହୋଇଥିଲା। ଫଳସ୍ୱରୂପ ବିସିସିଆଇ ଆଇପିଏଲ୍-୧୪ ପାଇଁ ତା'ର ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଯଦିଓ ଏକ ମିନି ଅକ୍‌ସନର ଆୟୋଜନ ହେବା ପାଇଁ ରହିଥିଲା। କିନ୍ତୁ ଭାଗ ନେଉଥିବା ଫ୍ରାଞ୍ଚାଇଜମାନେ ସେମାନଙ୍କର ରିଟେନ୍‌ଡ ଖେଳାଳିମାନଙ୍କ ମଧ୍ୟରୁ କେତେଜଣ ବିଦେଶୀ ଏବଂ ଘରୋଇ ଖେଳାଳିମାନଙ୍କୁ ରିଲିଜ୍ କରିଥିଲେ। ଫ୍ରାଞ୍ଚାଇଜମାନେ ସେମାନଙ୍କ ଟିମ୍‌କୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ନିଲାମୀ ପ୍ରକ୍ରିୟାରେ ଭାଗ ନେଇଥିଲେ ଓ ନିଜ ପସନ୍ଦର ଖେଳାଳିଙ୍କୁ କ୍ରୟ କରିଥିଲେ।

ଏହି ନିଲାମରେ ମୋଟ ୨୯୨ ଜଣ ଖେଳାଳି ଭାଗ ନେଇଥିବା ବେଳେ ଏଥିରେ ୧୬୪ଜଣ ଭାରତୀୟ ଏବଂ ୧୨୮ ଜଣ ବିଦେଶୀ ଖେଳାଳି ରହିଥିଲେ। ଏହି ତାଲିକାରୁ ୬୫ଜଣ ଖେଳାଳିଙ୍କ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଥିବା ବେଳେ ୨୨୭ଜଣ ଆନ୍ତର୍ଜାତିକ ମ୍ୟାଚ ଖେଳି ନ ଥିଲେ ୮ଟି ଫ୍ରାଞ୍ଚାଇଜ୍‌ମାନଙ୍କ ମଧ୍ୟରେ ମୋଟ ୬୧ଟି ଖାଲି ସ୍ଥାନ ରହିଥିଲା। ନିଲାମ ପ୍ରକ୍ରିୟାରେ ୮ଟି ଫ୍ରାଞ୍ଚାଇଜ୍ ମଧ୍ୟରୁ ମୁଖ୍ୟତଃ ରାଜସ୍ଥାନ ରୟାଲ୍ସ ଏବଂ କିଙ୍ଗ୍ସ ଏକାଦଶ ପଞ୍ଜାବ ବେଶ୍ ସକ୍ରିୟ ଥିବା ଦେଖାଯାଇଥିଲା। ଫ୍ରାଞ୍ଚାଇଜିମାନଙ୍କ ମଧ୍ୟରେ ୧୦ଟି ଦେଶର ୨୨ଜଣ ବିଦେଶୀ ଖେଳାଳିଙ୍କ ସ୍ଥାନ ରହିଛି। ୮ଜଣ ବିଦେଶୀ ଖେଳାଳିଙ୍କୁ ମିଶାଇ ମୋଟ ୧୦ଜଣ ଖେଳାଳିଙ୍କ ବେସ୍ ପ୍ରାଇସ୍ ୨ କୋଟି ରହିଥିଲା। ୨୦୨୦ ସଂସ୍କରଣରେ କିଙ୍ଗ୍ସ ଏକାଦଶ ପଞ୍ଜାବ ପାଇଁ ଖେଳିଥିବା ଅଷ୍ଟ୍ରେଲିଆନ୍ ଅଲରାଉଣ୍ଡର ଗ୍ଲେନ ମାକ୍ସୱେଲ ଖରାପ ପ୍ରଦର୍ଶନ କରିଥିବାରୁ ପଞ୍ଜାବ ତାଙ୍କୁ ରିଲିଜ୍ ତାଲିକାରେ ରଖିଥିଲା। ଷ୍ଟିଭ୍ ସ୍ମିଥ, ଗ୍ଲେନ ମ୍ୟାକ୍ସୱେଲ, ଆରୋନ ଫିଞ୍ଚ୍, ପୀୟୂଷ ଚାୱାଲା, ଜାସନ ରାୟ, ମୋଇନ ଅଲି, ସାକିବ ଅଲ ହସନ, କେଦାର ଯାଦବଙ୍କ ପରି ଖେଳାଳିଙ୍କ ପାଇଁ ଏହି ନିଲାମ ବହୁତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବିଭିନ୍ନ ଦଳର ଫ୍ରାଞ୍ଚାଇଜ୍‌ମାନେ ଟମ୍ ବାନଟନ୍, କ୍ରିସ୍ ଗ୍ରୀନ୍, ସେଲଡନ୍ କଟ୍ରେଲ, ମୁଜିବୁର ରହେମନ, ଫାବିଆନ୍ ଆଲେନ, କିମୋ ପଲ, ଆଲେକ୍ସ କ୍ୟାରି, ଜେମ୍ସ ନିଶାମ୍, ଶେନ ୱାଟସନ, ଲାସିଥ ମାଲିଙ୍ଗା, ନାଥାନ କଲ୍ଟର ନାଇଲ, ଜେମ୍ସ ପାଟିନସନ୍, ସେରଫେନ ରଦରଫୋର୍ଡ, ମିଚେଲେ ମ୍ୟାକକ୍ଲିନହାନ ପରି ବିଦେଶୀ ଖେଳାଳି ଏବଂ ପୀୟୂଷ ଚାୱାଲା, ହରଭଜନ ସିଂ, ମୁରଲି ବିଜୟ, କେଦାର ଯାଦବ, ମୋହିତ ଶର୍ମା, କରୁନ ନାୟାର, ଏମ୍ ସିଦ୍ଧାର୍ଥ, କ୍ରିଷ୍ଣାପ୍ପା ଗୋଥାମ୍ ପରି ଖେଳାଳିଙ୍କୁ ଦଳରୁ ବାଦ୍ ଦେବା ଫଳରେ ମେଗା ଅକ୍ସନ ହେବ ବୋଲି ଆଶା କରାଯାଉଥିଲା। ପଞ୍ଜାବ, ମୁମ୍ବାଇ ଇଣ୍ଡିଆନ୍ସ ଅଧିକାଂଶ ବିଦେଶୀ ଖେଳାଳିଙ୍କୁ ଦଳରୁ ବାଦ୍ ଦେଇଥିବା ବେଳେ ଚେନ୍ନାଇ ସୁପର କିଙ୍ଗସ୍ ବହୁ ନାମୀଦାମୀ ଘରୋଇ ଖେଳାଳିମାନଙ୍କ ଖରାପ ପ୍ରଦର୍ଶନ ଯୋଗୁ ବାଦ୍ ଦେଇଛି।

ନିଲାମରେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ୍ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ୧୬.୨୫ କୋଟି ଟଙ୍କା ବିନିମୟରେ ସେ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଛନ୍ତି। ସେହିପରି ନ୍ୟୁଜିଲାଣ୍ଡର କାଏଲ ଜେମିସନ ୧୫ କୋଟି ଟଙ୍କା ବିନିମୟରେ ଆରସିବିରେ ସାମିଲ ହୋଇଛନ୍ତି। ସେହିପରି ୧୪.୨୫ କୋଟି ଟଙ୍କା ବିନିମୟରେ ଅଷ୍ଟ୍ରେଲିଆ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ବାଙ୍ଗାଲୋର, ୧୪ କୋଟି ଟଙ୍କା ବିନିମୟରେ ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି। ସେହିପରି କ୍ରିଷ୍ଣାପ୍ପା ଗୋଥାମ ୯.୨୫ କୋଟି ଟଙ୍କା ବିନିମୟରେ ଚେନ୍ନାଇ ଦଳରେ ସାମିଲ ହୋଇଛନ୍ତି। ଏହି ଖେଳାଳି ଆଇପିଏଲ୍‌ରେ ସବୁଠାରୁ ୫ଜଣ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଭାରତର ସବୁଠାରୁ ଦାମୀ ଅନକ୍ୟାପ୍ ଖେଳାଳି ସାବ୍ୟସ୍ତ ହୋଇଛନ୍ତି ଗୋଥାମ।

ସମସ୍ତ ଫ୍ରାଞ୍ଚାଇଜ କିଛି ନାମୀଦାମୀ ବିଦେଶୀ ଏବଂ ଘରୋଇ ଖେଳାଳିମାନଙ୍କୁ ନିଜ ନିଜ ଦଳରେ ସାମିଲ କରି ଦଳକୁ ଅଧିକ ସନ୍ତୁଳିତ କରିବାକୁ ଚେଷ୍ଟା କରିଛନ୍ତି। ପଞ୍ଜାବ, ରାଜସ୍ଥାନ ରୟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର ଫ୍ରାଞ୍ଚାଇଜ୍‌ମାନେ ଏହି ଅକସନ୍ ପ୍ରକ୍ରିୟାରେ ନିଜର ପର୍ସ ଭାଲ୍ୟୁ ଅଧିକ ଯୋଗୁ ବେଶ୍ ସକ୍ରିୟ ରହିଥିଲେ। ସମ୍ପୂର୍ଣ୍ଣ ନିଲାମ ପ୍ରକ୍ରିୟାରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଖେଳାଳିମାନେ ଅଧିକ ସଂଖ୍ୟାରେ ବାଜି ମାରିଛନ୍ତି। ଅଷ୍ଟ୍ରେଲିଆର ଟି୨୦ ସ୍ପେଶିଆଲିଷ୍ଟ ଗ୍ଲେନ ମାକ୍ସୱେଲ ଆଇପିଏଲ-୧୩ରେ ଖରାପ ପ୍ରଦର୍ଶନ କରିବା ସତ୍ତ୍ୱେ ୧୪.୨୫ କୋଟିରେ ବିକ୍ରିହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଖରାପ ଆଇପିଏଲ ରେକର୍ଡ ସତ୍ତ୍ୱେ ଟମ୍ କୁରାନ୍, ଡାନିଏଲ କ୍ରିଷ୍ଟିଆନ୍, ମୋଇସେସ୍ ହେନେରିକ୍ସ ସେମାନଙ୍କର ଫ୍ରାଞ୍ଚାଇଜ୍‌ମାନଙ୍କର ଫାଷ୍ଟ ଚଏସ୍ କାହିଁକି ରହିଲେ। ଜସନ ରାୟ, ଆଲେକ୍ସ ହେଲସ୍, ଆରୋନ୍ ଫିଞ୍ଚ୍, ଏଭିନ ଲୁଇସ୍‌ଙ୍କ ପରି ଓପନରମାନଙ୍କ ଅବସ୍ଥା ଏପରି କାହିଁକି ହେଲା। ଡେଭିଡ୍ ମାଲାନ, ବିଶ୍ୱ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ୧ ନଂ. ଖେଳାଳି ଷ୍ଟିଭ୍ ସ୍ମିଥ୍‌ଙ୍କ ଦର ହ୍ରାସ ଏବଂ ଆରସିବି ଗ୍ଲେନ ମ୍ୟାକ୍ସୱେଲ, କାଇଲ ଜେମିନ୍ସ ଏବଂ କ୍ରିଷ୍ଟିଆନ ପରି ଖେଳାଳିଙ୍କୁ କ୍ରୟ କରିବା ପାଇଁ ୩୫.୯କୋଟି ବ୍ୟୟ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୱେଷ୍ଟଇଣ୍ଡିଜ ଏବଂ ଶ୍ରୀଲଙ୍କା ଖେଳାଳିମାନେ ଆଇପିଏଲ-୧୪ରେ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ନ ହେବା ମଧ ଆଶ୍ଚର୍ଯ୍ୟ କରିଛି। ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଚେତେଶ୍ୱର ପୂଜାରା ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଅର୍ଜୁନ ତେନ୍ଦୁଲକରଙ୍କୁ ଦଳରେ ସାମିଲ କରଛି। ସନ୍ ରାଇଜର୍ସ ହାଇଦ୍ରାବାଦ ମଧ ଆଫଗାନ୍ ଖେଳାଳି ମୁଜିବୁର ରହେମନ୍, ରସିଦ୍ ଖାଁ ଏବଂ ମହମ୍ମଦ ନବୀଙ୍କୁ ନେବା ସହିତ ଅଧିକ ଅଲରାଉଣ୍ଡର ଏବଂ ଷ୍ଟାର ବ୍ୟାଟସମ୍ୟାନମାନଙ୍କୁ ସାମିଲ କରି ଟିମ୍‌କୁ ଅଧିକ ସନ୍ତୁଳିତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ଘରୋଇ ଖେଳାଳିମାନଙ୍କ ଉପରେ ଗୁରୁତ୍ୱ ଦେଇଥିବା ବେଳେ ଆରସିବି ବେଶ୍ ସନ୍ତୁଳିତ ମନେହେଉଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ବ୍ୟାଟିଂ ଏବଂ ବୋଲିଂରେ ବେଶ୍ ଶକ୍ତିଶାଳୀ ରହିଛି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଯୁବ ଖେଳାଳିମାନଙ୍କୁ ନେଇ ବେଶ୍ ସନ୍ତୁଳିତ ମନେହେଉଛି।

**ଶ୍ରେଷ୍ଠ ୫ ଦାମୀ ଖେଳାଳି**

| ଖେଳାଳି | ମୂଲ୍ୟ ଟଙ୍କାରେ | ଦଳ |
|---|---|---|
| କ୍ରିସ୍ ମୋରିସ | ୧୬.୨୫ କୋଟି | ରାଜସ୍ଥାନ ରୟାଲ୍ସ |
| କାଏଲ ଜେମିସନ | ୧୫ କୋଟି | ଆରସିବି |
| ଗ୍ଲେନ୍ ମ୍ୟାକ୍ସୱେଲ | ୧୪.୨୫ କୋଟି | ଆରସିବି |
| ଝେ ରିଚାର୍ଡସନ | ୧୪ କୋଟି | ପଞ୍ଜାବ କିଙ୍ଗ୍ସ |
| କ୍ରିଷ୍ଣାପ୍ପା ଗୋଥାମ | ୯.୨୫ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |

**ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଏଟିକେ ମୋହନ ବାଗାନ ତାରକା ଷ୍ଟ୍ରାଇକର ରଏ କ୍ରିଷ୍ଣା ସର୍ବାଧିକ ୧୪ଟି ଗୋଲ ସ୍କୋର କରି ତାଲିକାର ଶୀର୍ଷରେ ରହିଛନ୍ତି। ସେମିଫାଇନାଲ ଲେଗ୍‌ର ଦୁଇଟି ମ୍ୟାଚ୍ ଓ ଫାଇନାଲ ଖେଳିଲେ ଆଉ କେତୋଟି ଗୋଲ ସ୍କୋର କରି ସେ ଗୋଲ୍ଡେନ ବୁଟ୍ ହାସଲ କରିପାରିବେ। ସେହିପରି ଦଳଗୁଡ଼ିକ ମଧ୍ୟରେ ମୁମ୍ବାଇ ସିଟି ଏଫ୍‌ସି ସର୍ବାଧିକ ୩୫ଟି ଗୋଲ ସ୍କୋର କରିଛି ଓ ଲିଗ୍ ୱିନର୍ସ ଶିଲ୍ଡ ହାସଲ କରିଛି...**

# ଟପ୍ ଗୋଲ ସ୍କୋରର




ରଏ କ୍ରିଷ୍ଣା

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଏଥିରେ ମୁମ୍ବାଇ ସିଟି ଏଫ୍‌ସି ପଏଣ୍ଟ ତାଲିକାର ଶୀର୍ଷରେ ରହି ଲିଗ୍ ୱିନର୍ସ ଶିଲ୍ଡ ହାସଲ କରିଛି। ତେବେ ବ୍ୟକ୍ତିଗତ ପ୍ରଦର୍ଶନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଟିକେ ମୋହନ ବାଗାନ (ଏଟିକେଏମ୍‌ବି)ର ରଏ କ୍ରିଷ୍ଣା ସମସ୍ତଙ୍କୁ ପଛରେ ପକାଇଛନ୍ତି। ଆଇଏସ୍‌ଏଲ୍‌ର ଚଳିତ ୨୦୨୦-୨୧ ସେସନରେ କ୍ରିଷ୍ଣା ଲିଗ ପର୍ଯ୍ୟାୟ ଶେଷରେ ସର୍ବାଧିକ ଗୋଲ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ସେ ଗୋଲ ସ୍କୋରିଂ ତାଲିକାର ଶୀର୍ଷରେ ରହିଛନ୍ତି। ଗୋଲ ସ୍କୋର କରିବାର କ୍ଷୁଧା ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରିଛି। ତାଙ୍କର ଗୋଡ଼ ଦୁଇଟି କେବେ ବି ଥକି ଯାଇନାହିଁ। ହାର ନ ମାନିବାର ପ୍ରକୃତି ତାଙ୍କୁ ଜଣେ ସଫଳ ଫୁଟବଲର ଭାବେ ଗଢି ତୋଳିଛି। ଫିଜିର ଏହି ତାରକା ଫୁଟବଲର ଚଳିତ ଆଇଏସ୍‌ଏଲ ସେସନ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ସେ ୨୦ଟି ମ୍ୟାଚ୍ ଖେଳି ସର୍ବାଧିକ ୧୪ଟି ଗୋଲ ସ୍କୋର କରିଛନ୍ତି। ସେ ମଧ ୪ଟି ଆସିଷ୍ଟ କରିଛନ୍ତି।

ଏଟିକେଏମ୍‌ବି ତରଫରୁ ପ୍ରଥମ ୬ଟି ମ୍ୟାଚ୍ ଖେଳି କ୍ରିଷ୍ଣା ୫ଟି ଗୋଲ ସ୍କୋର କରିଥିଲେ। ଏହାପରେ ଅବଶ୍ୟ ସେ ଅଧିକ ଗୋଲ ଦେଇପାରି ନ ଥିଲେ। ପରବର୍ତ୍ତୀ ୭ଟି ମ୍ୟାଚ୍‌ରେ ସେ ମାତ୍ର ଗୋଟିଏ ଗୋଲ ଦେଇଥିଲେ। ଏହାର ପ୍ରଭାବ ଦଳର ପ୍ରଦର୍ଶନ ଉପରେ ମଧ ପଡିଥିଲା। ତେବେ ଏହାପରେ ତ୍ରୁଟି ସୁଧାରି କ୍ରିଷ୍ଣା ପରବର୍ତ୍ତୀ ୬ଟି ମ୍ୟାଚ୍‌ରେ ୭ଟି ଗୋଲ ସ୍କୋର କରିଥିଲେ। ଅବଶ୍ୟ ଏଟିକେଏମ୍‌ବି ୨-୦ ଗୋଲରେ ମୁମ୍ବାଇଠାରୁ ପରାସ୍ତ ହୋଇ ଲିଗ୍ ଶିଲ୍ଡ ୱିନର୍ସ ଟ୍ରଫି ହାସଲ କରିବାରେ ଅଳ୍ପକେ ବିଫଳ ହୋଇଥିଲା। ୪ଟି ଆସିଷ୍ଟ ସହିତ ୧୪ଟି ଗୋଲ ସ୍କୋର କରି କ୍ରିଷ୍ଣା ଗୋଲ୍ଡେନ ବୁଟ୍ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ଚଳିତ ସେସନରେ ସେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ୨୦୧୮-୧୯ ସଂସ୍କରଣରେ ମଧ କ୍ରିଷ୍ଣା ଟପ୍ ଗୋଲ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଗତ ସଂସ୍କରଣରେ ମଧ କ୍ରିଷ୍ଣା ୧୫ଟି ଗୋଲ ସ୍କୋର ଯୁଗ୍ମ ଭାବେ ଟପ୍ ଗୋଲ ସ୍କୋରର ସାବ୍ୟସ୍ତ ହୋଇଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଏଟିକେ ଟାଇଟଲ ହାସଲ କରିଥିଲା।

ଏଥର ଗୋଲ୍ଡେନ ବୁଟ୍ ଦୌଡ଼ରେ କ୍ରିଷ୍ଣାଙ୍କ ପଛକୁ ରହିଛନ୍ତି ଏଫ୍‌ସି ଗୋଆର ଆଇଗର ଅଙ୍ଗୁଲୋ। ସେ ୧୯ଟି ମ୍ୟାଚ୍ ଖେଳି ୧୩ଟି ଗୋଲ ସ୍କୋର କରିଛନ୍ତି। ଏଥର ନିହାତି ମାମୁଲି ପ୍ରଦର୍ଶନ କରିଥିବା ଓଡ଼ିଶା ଏଫ୍‌ସିର ତାରକା ଷ୍ଟ୍ରାଇକର ଡିଏଗୋ ମୌରିସିଓ ୨୦ଟି ମ୍ୟାଚ୍ ଖେଳି ୧୨ଟି ଗୋଲ ସ୍କୋର କରି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଚତୁର୍ଥସ୍ଥାନରେ ଥିବା ମୁମ୍ବାଇ ସିଟି ଏଫ୍‌ସିର ଆଡାମ ଲେ ଫୋଣ୍ଡ୍ରେ ୨୦ଟି ମ୍ୟାଚ୍ ଖେଳି ୧୧ଟି ଗୋଲ ସ୍କୋର କରିଛନ୍ତି। ପଞ୍ଚମ ସ୍ଥାନରେ ରହିଛନ୍ତି ହାଇଦ୍ରାବାଦ ଏଫ୍‌ସିର ଅରିଡାନ ସାଣ୍ଟାନା। ସେ ୧୮ଟି ମ୍ୟାଚ୍ ଖେଳି ୧୦ଟି ଗୋଲ ସ୍କୋର କରିଛନ୍ତି।

ଶୁକ୍ରବାରଠାରୁ ସେମିଫାଇନାଲ ଲେଗ୍ ଆରମ୍ଭ ହେବ। ଯଦି ଏଟିକେଏମ୍‌ବି ଫାଇନାଲରେ ପ୍ରବେଶ କରେ ତେବେ କ୍ରିଷ୍ଣା ଆହୁରି ୩ଟି ମ୍ୟାଚ୍ ଖେଳିବେ। ଫଳରେ ଆଉ କେତୋଟି ଗୋଲ ସ୍କୋର କରି ସେ ତାଲିକାର ଶୀର୍ଷରେ ରହିବା ସହ ଗୋଲ୍ଡେନ ବୁଟ୍ ହାସଲ କରିବେ। ଏଟିକେଏମ୍‌ବିକୁ ଚାମ୍ପିୟନ କରାଇଲେ ସେ ଦ୍ୱିତୀୟ ଥର ପାଇଁ ଆଇଏସ୍‌ଏଲ୍ ଟାଇଟଲ ହାସଲ କରିବେ। ସେହିପରି ଦଳୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଲିଗ୍ ଶିଲ୍ଡ ୱିନର୍ସ ମୁମ୍ବାଇ ସର୍ବାଧିକ ଗୋଲ ଦେଇଛି। ମୁମ୍ବାଇ ଚଳିତ ସେସନରେ ସର୍ବାଧିକ ୩୫ଟି ଗୋଲ ଦେଇଛି। ସେହିପରି ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ୩୧, ଏଟିକେଏମ୍‌ବି ୨୮, ହାଇଦ୍ରାବାଦ ଏଫ୍‌ସି ୨୭ଟି ଗୋଲ ଦେଇ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

# ଜୋକୋଭିଚ୍‌ଙ୍କ ରାଜୁତି

**ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆନ୍ ଓପନ୍‌ରେ ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଜାପାନର ନାଓମି ଓସାକା ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି ...**

୨୦୨୧ର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ପରିସମାପ୍ତି ଘଟିଛି। ପୁରୁଷ ବିଭାଗର ଚାମ୍ପିୟନ ହୋଇଛନ୍ତି ବିଶ୍ୱର ୧ନଂ. ମାନ୍ୟତା ଗ୍ରାଣ୍ଡ ସର୍ବିଆର ଟେନିସ୍ ତାରକା ନୋଭାକ ଜୋକୋଭିଚ୍। ଅଷ୍ଟ୍ରେଲିଆ ଓପନରେ ସେ ତାଙ୍କର ରାଜତ୍ୱ ଅବ୍ୟାହତ ରଖିଛନ୍ତି। ସେ ତାଙ୍କର ଆଧିପତ୍ୟ ଜାରି ରଖି ନବମ ଟାଇଟଲ ଜିତିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ହାର୍ଡ କୋର୍ଟ ଫାଇନାଲରେ ପ୍ରବେଶ କରି ସେ କେବେ ହେଲେ ହାରିନାହାନ୍ତି। ଚଳିତବର୍ଷ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ରୁଷିଆ ଟେନିସ୍ ତାରକା ଡାନିଲ ମେଡଭେଡେଭଙ୍କୁ ସିଧାସଳଖ ସେଟରେ ପରାସ୍ତ କରି ସେ ଏହି ଗ୍ରାଣ୍ଡସ୍ଲାମରେ ଅପରାଜେୟ କିଙ୍ଗ୍ ବନିଯାଇଛନ୍ତି। ଗତବର୍ଷ ସୁଇଜରଲାଣ୍ଡର ଡୋମିନିକ୍ ଥିମ୍‌ଙ୍କୁ ୫ ସେଟ୍ ବିଶିଷ୍ଟ ମାରାଥନ ସେଟ୍‌ରେ ହରାଇ ଜୋକୋଭିଚ ବାଜି ମାରିଥିଲେ। ଜୋକୋଭିଚ୍‌ଙ୍କ କ୍ୟାରିୟରରେ ଏହା ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥି ପୂର୍ବରୁ ସୁଇଜରଲାଣ୍ଡର ରୋଜର ଫେଡେରର ଏବଂ ସ୍ପେନର ରାଫାଲ ନାଡାଲ ପ୍ରତ୍ୟେକ ୨୦ଟି ଲେଖାଏ ଗ୍ରାଣ୍ଡସ୍ଲାମ ଜିତିଥିବା ବେଳେ ଜୋକୋଭିଚ ଏମାନଙ୍କୁ ସହଜରେ ପଛରେ ପକାଇପାରିବେ ବୋଲି ଆଶା କରାଯାଉଛି। ହାର୍ଡ କୋର୍ଟ, କ୍ଲେ କୋର୍ଟ ଏବଂ ଗ୍ରାସ୍ କୋର୍ଟରେ ଖେଳାଯାଉଥିବା ୪ଟି ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ମଧ୍ୟରୁ ଅଷ୍ଟ୍ରେଲିଆ ଓପନରେ ଆଧିପତ୍ୟ ତାଙ୍କୁ ହାର୍ଡକୋର୍ଟ ସ୍ପେଶାଲିଷ୍ଟର ମାନ୍ୟତା ପ୍ରଦାନ କରିଛି। ସୁଇଜରଲାଣ୍ଡର ରୋଜର ଫେଡେରର ୬ଥର ଏହି ଅଷ୍ଟ୍ରେଲିଆ ଓପନ ଗ୍ରାଣ୍ଡସ୍ଲାମରେ ଚାମ୍ପିୟନ ହୋଇଛନ୍ତି। ଟାଇଟଲ ମୁକାବିଲରେ ସେ ୧ଘଣ୍ଟା ୫୩ମିନିଟରେ ବିଜୟୀ ହୋଇଥିଲେ। ଏଟିପି ର୍‍ୟାଙ୍କିଙ୍ଗ୍‌ରେ ୪ର୍ଥ ସ୍ଥାନରେ ଥିବା ଡାନିଲ ମେଡଭେଡେଭ କେବଳ ପ୍ରଥମ ସେଟ୍‌ରେ କିଛିଟା ଚ୍ୟାଲେଞ୍ଜ୍ ଦେଇଥିଲେ। ତେବେ ବାକି ଦୁଇଟି ସେଟ୍‌ରେ ସହଜରେ ହାର ମାନି ନ ଥିଲେ। ଏହା ପୂର୍ବରୁ ମେଡଭେଡେଭ କ୍ରମାଗତ ଭାବେ ୨୦ଟି ମ୍ୟାଚରେ ଅପରାଜେୟ ଥିଲେ। କିନ୍ତୁ ଏହି ନିର୍ଣ୍ଣାୟକ ମୁକାବିଲାରେ ଲଢ଼େଇ କରିପାରି ନ ଥିଲେ ଓ ତାଙ୍କ ସ୍ୱପ୍ନ ଧୂଳିସାତ ହୋଇଥିଲା। ପୂର୍ବରୁ ଉଭୟ ପରସ୍ପରକୁ ୭ଥର ଭେଟିଥିଲେ। ଏହି ମୁକାବିଲାରେ ଜୋକୋଭିଚ୍ ୪ଥର ଏବଂ ମେଡ୍‌ଭେଡେଭଙ୍କ ପାଇଁ ସେ ସ୍ୱତନ୍ତ୍ର ରଣନୀତି କରିବା ଯୋଗୁ ୭ଥର ତାଙ୍କ ସର୍ଭିସ ବ୍ରେକ୍ କରିବାରୁ ମ୍ୟାଚକୁ ଅତି ସହଜରେ ଜିଣିବାକୁ ସକ୍ଷମ ହୋଇଥିଲେ। ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ଯେ କୌଣସି ଗୋଟିକର ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବାରେ ସେ ହେଉଛନ୍ତି ଦ୍ୱିତୀୟ ଟେନିସ୍ ଖେଳାଳି। କେବଳ ରାଫାଲ ନାଡାଲ ୧୩ଥର ଫ୍ରେଞ୍ଚ ଓପନ୍ ଜିତି ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛନ୍ତି। ୯ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ସହ ଜୋକୋଭିକ୍ ମେଲବୋର୍ନରେ ନିଜର ପ୍ରଭୁତ୍ୱ ବଜାୟ ରଖିଛନ୍ତି।

ଅପରପକ୍ଷରେ ଜାପାନୀ ମହିଳା ଟେନିସ୍ ତାରକା ନାଓମି ଓସାକା ମଧ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅଷ୍ଟ୍ରେଲିଆନ ଓପନ ଜିତିବା ସହ ଚତୁର୍ଥ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ଫାଇନାଲ ମ୍ୟାଚରେ ତୃତୀୟ ସିଡ୍ ଓସାକା ଆମେରିକାର ୨୨ତମ ସିଡେଡ୍ ଖେଳାଳି ଜେନିଫର ବ୍ରାଡିଙ୍କୁ ସିଧା ସଳଖ ସେଟ୍‌ରେ ପରାସ୍ତ କରି ୨ୟ ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ୨୦୧୯ ଅଷ୍ଟ୍ରେଲିଆନ୍ ଓପନ ଜିତିଥିବା ବେଳେ ୨୦୧୮ ଏବଂ ୨୦୨୦ରେ ୟୁଏସ୍ ଓପନ ଜିତିଥିଲେ। ଏହି ଗ୍ରାଣ୍ଡସ୍ଲାମରେ ସେରେନା ୱିଲିୟମ୍ସ ଏବଂ ଗାର୍ବାଇନ୍ ମୁଗୁରୁଜାଙ୍କ ପରି ତାରକା ଖେଳାଳିମାନଙ୍କୁ ହରାଇ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଭବିଷ୍ୟତରେ ଓସାକା ଆଗକୁ ଅନେକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିଶ୍ୱ ଟେନିସ୍‌ରେ ଜଣେ ସୁପରଷ୍ଟାର ଭାବେ ଉଭା ହେବେ ବୋଲି ଆଶା କରାଯାଉଛି।




ନୋଭାକ ଜୋକୋଭିଚ



ନାଓମି ଓସାକା

DSPL - 235

ଓଡ଼ିଶା ସରକାର

WSC WORLD SKILL CENTER

# ୱାର୍ଲ୍ଡ ସ୍କିଲ ସେଣ୍ଟର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

## ଉଦ୍‌ଘାଟନ

୫ ମାର୍ଚ୍ଚ ୨୦୨୧

ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର





ଦକ୍ଷ ଓଡ଼ିଶା ଲକ୍ଷ୍ୟ ବିଶ୍ୱ

Skilled in ODISHA

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ

OIPR-14027/13/0012/2021